READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୮ ସଂଖ୍ୟା-୬ ୧୯ - ୨୫ ଫେବୃଆରୀ, ୨୦୨୪ ଭୁବନେଶ୍ୱର Monday Weekly VOL-8 ISSUE-6 19th - 25th FEBRUARY, 2024 BHUBANESWAR ₹ 5/- (8 Pages)

## ବଢୁଛି ଅଡୁଆ; ବିଧାୟକ ଓ ତାଙ୍କ ପୁଅଙ୍କୁ ଇଡି ସମନ



**ଭୁବନେଶ୍ୱର:** ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଏବଂ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଓ ତାଙ୍କ ପୁଅ ପ୍ରୟାସକାନ୍ତିଙ୍କ ପାଇଁ ଦିନକୁ ଦିନ ଅଡୁଆ ବଢ଼ିବାରେ ଲାଗିଛି। ନିକଟରେ ପ୍ରଫୁଲ୍ଲଙ୍କ ଘର ସମେତ ୧୦ଟି ସ୍ଥାନରେ ଇଡି ରେଡ୍ କରିଥିବା ବେଳେ ଏବେ ପ୍ରଫୁଲ୍ଲ ସାମଲ ଓ ତାଙ୍କ ପୁଅଙ୍କୁ ଇଡି ସମନ କରିଛି। ବରପଦା ଇଂଜିନିୟରିଂ କଲେଜ ଜମି ଦୁର୍ନୀତି ମାମଲାରେ ଇଡି ସମନ କରିଥିବା ଜଣାଯାଇଛି। ଡକ୍ୟୁମେଣ୍ଟ ସହ ହାଜର ହେବାକୁ ଉଭୟଙ୍କୁ ସମନ କରିଛି ଇଡି। କେଉଁ ତାରିଖରେ ବିଜେଡି ବିଧାୟକ ଓ ତାଙ୍କ ପୁଅ ଇଡିରେ ହାଜର ହେବେ ସେନେଇ ସ୍ପଷ୍ଟ ହୋଇନାହିଁ। ଗୋଟିଏ ପଟେ ପ୍ରଫୁଲ୍ଲ ସାମଲଙ୍କୁ ଇଡି ସମନ କରିଥିବା ବେଳେ ଅନ୍ୟପଟେ ତାଙ୍କ ନୂଆବଜାର ସ୍ଥିତ ଘରେ ବିଜେଡିର ନେତାମାନେ ପହଞ୍ଚିଥିଲେ। ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ସାଂସଦ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଞ୍ଜୀବ ମଲ୍ଲିକ ପ୍ରଫୁଲ୍ଲଙ୍କୁ ଭେଟି ଆଲୋଚନା କରିଥିଲେ। ନିକଟକରେ ପ୍ରଫୁଲ୍ଲ ସାମଲଙ୍କ ଭଦ୍ରକ ନୂଆବଜାର ସ୍ଥିତ ବାସଭବନରେ ଇଡିର ୬ ଜଣିଆ ଟିମ୍ ଚଢ଼ାଉ କରିଥିଲା। ସେହିପରି ବିଜେଡି ବିଧାୟକଙ୍କ ସମ୍ପର୍କୀୟଙ୍କ ଘରେ ମଧ୍ୟ ଇଡି ଚଢ଼ାଉ କରିଥିଲା। ଭଦ୍ରକ ସହରର ୬ଟି ସ୍ଥାନରେ ଓ ଭୁବନେଶ୍ୱରର ୪ଟି ସ୍ଥାନରେ ଇଡି ରେଡ୍ କରିଥିଲା। ସେଥି ମଧ୍ୟରେ ଭୁବନେଶ୍ୱରର ପଳାସପଲ୍ଲୀରେ ଥିବା ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲଙ୍କ ଘରେ ବି ରେଡ ହୋଇଥିଲା। ଚଢ଼ାଉ ବେଳେ ଇଡି ଟିମ୍ ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତିଙ୍କ ➤ ପୃ-୬

### ଓଡ଼ିଶାରେ ୬୦% ବୁଥରେ ରହିବ ୱେବକାଷ୍ଟିଂ

## ‘ସବୁ ଦଳ ପ୍ରତି ସମାନ ଆଚରଣ’



**ଭୁବନେଶ୍ୱର :** ଓଡ଼ିଶାରେ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ନିର୍ବାଚନ କମିଶନ ମଧ୍ୟ ନିର୍ବାଚନ କରାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଏଥର ରାଜ୍ୟରେ ମୋଟ ୩୭୮୦୯ଟି ମତଦାନ କେନ୍ଦ୍ର ମଧ୍ୟରୁ ୨୨୬୮୫ଟି ମତଦାନ କେନ୍ଦ୍ର (୬୦%)ରେ ୱେବକାଷ୍ଟିଂର ସୁବିଧା ରହିବ। କୌଣସି ଏକ ନିର୍ଦ୍ଦିଷ୍ଟ ଦଳକୁ ସୁହାଇବା ଭଳି କୌଣସି ପକ୍ଷପାତ ନିଷ୍ପତ୍ତି ପ୍ରଶାସନ ନେଇପାରିବ ନାହିଁ। ଏହାଉପରେ କମିଶନଙ୍କ ତୀକ୍ଷ୍ଣ ନଜର ରହିବ। ଏଭଳି କିଛି ସୂଚନା ଦେଇଛନ୍ତି ଜାତୀୟ ନିର୍ବାଚନ କମିଶନ। ରାଜ୍ୟରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଜାତୀୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି ଯେ, ଓଡ଼ିଶାର ବିଭିନ୍ନ ରାଜନୀତିକ ଦଳକୁ ନିର୍ବାଚନ କମିଶନ ଭେଟିଛନ୍ତି। ସେମାନଙ୍କର ବିଭିନ୍ନ ମତାମତ ଓ ଅଭିଯୋଗ କମିଶନଙ୍କ ନଜରକୁ ଆସିଛି। ବିଜେପି, କଂଗ୍ରେସ ଓ ବିଜେଡି ସମେତ ଆପ୍, ବିଏସପି ଓ ସିପିଏମ୍ ଦଳ ନିଜର ପକ୍ଷ କମିଶନଙ୍କ ପାଖରେ ରଖିଛନ୍ତି। କେତେକ ଦଳ ନିର୍ଦ୍ଦିଷ୍ଟ ଭାବେ ରାଜ୍ୟରେ ନିର୍ବାଚନ ସମୟରେ ନିରପେକ୍ଷତା ଅବଲମ୍ବନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାସହିତ ଆମ୍ବୁଲାନ୍ସ ଓ ସରକାରୀ ଗାଡ଼ିରେ କିଛି ଅସାଧୁ କାରବାର ହେଉଥିବାର ଅଭିଯୋଗ କରିଛନ୍ତି। ପ୍ରଶାସନର ପକ୍ଷପାତିତା ଯୋଗୁ ନିର୍ବାଚନ ସମୟରେ ସଭା ଆଦି କରିବା ପାଇଁ ସ୍ଥାନ ମିଳୁନଥିବା ମଧ୍ୟ ରାଜନୀତିକ ଦଳ କହିଛନ୍ତି। ଯାହାକୁ କମିଶନ ଗୁରୁତ୍ୱର ସହ ନେଇଛନ୍ତି। ସମସ୍ତ ଜିଲ୍ଲାପାଳ(ଜିଲ୍ଲା ନିର୍ବାଚନଅଫିସର) ଓ ପୁଲିସ ଏସପି, ଆଇଜି ଓ କମିଶନରମାନଙ୍କ ସହ ବୈଠକ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଏନଫୋର୍ସମେଣ୍ଟ ଏଜେନ୍ସୀ, ଶେଷରେ ପୁଲିସ ଡିଜି, ମୁଖ୍ୟ ସଚିବ ଓ ବିଭିନ୍ନ ବିଭାଗର ସଚିବଙ୍କ ସହ କମିଶନ କଥା ହୋଇ ରାଜ୍ୟରେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ପରାମର୍ଶ ଦେଇଛନ୍ତି। ଶ୍ରୀ କୁମାର କହିଚନ୍ତି ଯେ, ରାଜ୍ୟରେ ୨୦୧୯ ସାଧାରଣ ନିର୍ବାଚନ ତୁଳନାରେ ୨୦୨୪ରେ ୪.୪% ଭୋଟର ବୃଦ୍ଧି ପାଇଛନ୍ତି। ଭୋଟରଙ୍କ ସଂଖ୍ୟା ୩.୧୮କୋଟିରୁ ୩.୩୨କୋଟିକୁ ବୃଦ୍ଧି ହୋଇଛି। ଏଥିରେ ୧.୬୮କୋଟି ପୁରୁଷ ଓ ୧.୬୪କୋଟି ମହିଳା ଭୋଟର ଅଛନ୍ତି। ୪୩ଟି ବିଧାନସଭା ମଣ୍ଡଳୀରେ ମହିଳା ଭୋଟରଙ୍କ ଆନୁପାତିକ ହାର ପ୍ରାୟ ଏକ ହଜାର ରହିଛି। ମହିଳା ଭୋଟରଙ୍କ ସଂଖ୍ୟାରେ ଆଖିଦୃଶିଆ ବୃଦ୍ଧି ହୋଇଛି। ରାଜ୍ୟରେ ୩୩୮୦ଜଣ ତୃତୀୟ ଲିଙ୍ଗ ଭୋଟର, ୯୦୬୦ଜଣ ଶତାୟୁ ଭୋଟର, ୪.୫୮ଲକ୍ଷ ଦିବ୍ୟାଙ୍ଗ ଭୋଟର ଏବଂ ୧୮-୧୯ବର୍ଷ ମଧ୍ୟରେ ୭.୫୫ଲକ୍ଷ ଭୋଟର ଥିବା ➤ ପୃ-୬

### ଜଣଙ୍କ ଠାରୁ ଟଙ୍କା ନେଇ ଆଉ ଜଣକୁ ବିକିଦେଲେ ଜମି

## ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ପତ୍ନୀଙ୍କ ନାମରେ ରେଜିଷ୍ଟ୍ରି

**କଟକ :** ପ୍ରଥମେ ଜଣକୁ ଜମି ବିକ୍ରି କରିବା ଲାଗି ଚୁକ୍ତି ହୋଇଥିଲା। ଜମି କିଣିବା ବାବଦକୁ ୭୧ ଲକ୍ଷ ୭୫ ହଜାର ଟଙ୍କା ମଧ୍ୟ ନେଇଥିଲେ ଜମି ମାଲିକ। କିନ୍ତୁ ଜମି ବିକ୍ରି କଲା ବେଳକୁ ଆଉ ଜଣଙ୍କ ନାମରେ ରେଜିଷ୍ଟ୍ରି କରାଗଲା। ଭୁବନେଶ୍ୱରରେ ଜମି ବିକ୍ରିରେ ହୋଇଛି ଏଭଳି ଏକ ମହାକେଳେଙ୍କାରୀ। ରାଜ୍ୟର ଜନୈକ ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ପତ୍ନୀ ନମ୍ରତା ତ୍ରିପାଠୀଙ୍କ ନାମରେ ଏହି ଜମିକୁ ପଞ୍ଜିକରଣ କରାଯାଇଛି। ଫଳରେ ଏହାକୁ ବିରୋଧ କରି ପ୍ରଥମେ ଜମି କିଣିବା ପାଇଁ ଅର୍ଥ ଦେଇଥିବା ବିଭୁତି ଭୂଷଣ ମହାପାତ୍ର ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଯାହାର କେସ୍ ନମ୍ବର ଡବ୍ଲୁ.ପି (ସି)୩୪୪୪/୨୦୨୪। ଉକ୍ତ ବିବାଦୀୟ ଜମିର ସେଲ୍ ଡିଡ୍ ଉପରେ ରହିତାଦେଶ ଜାରି କରିବା ଲାଗି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଶ୍ରୀ ମହାପାତ୍ର ଦାଖଲ କରିଥିବା ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଭୁବନେଶ୍ୱରର ଗୁରୁଚରଣ ନରେନ୍ଦ୍ରଙ୍କଠାରୁ ସେ ଚନ୍ଦକା ଅଞ୍ଚଳରେ କିଛି ଜମି କିଣିବା ଲାଗି କଥା ହୋଇଥିଲେ। ପ୍ରଥମେ ଉକ୍ତ ଜମି ପାଇଁ ୬୩ ଲକ୍ଷ ଟଙ୍କା ଦେବାକୁ କଥା ଛିଡ଼ିଥିଲା। ଆବେଦନକାରୀ ୬୩ଲକ୍ଷ ଟଙ୍କା ଦେବାପରେ ଗୁରୁଚରଣ ପୁଣି ଅଧିକ ଅର୍ଥ ଦାବି କରିଥିଲେ। ଦାବି ମୁତାବକ ବିଭୁତି ଭୂଷଣ ମୋଟ ୭୧ଲକ୍ଷ ୭୫ ହଜାର ଟଙ୍କା ଜମି ମାଲିକଙ୍କୁ ପ୍ରଦାନ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ମଧ୍ୟ ଏଗ୍ରିମେଣ୍ଟ ହୋଇଥିଲା। କିନ୍ତୁ ସମସ୍ତ ଟଙ୍କା ନେବା ସତ୍ତ୍ୱେ ଜମି ମାଲିକ ଗୁରୁଚରଣ ବିଭୁତିଙ୍କ ନାମରେ ଜମି ରେଜିଷ୍ଟ୍ରି ନକରି ଉକ୍ତ ଜମିକୁ ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ପତ୍ନୀ ନମ୍ରତାଙ୍କ ନାମରେ କରି ଦେଇଥିଲେ। ଏହାକୁ ନେଇ ଆବେଦନକାରୀ ବିଭୁତି ଭୂଷଣ ଭୁବନେଶ୍ୱର ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏନେଇ ବଡଗଡ ଥାନାରେ ମଧ୍ୟ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗକ୍ରମେ ଗୁରୁଚରଣଙ୍କୁ ପୁଲିସ୍ ଗିରଫ କରିଥିଲା। ଜାମିନ ନମିଳିବାରୁ ଗୁରୁଚରଣ ବର୍ତ୍ତମାନ ଜେଲ୍‌ରେ ଅଛନ୍ତି। ଉକ୍ତ ଜମିର ସେଲ୍ ଡିଡ୍‌କୁ କାର୍ଯ୍ୟକାରୀ ନକରିବା ଲାଗି ଆବେଦନକାରୀ ଓଡ଼ିଶା ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅରୁଣ କୁମାର ବୁଦ୍ଧିଆ ଏହି ମାମଲା ରୁଜୁ କରିଛନ୍ତି। ବିଶେଷ ସୂତ୍ର ଅନୁଯାୟୀ ଏହି ମାମଲାରେ ସମ୍ପୃକ୍ତ ସବୁ ଦଲାଲ ଖୁବ୍‌ଶୀଘ୍ର ଗିରଫ ହେବେ।

## ମୋଦି ଅନ୍ୟାୟର ସୌଦାଗର, ନବୀନ ତାଙ୍କ ସମର୍ଥକ : କଂଗ୍ରେସ



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦ବର୍ଷର ଶାସନ କାଳରେ ଦେଶରେ ବିଭିନ୍ନ କ୍ଷେତ୍ରରେ ଅନ୍ୟାୟ ବୃଦ୍ଧି ପାଇଛି। ଦେଶର ଗରିବ ସାଧାରଣ ଜନତା ହୁଅନ୍ତୁ କି କୃଷକ, ମହିଳା ହୁଅନ୍ତୁ କି ଯୁବପିଢ଼ି, ସେନା ବାହିନୀ, ରାଷ୍ଟ୍ରାୟତ ଉଦ୍ୟୋଗ, କ୍ଷୁଦ୍ରଶିଳ୍ପ, ଏପରିକି ଗଣମାଧ୍ୟମ ମଧ୍ୟ ମୋଦିଙ୍କ ଅନ୍ୟାୟରୁ ବର୍ତିପାରି ନାହିଁ। ରାଜନୈତିକ ଅନ୍ୟାୟ ତ ଚରମ ସୀମାରେ ପହଞ୍ଚିଛି। କହିବାକୁ ଗଲେ ମୋଦି ଜଣେ ଅନ୍ୟାୟର ସୌଦାଗର। ଆଉ ଏସବୁ ଅନ୍ୟାୟ ବିରୋଧରେ ଓଡ଼ିଶାର ନବୀନ ସରକାର ଥରଟିଏ ବି ମୁହଁ ନ ଖୋଲି ମୋଦିଙ୍କୁ ଖୋଲା ସମର୍ଥନ କରିଆସୁଛନ୍ତି ବୋଲି ଅଖିଳ ଭାରତ କଂଗ୍ରେସ କମିଟି ମୁଖପାତ୍ର ଆଲୋକ ଶର୍ମା କହିଛନ୍ତି। ଶନିବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶର୍ମା କହିଲେ ଯେ ୨୦୧୩-୧୪ରେ ମୋଦି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମକୁ ପ୍ରସଙ୍ଗ କରି ବହୁ ବଡ଼ ବଡ଼ ଭାଷଣ ଦେଇଥିଲେ। ମାତ୍ର ସେ ଶାସନକୁ ଆସିବା ପରେ ଦରଦାମ ଆକାଶଛୁଆଁ ହୋଇଛି। ୪୧୦ ଟଙ୍କାର ରନ୍ଧନ ଗ୍ୟାସ ମୂଲ୍ୟ ବର୍ତମାନ ସବ୍‌ସିଡି ସତ୍ତ୍ୱେ ୧୦୦୦ ଟଙ୍କାରୁ ଅଧିକ ହେଲାଣି। ସେହିପରି ବେକାରୀ ସମସ୍ୟା ବର୍ତମାନ ଦେଶର ପ୍ରମୁଖ ସମସ୍ୟା ଭାବେ ଛିଡ଼ା ହୋଇଛି। ୨୦୧୪ରେ ଦେଶରେ ପ୍ରାୟ ୧କୋଟି ଯୁବକ ବେକାର ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୪କୋଟି ଛୁଇଁଲାଣି। ବିଶେଷ କରି ଓଡ଼ିଶାର ଜନସଂଖ୍ୟାକୁ ଦେଖିଲେ ୨୧ରୁ ୨୨ ପ୍ରତିଶତ ଯୁବବର୍ଗ ବେକାର ଅଛନ୍ତି। ଏଥିପାଇଁ ମୋଦି ନା ନବୀନ ଦାୟୀ ବୋଲି ଶ୍ରୀ ଶର୍ମା ପ୍ରଶ୍ନ କରିଛନ୍ତି। ଦେଶରେ ବହୁ ସରକାରୀ ପଦବି ଖାଲି ପଡ଼ିଥିବାବେଳେ ତାହା ପୂରଣ ନ କରି ଅଗ୍ନିପଥ ଭଳି ଯୋଜନା ଆଣି ଦେଶର ସୁରକ୍ଷା ଓ ଯୁବପିଢ଼ିଙ୍କ ଭବିଷ୍ୟତକୁ ମୋଦି ସରକାର ଅନ୍ଧାରକୁ ଠେଲି ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେନା ବାହିନୀରେ ଠିକା ନିଯୁକ୍ତି ପାଇଁ ଅଗ୍ନିପଥ ଯୋଜନା ଆଣିବା ପୂର୍ବରୁ ମୋଦି ସରକାର ଦେଶର ସେନା ମୁଖ୍ୟଙ୍କ ସହ ଆଲୋଚନା ମଧ୍ୟ କରିନାହାନ୍ତି। ସେହିପରି ଦେଶର କୃଷକମାନଙ୍କ ପାଇଁ ସ୍ୱାମୀନାଥନ କମିଶନଙ୍କ ରିପୋର୍ଟ ଲାଗୁ କରିବାରେ ➤ ପୃ-୬

### ବକ୍ରବାଣୀ



ପ୍ର ମୁଳାକ୍ଷରେ କେଯାଏଁ ଅଛନ୍ତି
ଛୋଟିଆ ପ୍ର ଟା କୁ କିଆଁ ଧଇଲ
ପଦୁଅଁ ଫୁଲକୁ ଆଦର ଏତେ
ଯା’ଙ୍କ ମହତକୁ କିଆଁ ସାଇଲ
ପରଦା ପଛରେ କାହାର ହାତ
କହିବ କି ଖୋଲି ବିଜୟାସୁତ
ଭଣ୍ଡାରୀପୋଖରୀ ଆସନଟାକୁ
ସଉଦା ହେଲାକି ପାଇବ ହାତ
ଖୁସିରେ ଡିଅଁନ୍ତି ଲୁଲିଆବାବା
ଏ ଥର ଯିବେ ସେ ବିଧାନସଭା।

—— ଟୁଟୁ

### ବୁଡ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ

## ତୀର୍ଥ ପୁଷ୍କରିଣୀର ଦୂଷିତ ଜଳକୁ ନେଇ ଅସନ୍ତୋଷ



**କୋଣାର୍କ :** ମାଘ ଶୁକ୍ଳ ସପ୍ତମୀ ତିଥି ଅବସରରେ ପବିତ୍ର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଓ ମହୋଦଧିରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ସହ ସୂର୍ଯ୍ୟନାରାୟଣଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ପରମ୍ପରାନୁଯାୟୀ ଷଷ୍ଠୀ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗା ମେଳାପଡ଼ିଆ ସମେତ ସମୁଦ୍ର କୂଳ, ଛୋଟାରାମ ବାବା ମଠ, ରଘୁବାବା ମଠ, ଦରିଆ ମହାବୀର ମନ୍ଦିର, ଅବଧୂତ ମଠ, ନବଗ୍ରହ ମନ୍ଦିର ଓ କୋଣାର୍କ ବଜାରର ବିଭିନ୍ନ ସ୍ଥାନରେ ରାତ୍ରୀ ଯାପନ କରିଥିଲେ। ମେଳାପଡ଼ିଆରେ ସମବେତ ଶ୍ରଦ୍ଧାଳୁ ଖୋଲା ଆକାଶ ତଳେ ବାଉଁଶ କଣି, ନଡ଼ିଆ ବରଡ଼ାରେ ପ୍ରସ୍ତୁତ ଚାଞ୍ଚ, ପଲିଥିନ୍ ଓ ନିଜ ପିନ୍ଧାଲୁଗାରେ କୁଡ଼ିଆ କରି ରହିଥିବା ବେଳେ ବାଲୁକା ଶଯ୍ୟାରେ କିଆ ପଣସ, ପଇଡ଼ ଖୋଳପା, ଭଙ୍ଗା ଇଟା ଓ ମାଟି ତିଆରି ଝିଙ୍କାରେ ଚୁଲି ପ୍ରସ୍ତୁତ କରି ମାଟିହାଣ୍ଡିରେ ଭାତ ଡ଼ାଲମା ପ୍ରସ୍ତୁତ କରି ଖାଇବା ପରେ ବଳକା ଖାଦ୍ୟକୁ ହାଣ୍ଡିଭଙ୍ଗା ପୁଷ୍କରିଣୀକୁ ନେଇ ସେଠାରେ କଚାଡ଼ି ଭାଙ୍ଗିଥିଲେ। ଶୁକ୍ରବାର ମାଘ ଶୁକ୍ଳ ଷଷ୍ଠୀ ରାତି ୧୫ରେ ମାଧିପୁରର ମହାଦେବ ଶ୍ରୀ ଶ୍ରୀ ତ୍ରିବେଣିଶ୍ୱର, କୁରୁଜଙ୍ଗର ଦକ୍ଷିଣେଶ୍ୱର ଓ ସନ୍ଥପୁରର ଈଶାଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମ ନିଜ ନିଜ ଆସ୍ଥାନରୁ ବାହାରି ବିମାନରେ ବିଜେ କରିବା ପରେ ଘଣ୍ଟ, ଘଣ୍ଟା, ମର୍ଦ୍ଦଳ, ଶଙ୍ଖା, ବନାଟି, ନାଗାନାଚ, ରଙ୍ଗବେରଙ୍ଗର ଆଲୋକ ସାଙ୍ଗକୁ ଆତାଶବାଜିର ➤ ପୃ-୬

### ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ

## ନିର୍ବାଚନୀ ବଣ୍ଡ ଅସାମ୍ବିଧାନିକ



**ନୂଆଦିଲ୍ଲୀ,୧୫।୨:** ଇଲେକ୍ଟୋରାଲ ବଣ୍ଡ ଉପରେ ରୋକ ଲଗାଇଲେ ସୁପ୍ରିମ୍‌କୋର୍ଟ। ସାଧାରଣ ନିର୍ବାଚନ ପୂର୍ବରୁ ବଣ୍ଡ ବ୍ୟବସ୍ଥା ଉପରେ କଟକଣା ଲଗାଇଛନ୍ତି ସର୍ବୋଚ୍ଚ ଅଦାଲତ। ଐତିହାସିକ ରାୟରେ କୋର୍ଟ କହିଛନ୍ତି ଯେ ନାଗରିକଙ୍କ ସୂଚନା ଅଧିକାରକୁ ବଣ୍ଡ ବ୍ୟବସ୍ଥା ଉଲ୍ଲଂଘନ କରୁଛି। ଏହା ଅସାମ୍ବିଧାନିକ। ଏହାର ଆଇନଗତ ବୈଧତାକୁ ଚାଲେଞ୍ଜ କରି ଆଗତ କେତେକ ପିଟିସନର ଶୁଣାଣି ପରେ ଆଜି ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି ସର୍ବୋଚ୍ଚ ଅଦାଲତ। ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଏହି ବଣ୍ଡ ବ୍ୟବସ୍ଥା ଅସାମ୍ବିଧାନିକ। ରାଜନୈତିକ ଦଳଙ୍କୁ ପାଣ୍ଠି ପ୍ରଦାନରେ ଏହା ଏକ ବିବାଦୀୟ ବ୍ୟବସ୍ଥା। ଏହା ସହ ତୁରନ୍ତ ଇଲେକ୍ଟୋରାଲ ବଣ୍ଡ ପ୍ରଦାନ ବନ୍ଦ ଲାଗି ସୁପ୍ରିମ୍‌କୋର୍ଟ ଷ୍ଟେଟବ୍ୟାଙ୍କକୁ ଦେଇଛନ୍ତି ନିର୍ଦ୍ଦେଶ। ଏହି ବ୍ୟବସ୍ଥା ସମ୍ବିଧାନର ଧାରା ୧୯(୧)କୁ କ୍ଷୁର୍ଣ୍ଣ କରୁଛି। ରାଜନୈତିକ ଦଳ ଦ୍ୱାରା ଗ୍ରହଣ କରାଯାଇଥିବା ସମସ୍ତ ଇଲେକ୍ଟୋରାଲ ବଣ୍ଡର ତଥ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବା ଲାଗି ଷ୍ଟେଟବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମିକୋର୍ଟ। ➤ ପୃ-୬

## ୱେଲସ୍ପନ ଓଡ଼ିଶା ପାଇଁ ନୂଆ ଅଧ୍ୟାୟ ସୃଷ୍ଟି କରିବ : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୌଦ୍ୱାରରେ ବିଶ୍ୱ ପ୍ରସିଦ୍ଧ ବୟନଶିଳ୍ପ କମ୍ପାନୀ ୱେଲସ୍ପନର ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଶିଳାନ୍ୟାସ କରିଛନ୍ତି। ଏହା ସହିତ ଚୌଦ୍ୱାରରେ ଆରମ୍ଭ ହୋଇଛି ଶିଳ୍ପାୟନ ପୁର୍ନବିକାଶର ଏକ ଗୌରବମୟ ଅଧ୍ୟାୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚୌଦ୍ୱାର ପାଇଁ ବହୁତ ଖୁସିର ଦିନ। ଚୌଦ୍ୱାର ତାର ଗୌରବ ଫେରି ପାଇବାକୁ ଯାଉଛି। ପଚାଶ ଦଶକର ଆରମ୍ଭରେ ବିଜୁ ବାବୁ ଚୌଦ୍ୱାରରେ ଶିଳ୍ପ ବିକାଶର ଭିତ୍ତି ରଖିଥିଲେ। ପୁଣି ଥରେ ଚୌଦ୍ୱାର ପାଇଁ, କଟକ ଜିଲ୍ଲା ପାଇଁ, ସାରା ଓଡିଶା ପାଇଁ ଶିଳ୍ପ କ୍ଷେତ୍ରରେ ନୂଆ ଇତିହାସ ଲେଖାଗଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ୱେଲସ୍ପନ ଗ୍ରୁପ ବିଶ୍ୱର ଏକ ପ୍ରସିଦ୍ଧ ବୟନ ସାମଗ୍ରୀ ଉତ୍ପାଦନ କମ୍ପାନୀ। ଚୌଦ୍ୱାରରେ ଏହା ଏକ ଇଣ୍ଟିଗ୍ରେଟେଡ୍ ଟେକ୍ସଟାଇଲ ମାନୁଫାକ୍ଚରିଂ ଫାସିଲିଟି ଏବଂ ୱେୟାରହାଉସିଂ କମ୍ପ୍ଲେକ୍ସ ନିର୍ମାଣ କରୁଛି। ଏଥିପାଇଁ କମ୍ପାନୀ ୩,୦୫୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରୁଛି। ଏହା ଦ୍ୱାରା ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହା ସହିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକୁ ବ୍ୟାପାର କ୍ଷେତ୍ରରେ ବିପୁଳ ସମ୍ଭାବନା ସୃଷ୍ଟି ହେବା ସହିତ ରାଜ୍ୟର ଶିଳ୍ପ ବାତାବରଣରେ ଉନ୍ନତି ଆସିବ। ୨୦୨୨ ମେକ-ଇନ୍-ଓଡିଶା କାର୍ଯ୍ୟକ୍ରମ ସମୟରେ ରାଜ୍ୟ ଶିଳ୍ପ ବିଭାଗ ଓ ଇପିକଲ୍ ପକ୍ଷରୁ ଏକ ଟିମ୍ ୱେଲସ୍ପନ ଗ୍ରୁପର ଅଧ୍ୟକ୍ଷ ବି.କେ. ଗୋଏଙ୍କାଙ୍କୁ ଓଡିଶାରେ ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ। ଓଡିଶାର ଶିଳ୍ପନୀତି ଓ ଅନୁକୂଳ ଶିଳ୍ପ ବାତାବରଣକୁ ଉପଲବ୍ଧି କରି ଏହି ଗୃପ ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସମ୍ମତି ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଶିଳ୍ପ ଦ୍ୱାରା ଆମର କଳାହାଣ୍ଡି, ବଲାଙ୍ଗୀର, ରାୟଗଡା ଓ ଗଜପତି ପରି ଜିଲ୍ଲାର କପା ଚାଷୀ ମାନେ ମଧ୍ୟ ଉପକାର ପାଇବେ। ବୟନ ଶିଳ୍ପରେ ମା ମାନଙ୍କ ପାଇଁ ବହୁତ ସୁଯୋଗ ଅଛି ବୋଲି ମତ ଦେଇ ସେ କହିଥିଲେ ଯେ ସେମାନଙ୍କର ଦକ୍ଷତା ବିକାଶ କରାଯାଇ ସେମାନଙ୍କର ନିଯୁକ୍ତି ପାଇଁ ବହୁତ ସୁଯୋଗ ଆସିବ। ୱେଲସ୍ପନ ଗ୍ରୁପ ସାରା ପୃଥିବୀର ଏକ ପ୍ରସିଦ୍ଧ ପ୍ରସିଦ୍ଧ ବୟନ ଶିଳ୍ପ କମ୍ପାନୀ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଇଉରୋପ, ଆମେରିକା ପରି ବିଶ୍ୱର ଧନୀ ଦେଶ ମାନଙ୍କୁ ଏହାର ସାମଗ୍ରୀ ବହୁ ସଂଖ୍ୟାରେ ରପ୍ତାନୀ ହୁଏ। ଏପରି କମ୍ପାନୀ ଓଡିଶାକୁ ଆସିବା, ବହୁତ ଖୁସିର କଥା ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚୌଦ୍ୱାରରେ ଏହି କମ୍ପାନୀ ପୁଞ୍ଜିନିବେଶ ଓ ନିଯୁକ୍ତି କ୍ଷେତ୍ରରେ ଓଡିଶା ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବ। ୱେଲସ୍ପନ ଗ୍ରୁପର ଅଧ୍ୟକ୍ଷ ବି.କେ. ଗୋଏଙ୍କାଙ୍କୁ ଓଡିଶାରେ ପୁଞ୍ଜି ବିନିଯୋଗ ପାଇଁ ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାର ବିକାଶ ଯାତ୍ରାରେ ୱେଲସ୍ପନ ଗ୍ରୁପର ପାର୍ଟନରସିପ୍ ଅଭିବୃଦ୍ଧିର ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ସେ ମତ ଦେଇଥିଲେ। ଏହି ଶିଳ୍ପର ସଫଳତା ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ସେ ପ୍ରତିଶୃତି ଦେଇଥିଲେ। ଶିଳ୍ପ କ୍ଷେତ୍ରରେ ଏହି ଯାତ୍ରା କଟକ ଜିଲ୍ଲାର ବିକାଶକୁ ଉଜ୍ଜଳ କରିବ ବୋଲି ପ୍ରକାଶ କରି ସେ କହିଥିଲେ ଯେ ସମସ୍ତଙ୍କ ସହଯୋଗରେ ଓଡିଶା ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବରେ ସାରା ପୃଥିବୀରେ ସୁନାମ କରିବ। ୱେଲସ୍ପନ ଗ୍ରୁପର ଅଧ୍ୟକ୍ଷ ବି. କେ. ଗୋଏଙ୍କା କହିଲେ ଯେ ଗତ ୨୦ ବର୍ଷ ମଧ୍ୟରେ ଓଡିଶାରେ ବ୍ୟାପକ ଉନ୍ନତି ଆସିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଓ କଠିନ ପରିଶ୍ରମ ଯୋଗୁ ଓଡିଶାରେ ଏପରି ପରିବର୍ତ୍ତନ ଦେଖିବାକୁ ମିଳିଛି ବୋଲି ସେ କହିଥିଲେ। ରାଜ୍ୟ ସରକାରଙ୍କ ୫ଟି ଉପକ୍ରମ ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରି କହିଥିଲେ ଯେ ଏହି ନୀତି ଯୋଗୁ ଓଡିଶାର ସରକାରୀ ସ୍କୁଲ ଗୁଡିକ ପ୍ରାଇଭେଟ ସ୍କୁଲଠାରୁ ଅଧିକ ଭଲ ହୋଇ ପାରିଛି। ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**
ସ୍ୱାସ୍ଥ୍ୟରେ ଯଥେଷ୍ଟ ଉନ୍ନତି ହେବ। ସାକାରତ୍ମକ ଅନୁଭବ କରିବେ। କାର୍ଯ୍ୟକ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ମନ ଦେବେ। ଆୟ ଓ ସମ୍ମାନ ବଢ଼ିବ। କାହାସହ ତର୍କ କରନ୍ତୁ ନାହିଁ। ପ୍ରେମରେ ସଫଳ ହେବେ। ଶୁଭ ତାରିଖ : ୨୦,୨୧। ଭାଗ୍ୟଫଳ-୮୦%। ପ୍ରତିକାର : ପ୍ରତ୍ୟହ ଶିବ ଚାଳିଶା ପାଠ କରନ୍ତୁ।

**ବୃଷ**
ମୁଣ୍ଡ ବିନ୍ଧା ଓ ଆଖିରେ ଅସୁବିଧା ହେବ। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ବଢ଼ିବ। ବ୍ୟବସାୟରେ ବିସ୍ତାର ହୋଇପାରେ। ରୋକିଥିବା ଧନ ଫେରିବ। ଛାତ୍ରମାନେ ସଫଳତା ପାଇବେ। ଦମ୍ପତ୍ତିଙ୍କ ସମ୍ପର୍କ ଦୃଢ଼ ହେବ। ଶୁଭ ତାରିକ : ୨୦, ୨୨, ୨୩। ଭାଗ୍ୟଫଳ-୮୦%। ପ୍ରତିକାର : ବେଲ ପତ୍ରରେ ରାମନାମ ଲେଖି ଭଗବାନ ଶିବଙ୍କୁ ଅର୍ପଣ କରନ୍ତୁ।

**ମିଥୁନ**
ମାଆଙ୍କର ସ୍ୱାସ୍ଥ୍ୟ ବିଗିଡିପାରେ। ଆପଣଙ୍କ ଅଳସୁଆମୀ ପାଇଁ କାର୍ଯ୍ୟକ୍ଷେତ୍ର ଓ ବ୍ୟବସାୟରେ ପ୍ରତିବନ୍ଧକ ଆସିପାରେ। ଛାତ୍ରଙ୍କ ସମୟ ଅନୁକୁଳ। ପତିପତ୍ନୀଙ୍କର ମତାନ୍ତର ହୋଇପାରେ। ଶୁଭ ତାରିଖ : ୨୨, ୨୩। ଭାଗ୍ୟଫଳ-୮୦%। ପ୍ରତିକାର : ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**କର୍କଟ**
ଆଣ୍ଠୁ ଗଣ୍ଠିରେ ଯନ୍ତ୍ରଣା ହୋଇପାରେ। ପରିଶ୍ରମ ବଳରେ ସଫଳତା ପାଇବେ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ନୂଆ ସମ୍ପତ୍ତି କିଣିପାରନ୍ତି। ଆୟ ବଢ଼ିବ। ପରିବାରରେ ବିବାଦ ହୋଇପାରେ। ଶୁଭ ତାରିଖ : ୨୦, ୨୧। ଭାଗ୍ୟଫଳ-୭୦%। ପ୍ରତିକାର : ଭଗବାନ ଗଣେଷଙ୍କ ମନ୍ତ୍ର ପାଠ କରନ୍ତୁ।

**ସିଂହ**
ଋତୁକାଳୀନ ବେମାରୀ ହୋଇପାରେ। ପରିଶ୍ରମ ବଳରେ ସଫଳତା ପାଇବେ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ପାଇପାରନ୍ତି। ଅତିଥି ଆସିପାରନ୍ତି। କୋର୍ଟ କଚେରୀରେ ସଫଳ ହେବେ। ଶୁଭ ତାରିଖ: ୨୧, ୨୩। ଭାଗ୍ୟଫଳ : ୮୦%। ପ୍ରତିକାର : ବରଗଛ ମୂଳରେ ଜଳ ଅର୍ପଣ କରନ୍ତୁ।

**କନ୍ୟା**
ସ୍ୱାସ୍ଥ୍ୟ ପାଇଁ ବିଶେଷ ସତର୍କ ରହନ୍ତୁ। ତରବରିଆ ନିଷ୍ପତ୍ତି ନିଅନ୍ତୁ ନାହିଁ। ସରକାରୀ କାମରେ ସଫଳ ହେବେ। ଆୟରେ ବାଧା ଆସିବ। ଭାଇଭଉଣୀଙ୍କ ସହ ସମୟ କଟିବ। ଜୀବନସାଥୀଙ୍କୁ ଉପହାର ଦେଇପାରନ୍ତି। ଶୁଭ ତାରିଖ : ୨୨, ୨୩, ୨୪। ଭାଗ୍ୟଫଳ - ୮୦%। ପ୍ରତିକାର : ଭଗବାନ ବିଷ୍ଣୁଙ୍କ ଆଗରେ ଘିଅ ଦୀପ ଜାଳନ୍ତୁ।

**ତୁଳା**
ପୁରୁଣା ରୋଗରୁ ମୁକ୍ତି ମିଳିବ। ନୂଆ ବ୍ୟବସାୟର ସୁଯୋଗ ଆସିପାରେ। ପଦୋନ୍ନତି ଯୋଗ ଅଛି। ଆୟରେ ଅହେତୁକ ବୃଦ୍ଧି ହେବ। ଛାତମାନେ ଅସ୍ଥିର ରହିବେ। ବିବାହିତ ଲୋକଙ୍କ ସମସ୍ୟା ବଢ଼ିବ। ଶୁଭ ତାରିଖ : ୨୩, ୨୫। ଭାଗ୍ୟଫଳ-୭୦%। ପ୍ରତିକାର: ଦୁଃଖିଙ୍କୁ ଖାଦ୍ୟ ଦିଅନ୍ତୁ।

**ବିଛା**
ସ୍ୱାସ୍ଥ୍ୟ ବିଗିଡିଯାଇପାରେ। ବ୍ୟବସାୟରେ ଦୁଇଗୁଣା ଲାଭ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ନୂଆ ସୁଯୋଗ ମିଳିବ। ସନ୍ତାନଙ୍କ ଖୁସି ଖବର ପାଇବେ। ଶୁଭ ତାରିଖ : ୨୫, ୨୬। ଭାଗ୍ୟଫଳ - ୯୦%। ପ୍ରତିକାର : ଗରିବଙ୍କୁ ଲାଲ ବସ୍ତ୍ର ଦାନ କରନ୍ତୁ।

**ଧନୁ**
ପିତାଙ୍କ ସ୍ୱାସ୍ଥ୍ୟରେ ସମସ୍ୟା ହୋଇପାରେ। ସୁଖ ସମୃଦ୍ଧି ବଢ଼ିବ। ବାଦବିବାଦରୁ ଦୂରେଇ ରହନ୍ତୁ। ନିବେଶରୁ ଲାଭ ମିଳିବ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ନେଇ ଚିନ୍ତିତ ହୋଇପାରନ୍ତି। ଶୁଭ ତାରିଖ : ୨୧, ୨୫। ଭାଗ୍ୟଫଳ : ୭୦%। ପ୍ରତିକାର : ସୂର୍ଯ୍ୟଙ୍କୁ ଅର୍ଘ ଦିଅନ୍ତୁ।

**ମକର**
ରକ୍ତଚାପ ଓ ମୁଣ୍ଡବିନ୍ଧା ହୋଇପାରେ। ଆର୍ଥିକ ସ୍ଥିତି ମଜଭୁତ ହେବ। କାର୍ଯ୍ୟକ୍ଷେତ୍ରରେ ଅଧିକାରୀଙ୍କ ସହ ମତାନ୍ତର ହୋଇପାରେ। ପରିବାର ସହ ବାହାରକୁ ଯାଇପାରନ୍ତି। ବ୍ୟସ୍ତତା ବଢ଼ିବ। ଶୁଭ ତାରିଖ : ୨୨, ୨୪। ଭାଗ୍ୟଫଳ : ୭୦। ପ୍ରତିକାର : ଛୋଟଖଣ୍ଡେ ରୂପା ପାଖରେ ରଖନ୍ତୁ।

**କୁମ୍ଭ**
ମନ ଚଞ୍ଚଳ ଓ ଅସ୍ଥିର ରହିବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ନୂଆ ଚାକିରୀ ମିଳିପାରେ। ଜୀବନସାଥୀଙ୍କ ଆର୍ଥିକ ସ୍ଥିତି ଦୃଢ଼ ହେବ। ଛାତ୍ରମାନେ ସଫଳ ହେବେ। ପ୍ରେମରେ ସଫଳ ହେବେ। ଶୁଭ ତାରିଖ : ୨୩, ୨୪। ଭାଗ୍ୟଫଳ : ୯୦%। ପ୍ରତିକାର : ଗାଈକୁ ଚାରା ଦିଅନ୍ତୁ।

**ମୀନ**
ସ୍ୱାସ୍ଥ୍ୟରେ ବ୍ୟାପକ ସୁଧାର ଆସିବ। କିଛି ଶୁଭ ଖବର ପାଇବେ। ପଦୋନ୍ନତି ଯୋଗ ଅଛି। ପୁରୁଣା ଧନ ଫେରିବ। ଭୂମି, ଘର, ଗାଡି କ୍ରୟ କରିପାରନ୍ତି। ଶୁଭ ତାରିଖ : ୨୩, ୨୫। ଭାଗ୍ୟଫଳ : ୮୦%। ପ୍ରତିକାର : ଶିବ ଚାଳିଶା ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

ଇଏସଆଇସି ନିୟମରେ ବଡ଼ ପରିବର୍ତ୍ତନ

# ଅଧିକ ବେତନଧାରୀ ପୂର୍ବତନ କର୍ମଚାରୀ ପାଇବେ ଚିକିତ୍ସା ସେବା

**ନୂଆଦିଲ୍ଲୀ :** ରାଜ୍ୟ କର୍ମଚାରୀ ବୀମା ନିଗମ (ଇଏସଆଇସି) ନିୟମରେ ହୋଇଛି ବଡ଼ ପରିବର୍ତ୍ତନ। ଏହା ଜରିଆରେ ନିଗମ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛି। ଏହା ଅଧୀନରେ ବର୍ତ୍ତମାନ ସେହି ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ମଧ୍ୟ ଚିକିତ୍ସା ସେବାର ଲାଭ ମିଳିବ, ଯେଉଁମାନେ ବେତନ ସୀମା ଅଧିକ ହେତୁ ଇଏସଆଇସି ଯୋଜନାରୁ ବଞ୍ଚିତ ହେଉଥିଲେ। ନିୟମ ଅନୁଯାୟୀ, ଏହାର ଲାଭ ସେହି କର୍ମଚାରୀଙ୍କ ପାଇଁ ଉପଲବ୍ଧ ହେବ ଯେଉଁମାନେ ୧ ଏପ୍ରିଲ୍ ୨୦୧୨ ପରେ ଅତି କମରେ ପାଞ୍ଚ ବର୍ଷ ପାଇଁ ଇଏସଆଇସି ସ୍କିମ୍ ଅଧୀନରେ ରହିଥିବେ। ନିକଟରେ ଅନୁଷ୍ଠିତ ଇଏସଆଇସି ବୈଠକରେ ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଏହାଛଡା ଇଏସଆଇସି ନିୟମ ଅନୁଯାୟୀ, ୨୦୧୭ ଏପ୍ରିଲ୍ ପହିଲା କିମ୍ବା ପରେ ଯଦି କର୍ମଚାରୀ ଜଣକ ମାସକୁ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବେତନ ସହିତ ଅବସର ନେଇଥିବେ କିମ୍ବା ସ୍ୱେଚ୍ଛାକୃତ ଅବସର ନେଇଥିବେ ସେ ଇଏସଆଇସି ଯୋଜନାରେ ସାମିଲ ହୋଇପାରିବେ। ପ୍ରଚଳିତ ନିୟମାନୁଯାୟୀ, ସେହି କର୍ମଚାରୀଙ୍କ ପାଇଁ ଇଏସଆଇସି ଯୋଜନାର ଲାଭ ଉପଲବ୍ଧ, ଯେଉଁମାନଙ୍କର ମାସିକ ଆୟ ୨୧ ହଜାର କିମ୍ବା ତା' ଠାରୁ କମ୍। ଯେତେବେଳେ କି ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ସର୍ବନିମ୍ନ ବେତନର ସୀମା ହେଉଛି ମାସକୁ ୨୫,୦୦୦ ଟଙ୍କା। ଏହି ଯୋଜନାରେ ଉଭୟ କର୍ମଚାରୀ ଏବଂ ନିଯୁକ୍ତିଦାତା ଯୋଗଦାନ ଦେଇଥାନ୍ତି। ଅବସରପ୍ରାପ୍ତ କର୍ମଚାରୀ ଏବଂ ସ୍ଥାୟୀ ଭାବେ ଅକ୍ଷମ ବୀମାଭୁକ୍ତ ବ୍ୟକ୍ତି ଏବଂ ସେମାନଙ୍କ ପତି-ପତ୍ନୀ ବାର୍ଷିକ ୧୨୦ ଟଙ୍କା ପ୍ରିମିୟମରେ ଚିକିତ୍ସା ସେବା ପାଇବେ। ବୀମାଭୁକ୍ତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ଖର୍ଚ୍ଚ ଉପରେ କୌଣସି ସୀମା ନାହିଁ। ଏହି ଯୋଜନା ଅଧୀନରେ କର୍ମଚାରୀମାନଙ୍କୁ ଇଏସଆଇ କାର୍ଡ ଦିଆଯାଉଛି। କର୍ମଚାରୀମାନେ ଇଏସଆଇ ଡିସପେନସାରି କିମ୍ବା ଡାକ୍ତରଖାନାରେ ମାଗଣା ଚିକିତ୍ସା ପାଇପାରିବେ। ଏଠାରେ ଇଏସଆଇସିର ଦେଶରେ ୧୫୦ରୁ ଅଧିକ ଡାକ୍ତରଖାନା ରହିଛି, ଯେଉଁଠାରେ ସାଧାରଣଠାରୁ ବଡ଼ ରୋଗର ଚିକିତ୍ସା ସୁବିଧା ଉପଲବ୍ଧ।

# ଲାକ୍ଷାଦ୍ୱୀପରେ ଆଇଏନ୍ଏସ୍‌ର ନୂଆ ବେସ୍

## ଏଥର ପଡ଼ୋଶୀ ରାଷ୍ଟ୍ର ଉପରେ ନଜର ରଖିବ ଭାରତ



**ନୂଆଦିଲ୍ଲୀ :** ମାଳଦ୍ୱୀପ ଏବଂ ଚୀନର କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଭାରତର ନୂଆ ଚାଲ୍। ପଡୋଶୀ ରାଜ୍ୟ ଉପରେ ଟିକିନିକି ନଜର ରଖିବା ପାଇଁ ବଡ଼ ପଦକ୍ଷେପ ନେଇଛି ଭାରତ ସରକାର। ଲକ୍ଷଦ୍ୱୀପର ମିନିକୋଏ ଆଇଲ୍ୟାଣ୍ଡରେ ନୌସେନାଙ୍କ ଏକ ବେସ୍ କ୍ୟାମ୍ପ ପ୍ରସ୍ତୁତ କରାଯାଇଛି। ଯାହା ୪ କିମ୍ବା ୫ ମାର୍ଚ୍ଚରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଦ୍ୱାରା ଉଦଘାଟନ କରାଯିବ। ଏହା ଛଡା ଅତାଗୀ ଆଇଲାଣ୍ଡରେ ମଧ୍ୟ ଏକ ବେସ୍ କ୍ୟାମ୍ପ ତିଆରି କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷାଦ୍ୱୀପ ଯାତ୍ରାପରେ ଭାରତ ସରକାର ଅଗାତୀ ଏବଂ ମିନିକୋଏ ଆଇଲ୍ୟାଣ୍ଡରେ ନୌସେନାଙ୍କ ବେସ୍ ନିର୍ମାଣ କରାଯିବା ନେଇ ନିଷ୍ପତ୍ତି ନେଇଛନ୍ତି। ମିନିର୍କାୟରେ ଆଇଏନଏସ୍ ଜଟାୟୁର ନୌସେନାଙ୍କ ବେସ୍ ନିର୍ମାଣ କରାଯାଉଛି। ଏହି ସେନା ବେସ୍ ଲକ୍ଷଦ୍ୱୀପ ଠାରୁ ମାତ୍ର ୫୨୪ କିମି ଦୂରରେ ଅବସ୍ଥିତ। କେବଳ ଏତିକି ନୁହେଁ ଭାରତ ନିଜର ଅଗାତୀ ଆଇଲ୍ୟାଣ୍ଡରେ ଏବେ ଏୟାଷ୍ଟ୍ରିପକୁ ଅପଗ୍ରେଡ୍ କରୁଛି। ଯାହାର ବ୍ୟବହାର ଫାଇଟର ଜେଟ୍ ଏବଂ ଭାରୀ ବିମାନ ସଂଚାଳନ ପାଇଁ କରାଯିବ। ଏହା ସହିତ ମାଳଦ୍ୱୀପ ଏବଂ ଚୀନ ଉପରେ ମଧ କଡ଼ା ନଜର ରଖାଯାଇପାରିବ।

# 'ଶତ ପ୍ରତିଶତ ସରକାରୀ ଯୋଜନାର ଲାଭ ହିତାଧିକାରୀଙ୍କ ପାଖରେ ପହଞ୍ଚୁଛି'

**ନୂଆଦିଲ୍ଲୀ,(ପିଆଇବି) :** କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଫେଡେରାଲ ବ୍ୟାଙ୍କର ୨୦୨୪ ବାର୍ଷିକ ସରକାର ଏବଂ ସଂସ୍ଥାଗତ ବ୍ୟବସାୟ ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ପ୍ରାରମ୍ଭରେ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଫେଡେରାଲ ବ୍ୟାଙ୍କକୁ ସର୍ବକାଳୀନ ସର୍ବୋଚ୍ଚ ସେୟାର ମୂଲ୍ୟ ପାଇଁ ଅଭିନନ୍ଦନ ଜଣାଇଥିଲେ। ବର୍ତ୍ତମାନର ସରକାର ପୂର୍ବରୁ ଥିବା ସମୟକୁ ମନେ ପକାଇ ଶ୍ରୀ ଠାକୁର କହିଥିଲେ ଯେ ୨୦୧୪ ପୂର୍ବରୁ ସରକାର ପଲିସି ପାରାଲିସିସ୍ ପାଇଁ ଜଣାଶୁଣା ଥିଲେ। ୨୦୧୪ ପରଠାରୁ ବ୍ୟାଙ୍କିଂ କ୍ଷେତ୍ରରେ ସଂସ୍କାର, ପ୍ରଦର୍ଶନ, ରୂପାନ୍ତରକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ବ୍ୟାଙ୍କିଙ୍ଗ କ୍ଷେତ୍ର ଆଜି ଋଣ ବୋଝରୁ ମୁକୁଳି ସର୍ବକାଳୀନ ସର୍ବୋଚ୍ଚ ପ୍ରଦର୍ଶନ କରୁଛି। ୨୦୧୪ ପୂର୍ବରୁ ଅର୍ଥନୈତିକ ଅପରାଧୀଙ୍କ ଦ୍ୱାରା ଦେଶ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବର୍ତ୍ତମାନର ସରକାର ହିଁ ଅର୍ଥନୈତିକ ଅପରାଧୀ ବିଲ୍ ଆଣିଥିଲେ ଏବଂ ଏବେ ବି ସମସ୍ତ ଅପରାଧୀଙ୍କୁ ଭାରତ ଫେରାଇ ଆଣିବା ପାଇଁ ବିଦେଶରେ ମାମଲା ଲଢୁଛନ୍ତି। ମୋଟ ଏନପିଏ ୩.୨%କୁ ହ୍ରାସ ପାଇଛି ଏବଂ ୨୦୨୩ରେ ରିଟର୍ଣ୍ଣ ଅନ୍ ଆସେଟ ୦.୫%ରୁ ୦.୭୯%କୁ ବୃଦ୍ଧି ପାଇଛି। ଶ୍ରୀଯୁକ୍ତ ଠାକୁର କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଘୋଷଣା କରିଥିଲେ ସେତେବେଳେ ଅନେକ ଲୋକ ଏହାକୁ ନନ-ଷ୍ଟାର୍ଟର ବୋଲି କହି ପ୍ରତ୍ୟାଖ୍ୟାନ କରିଥିଲେ। କିନ୍ତୁ ଆଜି ସରକାର ଏହି ଯୋଜନାରେ ୪୫ କୋଟି ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ସଫଳତା ଲାଭ କରିଛି। ଏହି ଜନଧନ ଆକାଉଣ୍ଟ ଅଧୀନରେ ଥିବା ପାଣ୍ଠି ହେଉଛି ୨.୧ ଲକ୍ଷ କୋଟି ଟଙ୍କାର ଏକ ବିଶାଳ ପାଣ୍ଠି ଯାହା ବ୍ୟାଙ୍କିଙ୍ଗ ଇକୋସିଷ୍ଟମର ଏକ ଅଂଶ ଅଟେ। ବିମୁଦ୍ରିକରଣ ପରେ ଯେତେବେଳେ ସରକାର ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିଥିଲେ ସେତେବେଳେ ସମାନ ମନୋଭାବ ରହିଥିଲା କିନ୍ତୁ ଆଜି ଭୀମ ୟୁପିଆଇ ଦ୍ୱାରା ସବୁଠାରୁ ଛୋଟ ପେମେଣ୍ଟ କରାଯାଉଛି। ଏସବୁ ଉଦାହରଣ ଭାରତକୁ ବିଶ୍ୱର ଦୁର୍ବଳ ୫ ରୁ ଟପ୍-୫ ଅର୍ଥନୀତିକୁ ନେଇଯାଇଛି ଏବଂ ଖୁବଶୀଘ୍ର ଦେଶକୁ ତୃତୀୟ ବୃହତ୍ତମ ଅର୍ଥନୀତିରେ ପହଞ୍ଚାଇବ। ଶ୍ରୀ ଠାକୁର କହିଥିଲେ ଯେ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତାର ମିଶ୍ରଣ ରେ ସରକାରଙ୍କ ପ୍ରୟାସ ଗତ ଦଶ ବର୍ଷ ମଧ୍ୟରେ ୨୫ କୋଟି ଲୋକଙ୍କୁ ବହୁମୁଖୀ ଦାରିଦ୍ର୍ୟରୁ ବାହାର କରିବାରେ ସଫଳ ହୋଇଛନ୍ତି ଏବଂ ଏହା ସରକାରୀ ଯୋଜନାରୁ ଲୋକମାନେ ଉପକୃତ ହେବାର ପ୍ରମାଣ। ସରକାର ଗର୍ବର ସହ ଘୋଷଣା କରିପାରିବେ ଯେ ଜେଏଏମ କାର୍ଯ୍ୟକାରୀ ହେବା କାରଣରୁ ସାମାଜିକ କ୍ଷେତ୍ର ର ଯୋଜନାରେ ସରକାରୀ ଖର୍ଚ୍ଚର ଶତ ପ୍ରତିଶତ ହିତାଧିକାରୀଙ୍କ ପାଖରେ ପହଞ୍ଚୁଛି। ମନ୍ତ୍ରୀ ସୁନିଶ୍ଚିତ କରିଥିଲେ ଯେ ସରକାର ସାହସିକ ପଦକ୍ଷେପ ନେବା ଜାରି ରଖିବେ ଏବଂ ୨୦୪୭ ସୁଦ୍ଧା ଭାରତକୁ ଶ୍ରେଷ୍ଠ ୩ ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଦେଶରେ ପହଞ୍ଚାଇବାକୁ ଦୃଢ଼ ପ୍ରତିଶ୍ରୁତିବଦ୍ଧ।

## ଇସ୍ରୋର ଇନସାଟ୍-୩ଡିଏସ୍ ଉତକ୍ଷେପଣ ସଫଳ

**ନୂଆଦିଲ୍ଲୀ :** ମହାକାଶ ଗବେଷଣା କ୍ଷେତ୍ରରେ ଇସ୍ରୋକୁ ଆଉ ଏକ ସଫଳତା। ପାଣିପାଗ ଉପଗ୍ରହ ଇନସାଟ୍-୩ଡିଏସ୍‌ର ଉତକ୍ଷେପଣ ସଫଳ ହୋଇଛି। ଆନ୍ଧ୍ରପ୍ରଦେଶ ସ୍ଥିତ ଶ୍ରୀହରିକୋଟା ଶତୀଶ ଧାୱନ ସ୍ପେଶ୍ ସେଣ୍ଟରରୁ ଇନ୍‌ସାଟ୍-୩ଡିଏସ୍‌ର ସଫଳତାପୂର୍ବକ ଉତକ୍ଷେପଣ କରିଛି ଇସ୍ରୋ। ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ ଭେଇକିଲ୍ ଜିଏସ୍ଏଲ୍‌ଭି-୧୪ ମାଧ୍ୟମରେ ଉତକ୍ଷେପଣ ହୋଇଛି ଇନ୍‌ସାଟ୍-୩ଡଝ ବା ଇନସାଟ୍-୩ଡିଏସ୍। ଏହି ସାଟେଲାଇଟ ମାଧ୍ୟମରେ ଏକ ମହତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ରଖିଛି ଇସ୍ରୋ। ଇସ୍ରୋ ଜିଓଷ୍ଟେସନାରୀ କକ୍ଷପଥରେ ସ୍ଥାନିତ ହେବାକୁ ଥିବା ପାଣିପାଗ ଉପଗ୍ରହ ତୃତୀୟ ପିଢିର ନୂଆ ମିଶନ୍ ହେଉଛି ଇନସାଟ୍-୩ଡିଏସ୍। ଏହା ଜିଓଷ୍ଟେସନାରୀ କକ୍ଷପଥରେ ପହଞ୍ଚିବା ପରେ ପାଣିପାଗ ବାବଦରେ ସଠିକ୍ ପୂର୍ବାନୁମାନ ପାଇବା ସହଜ ହେବ।

# ଗୁଲଜାର ଓ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ପାଇବେ ଜ୍ଞାନପୀଠ ପୁରସ୍କାର



**ନୂଆଦିଲ୍ଲୀ :** ସଂସ୍କୃତ ବିଦ୍ୱାନ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ଓ ପ୍ରସିଦ୍ଧ ଉର୍ଦ୍ଦୁ କବି ତଥା ଗୀତିକାର ଗୁଲଜାର ପ୍ରଦାନ କରାଯିବ ୫୮ତମ ଜ୍ଞାନପୀଠ ପୁରସ୍କାର। ଶନିବାର ଜ୍ଞାନପୀଠ ଚୟନ କମିଟି ପକ୍ଷରୁ କରାଯାଇଛି ଏହି ଘୋଷଣା। ଜ୍ଞାନପୀଠ ଚୟନ କମିଟି ଜାରି କରିଥିବା ବୟାନରେ କୁହାଯାଇଛି, ୨୦୨୩ ବର୍ଷ ପାଇଁ ଦୁଇଟି ଭାଷାର ଦୁଇ ଜଣ ପ୍ରସିଦ୍ଧ ଲେଖକଙ୍କୁ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ସଂସ୍କୃତ ସାହିତ୍ୟିକ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ଓ ଉର୍ଦ୍ଦୁ ସାହିତ୍ୟିକ ଶ୍ରୀ ଗୁଲଜାରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଗୁଲଜାର ହେଉଛନ୍ତି ଜଣେ ପ୍ରସିଦ୍ଧ ଉର୍ଦ୍ଦୁ କବି। ତାଙ୍କୁ ଶ୍ରେଷ୍ଠ ଉର୍ଦ୍ଦୁ କବିଙ୍କ ମଧ୍ୟରେ ଗଣନା କରାଯାଏ। ଅନେକ ହିନ୍ଦୀ ଫିଲ୍ମ ପାଇଁ ସେ ଗୀତ ଲେଖିଛନ୍ତି। କିଛି ଫିଲ୍ମର ସେ ନିର୍ଦ୍ଦେଶନା ଦେଇଛନ୍ତି। ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ୨୦୦୨ ମସିହାରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳଚ୍ଚିତ୍ର ପାଇଁ ସେ ଅନେକ ପୁରସ୍କାର ପାଇଛନ୍ତି। ସେ ୫ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା ବେଳେ ୨୨ଟି ଫିଲ୍ମ ଫେୟାର ଆୱାର୍ଡ ପାଇଛନ୍ତି। ୨୦୦୪ରେ ତାଙ୍କୁ ପଦ୍ମ ଭୂଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୧୩ରେ ସେ ପାଇଥିଲେ ଦାଦାସାହେବ ଫାଲକେ ପୁରସ୍କାର। ସେହିପରି ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ ହେଉଛନ୍ତି ଚିତ୍ରକୋଟ ସ୍ଥିତ ତୁଳସୀ ପୀଠର ପ୍ରତିଷ୍ଠାତା ଓ ମୁଖ୍ୟ। ସେ ଜଣେ ପ୍ରସିଦ୍ଧ ହିନ୍ଦୁ ଧାର୍ମିକ ଗୁରୁ, ସଂସ୍କୃତ ବିଦ୍ୱାନ, ଶିକ୍ଷକ ତଥା ଲେଖକ। ସେ ୧୦୦ରୁ ଅଧିକ ପୁସ୍ତକ ଲେଖିଛନ୍ତି। ସେ ୨୨ଟି ଭାଷାରେ କଥାବାର୍ତ୍ତା ହୋଇପାରନ୍ତି।

## ଦେଶକୁ ବିଜେପି ମୁକ୍ତ କରିଦେବୁ: କେଜ୍ରିୱାଲ



**ନୂଆଦିଲ୍ଲୀ :** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବିଜେପିକୁ ଟାର୍ଗେଟ କରିଛନ୍ତି। ଦିଲ୍ଲୀ ବିଧାନସଭାରେ ଆସ୍ଥା ଭୋଟ୍ ଉପରେ ସେ କହିଛନ୍ତି, "ବିଜେପି ପାଇଁ ସବୁଠାରୁ ବଡ ଆହ୍ୱାନ ହେଉଛି ଆମ୍ ଆଦମୀ ପାର୍ଟି। ଆଜି ଯଦି ବିଜେପି କାହାକୁ ଭୟ କରେ ତେବେ ଏହା ହେଉଛି ଆମ୍ ଆଦମୀ ପାର୍ଟି। ମୁଁ କହିବାକୁ ଚାହେଁ ଯେ ଯଦି ବିଜେପି ୨୦୨୪ରେ ଲୋକସଭା ନିର୍ବାଚନରେ ହାରିବ ନାହିଁ। ତେବେ ୨୦୨୯ ମସିହାରେ ଆମ୍ ଆଦମୀ ପାର୍ଟି ଭାରତରୁ ବିଜେପିକୁ ମୁକ୍ତ କରିବ। ଅରବିନ୍ଦ କେଜ୍ରିୱାଲ କହିଛନ୍ତି ଯେ ଆମ ନେତାଙ୍କୁ ଗିରଫ କରାଯାଇଛି, ସେମାନେ ଆମର ସମସ୍ତ କାର୍ଯ୍ୟ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି, ସେମାନେ ସବୁ ଦିଗରୁ ଆକ୍ରମଣ କରୁଛନ୍ତି। ବର୍ତ୍ତମାନ ସବୁଠାରେ ପ୍ରଶ୍ନ ଉଠିଛି ଯେ ମୋଦୀ ଜୀ ଅରବିନ୍ଦ କେଜ୍ରିୱାଲଙ୍କୁ ହଟାଇବାକୁ ଚେଷ୍ଟା କରୁଛନ୍ତି କି? ଏହି ପ୍ରଶ୍ନ ଉଠିବା ପଛରେ କେବଳ ଗୋଟିଏ ହିଁ କାରଣ ହେଉଛି ଆଜି ଦେଶରେ ବିଜେପିର ସବୁଠାରୁ ବଡ ବିରୋଧୀ ଭାବେ ଆମ ଆଦମୀ ପାର୍ଟି ଉଭା ହୋଇଛି। କେଜ୍ରିୱାଲ କହିଛନ୍ତି ଯେ ଯଦି କୌଣସି ନେତା ଚାପରେ ମଧ୍ୟ ବିଜେପିରେ ଯୋଗ ନ ଦିଅନ୍ତି ସେମାନଙ୍କୁ ଜେଲକୁ ପଠାଯାଉଛି। ବିଜେପି ସବୁଠାରେ ଚଢ଼ାଉ କଲେ ବି ଟଙ୍କାଟିଏ ମିଳିଲା ନାହିଁ। ଆମର ସମ୍ପତ୍ତି ବ୍ୟାଙ୍କ ଆକାଉଣ୍ଟରେ ନୁହେଁ ଲୋକଙ୍କ ହୃଦୟରେ ଅଛି। ସେ କହିଛନ୍ତି, "ସେମାନେ (ବିଜେପି) ନିଜକୁ ରାମ ଭକ୍ତ ବୋଲି କୁହନ୍ତି, ଏମାନଙ୍କୁ ପ୍ରଭୁ ରାମ କହିଥିଲେ କି ଦିଲ୍ଲୀର ଡାକ୍ତରଖାନାରେ ଔଷଧ ବନ୍ଦ କରନ୍ତୁ।

# ଆରବିଆଇର ନୂଆ ଯୋଜନା, ବିନା ଓଟିପିରେ ଅନ୍‌ଲାଇନ୍ କାରବାର



**ନୂଆଦିଲ୍ଲୀ :** ଅନଲାଇନ୍ ଠକେଇକୁ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆରବିଆଇ) ଏକ ନୂତନ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛି। ଏହି ନୂଆ ବ୍ୟବସ୍ଥାରେ ଆପଣଙ୍କୁ ପେମେଣ୍ଟ ବା ଦେୟ ଦେବାକୁ ଆଉ ଓଟିପି ଦରକାର ହେବନାହିଁ। ସାଧାରଣତଃ ଅନ୍‌ଲାଇନ କାରବାର ସମୟରେ ୱାନ ଟାଇମ୍ ପାସୱାର୍ଡ (ଓଟିପି) ଆବଶ୍ୟକ ହୋଇଥାଏ। କାରବାର ସମୟରେ ପଞ୍ଜୀକୃତ ମୋବାଇଲ ନମ୍ବର କିମ୍ବା ଇ-ମେଲ୍‌ରେ ଓଟିପି ଆସିବା ପରେ କାରବାର ସମ୍ପୂର୍ଣ୍ଣ ହୋଇଥାଏ। ମୋବାଇଲ ନମ୍ବରରେ ଓଟିପି ଆସିବା ପରେ ଅନଲାଇନ କାରବାର ସୁରକ୍ଷିତ ରହିଛି ବୋଲି ଜାଣିଥାଉ। ବହୁ ସମୟରେ ଏହି ଓଟିପି ଦ୍ୱାରା ମଧ ବଡ ବଡ ଠକେଇ ହୋଇଥିବା ମାମଲା ମଧ ସାମ୍ନାକୁ ଆସିଛି। ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ ପ୍ରଚଳିତ ଓଟିପି ପ୍ରକ୍ରିୟାକୁ ବନ୍ଦ କରିବାକୁ ଯାଉଛି। ତେବେ ଆରବିଆଇ ଆହୁରି ଅଧିକ ସୁରକ୍ଷା ପଦ୍ଧତି ଆଣିବାକୁ ଯୋଜନା କରୁଛି। ଏହା ମାଧ୍ୟମରେ ଗ୍ରାହକଙ୍କ ଅନଲାଇନ୍ କାରବାର ସୁରକ୍ଷା ପାଇବ। ଅନ୍‌ଲାଇନ୍ କାରବାର ମାଧ୍ୟମରେ ଠକେଇ ମାମଲା ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ଆରବିଆଇ ସମୟ ସମୟରେ କାମ ଜାରି ରଖିଥାଏ। ବର୍ତ୍ତମାନ ଅନଲାଇନ୍ ଠକେଇକୁ ରୋକିବା ପାଇଁ ଆରବିଆଇ ଏକ ନୂତନ ବ୍ୟବସ୍ଥା ସୃଷ୍ଟି କରିବାକୁ ଯାଉଛି, ଯାହା ଦ୍ୱାରା ଆପଣଙ୍କୁ ପେମେଣ୍ଟ ଦେବାକୁ ଓଟିପି ଦରକାର ହେବ ନାହିଁ। ବର୍ତ୍ତମାନ, ଯେ କୌଣସି ସ୍ଥାନରେ ଅନଲାଇନ୍ କାରବାର କରିବା ପାଇଁ, ଆପଣ ଯାଞ୍ଚ ପାଇଁ ଏସ୍ଏମ୍ଏସ୍ ମାଧ୍ୟମରେ ଏକ ଓଟିପି ଗ୍ରହଣ କରିଥାନ୍ତି। ଏହି ଓଟିପି ପଦ୍ଧତି ନିଶ୍ଚିତ କରେ ଯେ ଅନଲାଇନ୍ ପେମେଣ୍ଟରେ କୌଣସି ବିଶୃଙ୍ଖଳା କିମ୍ବା ଠକେଇ ନାହିଁ। ଓଟିପି ପରିବର୍ତ୍ତେ, ଅନ୍ଲାଇନ୍ କାରବାର ପାଇଁ ପ୍ରାମାଣିକୀକରଣ ଆପ୍ ବ୍ୟବହାର କରାଯାଇପାରିବ। ଯେଉଁଥିରେ ଉପଭୋକ୍ତାମାନେ ନିଜ ଫୋନ ମାଧ୍ୟମରେ ଏହି ଆପରୁ ପାସୱାର୍ଡ ବା ଓଟିପି ପାଇପାରିବେ। ଏଥିରେ ଟୋକେନ ପରି ଅନେକ ବିକଳ୍ପ ମଧ ରହିଛି। କିନ୍ତୁ ଏଥିପାଇଁ ଏକ ଫୋନ ରହିବା ଆବଶ୍ୟକ। ବଢୁଥିବା ଅନଲାଇନ ଠକେଇକୁ ଦୃଷ୍ଟିରେ ରଖି ରୁଟ ମୋବାଇଲର ଏମଡି ତଥା ସିଇଓ ରାଜଦୀପକୁମାର ଗୁପ୍ତା କହିଛନ୍ତି, ଏବେ ଟୁଏନ୍ସି ଡିଭିଜନ ଆରମ୍ଭ କରିବାର ଆବଶ୍ୟକତା ରହିଛି। ବିଭିନ୍ନ ସର୍ଭିସ ପ୍ରୋଭାଇଡର ତାଙ୍କ କମ୍ପାନୀ ଦ୍ୱାରା ପ୍ରତି ମୋବାଇଲକୁ ପ୍ରାୟ ୪୦୦ କୋଟି ଓଟିପି ପଠାଇଥାନ୍ତି। କିନ୍ତୁ ଅନଲାଇନ କାରବାର ହେତୁ ଜାଲିଆତି ମାମଲା ମଧ୍ୟ ବଢିବାରେ ଲାଗିଛି। ତେବେ ଆଗକୁ ଆରବିଆଇ ଦ୍ୱାରା ଓଟିପି-ଲେସ୍ ଅଥେଟେକିଶନ ଲଞ୍ଚ ହେବାକୁ ଯାଉଛି। ଯେଉଁଥିରେ ସର୍ଭିସ ପ୍ରୋଭାଇଡରଙ୍କ ସହ ଗ୍ରାହକଙ୍କ ସହ ସିଧାସଳଖ ସଂଯୋଗ ରହିବ। ଯେଉଁଥିରେ ମୋବାଇଲ ନମ୍ବର ଦ୍ୱାରା ହିଁ ସହଜରେ ଓ ସୁରକ୍ଷିତ ଭାବରେ ଅନଲାଇନ ଟ୍ରାଞ୍ଜାକ୍ସନ ହୋଇପାରିବ।

# ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଭାରତୀୟ ପ୍ରସାରଣ ଉଦ୍ୟୋଗର ଅଭିଭାବକ: ଅନୁରାଗ ଠାକୁର



**ନୂଆଦିଲ୍ଲୀ,(ପିଆଇବି) :** କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ନୂଆଦିଲ୍ଲୀଠାରେ ପ୍ରସାରଣ ଓ ଗଣମାଧ୍ୟମ ପ୍ରଯୁକ୍ତି (ବ୍ରଡ଼କାଷ୍ଟିଂ ଆଣ୍ଡ ମିଡିଆ ଟେକ୍ନୋଲୋଜି) ସଂକ୍ରାନ୍ତ ୨୮ତମ ଆନ୍ତର୍ଜାତିକ ସମ୍ମିଳନୀ ତଥା ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସମବେତ ଜନତାକୁ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି ଯେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଭାରତର ପ୍ରସାରଣ ଉଦ୍ୟୋଗର ଅବିଚଳିତ ଅଭିଭାବକ ଭାବେ କାମ କରୁଛି। ଏହାର ଦୃଢତା ଯୋଗୁଁ ପ୍ରସାରଣ ଉଦ୍ୟୋଗ ନିର୍ଦ୍ଧାରିତ ଲକ୍ଷ୍ୟପଥରେ ଚାଲିଛି। ସମୟର ଆହ୍ୱାନକୁ ପୂରଣ କରିବା ପାଇଁ ଏହା ପରିବର୍ତ୍ତନ ସହ ପାଦ ମିଳାଇ ଚାଲିଛି। ପ୍ରସାରଣ ମନ୍ତ୍ରଣାଳୟ ତାହାର ଜ୍ଞାନ, ବୁଦ୍ଧି ଓ ଦୂରଦୃଷ୍ଟି ବଳରେ ଏହି ଉଦ୍ୟୋଗକୁ ଠିକ୍ ରାସ୍ତାରେ ପରିଚାଳିତ କରୁଛି। ବିଶେଷକରି ଏହାକୁ ସମୟ ଉପଯୋଗୀ ଓ ପରିବର୍ତ୍ତନ ସହ ତାଳ ମିଳାଇ ଆଗକୁ ବଢିବାକୁ ବାଟ ଦେଖାଉଛି। ସେ କହିଛନ୍ତି ଯେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଲୋକସେବା ପ୍ରସାରଣ (ପବ୍ଲିକ ସର୍ଭିସ ବ୍ରଡକାଷ୍ଟିଂ)କୁ ପ୍ରୋତ୍ସାହିତ କରିବା ପାଇଁ ଅଟଳ ଅଙ୍ଗୀକାର ସହିତ କାର୍ଯ୍ୟ କରୁଛି। ଏଥିପାଇଁ ନୂଆ ଡିଜାଇନ ପ୍ରସ୍ତୁତ କରାଯାଇ ତାହାକୁ ସମାବେଶୀ ନୀତିରେ କାର୍ଯ୍ୟକାରୀ କରାଯାଉଛି। ଏଥିରେ ଗଣମାଧ୍ୟମ ସାକ୍ଷରତାକୁ ଉତ୍ସାହିତ କରାଯିବା ସହିତ ପ୍ରସାରଣ ମିଡିଆ ଉଦ୍ୟୋଗରେ ଘରୋଇ କ୍ଷେତ୍ରକୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ସେ ଆହୁରି କହିଛନ୍ତି ଯେ ଭାରତରେ ମିଡିଆ ଉଦ୍ୟୋଗ ଏକ ଦୃଢ, ସମାବେଶୀ ଏବଂ ଗତିଶୀଳ ପ୍ରସାରଣ ଏବଂ ମିଡିଆ ପରିତନ୍ତ୍ରର ଆଧାରଶୀଳା ରଖିଛି ଯାହା ବିବିଧ, ସୂଚନା ମୂଳକ ଏବଂ ଦାୟିତ୍ୱ ସମ୍ପନ୍ନ। ସୂଚନା ଓ ପ୍ରସାରଣ ମନ୍ତ୍ରୀ କହିଛନ୍ତି ଯେ ଲୋକସେବା ପ୍ରସାରଣ (ପବ୍ଲିକ ସର୍ଭିସ ବ୍ରଡକାଷ୍ଟିଂ)କୁ ସୁଦୃଢ କରିବାକୁ ହେବ। ଦେଶର ବିବିଧ ଆବଶ୍ୟକତାକୁ ପୂରଣ କରିବାକୁ ଏହାର ବିଷୟବସ୍ତୁ ବା କଣ୍ଟେଣ୍ଟର ଗୁଣ ଓ ମାନ ଅତ୍ୟନ୍ତ ଉଚ୍ଚ କୋଟିର ତଥା ସମୟ ଉପଯୋଗୀ ହେବା ଆବଶ୍ୟକ। ଏଥି ପାଇଁ ଭାରତକୁ ଏକ ଅନୁପମ ରାସ୍ତା ବାଛିବାକୁ ପଡିବ। ଏଥିରେ ଆମ ଦେଶର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟର ଛାପ ସ୍ପଷ୍ଟ ରହିବ। ସେ ଆହୁରି କହିଛନ୍ତି ଯେ 'ପ୍ରସାରୀ ଭାରତୀ' ଆମ ଦେଶର ଗାଥାକୁ ଏକ ସଫଳ ଆକାର ଦେବାରେ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଦୂରଦର୍ଶନର କଳାଧଳା ପରଦାରୁ ଏଚ୍‌ଡି ଏବଂ ଏବେ ୪କେ ଡିଜିଟାଲ ପରିବର୍ତ୍ତନ, ଆନାଲଗ୍ ମିଡିୟମ ୱେଭରୁ ଡିଆର୍ଏମ୍ ଓ ବର୍ତ୍ତମାନ ଆକାଶବାଣୀର ଏଫ୍ଏମ୍, ଦୂରଦର୍ଶନ ଓ ଆକାଶବାଣୀର ବିବିଧ କାର୍ଯ୍ୟକ୍ରମ, ପିଢି ପରେ ପିଢି ଭାରତୀୟମାନଙ୍କୁ ସୂଚିତ, ଅବଗତ, ଶିକ୍ଷିତ ଓ ଆନନ୍ଦିତ କରି ଆସୁଛି। 'ଆନାଲଗ୍' ଯୁଗରୁ ଆଜିର ଡାଇନାମିକ ଡିଜିଟାଲ ପରିତନ୍ତ୍ର-ଆମ ପ୍ରସାରଣକାରୀ ଏକ ଲମ୍ବା ପଥ ଅତିକ୍ରମ କରିଛନ୍ତି। ସମାନଙ୍କ ଯାତ୍ରାରେ ରହିଛି ଦୃଢତା, ସ୍ଥିରତା, ନବସୃଜନ ଓ ଉତ୍କର୍ଷ ପାଇଁ ଅଟଳ ପ୍ରତିଶ୍ରୁତିବଦ୍ଧତା। ଶ୍ରୀ ଠାକୁର କହିଛନ୍ତି ଯେ ପ୍ରଯୁକ୍ତି ଗତ ବିକାଶ ଉଭୟ ସୁଯୋଗ ଓ ଆହ୍ୱାନ ସୃଷ୍ଟି କରେ। ଏଥିରେ ଉଚ୍ଚମାନ, ବ୍ୟକ୍ତିଗତ ବିଷୟବସ୍ତୁ (ପରସନାଲାଇଜଡ କଣ୍ଟେଣ୍ଟ) ବିଭିନ୍ନ ପ୍ଲାଟଫର୍ମରେ ଅଧିକ ଦେଖାଯାଉଛି। ଚାହିଦା ବୃଦ୍ଧି ଯୋଗୁଁ ଏହା ସମ୍ଭବ ହୋଇଛି। ଏଥିପାଇଁ ନୂଆ ଯୁଗର ଓ ନବ ପ୍ରଯୁକ୍ତି ବିଶିଷ୍ଟ ପ୍ରସାରଣ ସାମଗ୍ରୀର ଆବଶ୍ୟକତା ଅଧିକ ରହିଛି। ଏହା ବିନା ଏ କ୍ଷେତ୍ରରେ ଆଗକୁ ବଢିହେବ ନାହିଁ। ଏ କ୍ଷେତ୍ରରେ ଦେଶୀ ଗବେଷଣା ଓ ଉନ୍ନୟନକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ଆମ ଦେଶର ବିଜ୍ଞାନ ଓ ପ୍ରଯୁକ୍ତିଗତ ପ୍ରତିଭାକୁ ବିନିଯୋଗ କରି ଉଦ୍ୟୋଗ, ଶିକ୍ଷାବିତ୍ ଓ ଅନ୍ୟମାନଙ୍କ ସହ ଅଂଶୀଦାରୀ ତିଆରି କରି ହେବ। ସେ କହିଛନ୍ତି ଯେ ଏ କ୍ଷେତ୍ରର ଆମେ ଆଜି ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ ତାହା ଆମକୁ ପ୍ରସାରଣ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାର ସ୍ୱପ୍ନ ପୂରଣ କରିବାରେ ସହାୟକ ହେବ। ସୂଚନା ଓ ପ୍ରସାରଣ ମନ୍ତ୍ରୀ କହିଥିଲେ ଯେ 'ପ୍ରସାର ଭାରତୀ' ପରିବର୍ତ୍ତିତ ନୂତନ ଟେକ୍ନୋଲୋଜିକୁ ଆପଣାଇବା ପାଇଁ ତାହାର ନିରଳସ ଉଦ୍ୟମ ଜାରି ରଖିଛି। ଡିଜିଟାଲ ଯୁଗରେ ଏହା ଯେପରି ପ୍ରାସଙ୍ଗିକ ଓ ପ୍ରଭାବଶାଳୀ ରହିପାରିବ ସେଥିପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିଛି।

# ଏଣିକି ଗର୍ଭବତୀଙ୍କୁ ମିଳିବ ୧୦ ହଜାର

**ଭୁବନେଶ୍ୱର :** ମମତା ଯୋଜନା ସହାୟତା ରାଶି ୨ଗୁଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ମମତା ଯୋଜନାରେ ଗର୍ଭବତୀ ମହିଳାମାନଙ୍କୁ ୨ଟି କିସ୍ତିରେ ୫ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ନୂଆ ନିଷ୍ପତ୍ତି ଅନୁଯାୟୀ ଗର୍ଭବତୀ ମହିଳାମାନଙ୍କୁ ୧୦ ହଜାର ଟଙ୍କା ସହାୟତା ମିଳିବ। ଅଗଷ୍ଟ ୨୦୨୩ରୁ ସମସ୍ତ ଯୋଗ୍ୟ ହିତାଧିକାରୀ ଏହି ବର୍ଦ୍ଧିତ ରାଶି ପାଇବେ। ଚଳିତ ଫେବୃଆରୀ ମାସ ୨୦ ରୁ ୨୫ ତାରିଖ ମଧ୍ୟରେ ବକେୟା ରାଶି ହିତାଧିକାରୀମାନଙ୍କୁ ମିଳିବ। ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଓ ପୁଷ୍ଟି ହୀନତା ହ୍ରାସ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୧ ମସିହାରେ ଲୋକପ୍ରିୟ ମମତା ଯୋଜନାର ଶୁଭାରମ୍ଭ କରିଥିଲେ। ମମତା ଯୋଜନା ବେଶ ଲୋକପ୍ରିୟ ଯୋଜନା ଏବଂ ଏହାକୁ ଜାତୀୟ ସ୍ତରରେ ଏକ ମଡେଲ ଭାବରେ ଗ୍ରହଣ କରାଯାଇଛି। ନୂଆ ମମତା ଯୋଜନାରେ ୨ଟି କିସ୍ତିରେ ହିତାଧିକାରୀଙ୍କ ଜମା ଖାତାକୁ ସହାୟତା ରାଶି ସିଧାସଳଖ ଦିଆଯିବ। ପ୍ରଥମ କିସ୍ତିରେ(ଗର୍ଭାବସ୍ଥାର ୬ ମାସ ପରେ) ୬୦୦୦ ଟଙ୍କା ଏବଂ ଦ୍ୱିତୀୟ କିସ୍ତିରେ ଶିଶୁକୁ ଦଶମାସ ହେବା ପରେ ୪୦୦୦ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରଖାଯାଇଛି। ୧୯ ବର୍ଷରୁ ଊର୍ଦ୍ଧ୍ୱ ସବୁ ଗର୍ଭବତୀ ମହିଳା ୨ଟି ଜୀବିତ ସନ୍ତାନ ନିମନ୍ତେ ଏହି ସହାୟତା ପାଇପାରିବେ। ୧୩ଟି ନିର୍ଦ୍ଦିଷ୍ଟ ଆଦିମ ଜନଜାତି ଗୋଷ୍ଠୀର ମା ମାନଙ୍କୁ ପ୍ରତ୍ୟେକ ଗର୍ଭ ନିମନ୍ତେ ମମତା ସହାୟତା ରାଶି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ ଯେ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ମା' ମାନେ ଏହି ସହାୟତା ରାଶି ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଏହା ଆସିବା ପରେ ମମତା ଯୋଜନାର ସହାୟତା ରାଶି ପରିମାଣକୁ ବୃଦ୍ଧି କରିଛନ୍ତି। ଉଲ୍ଲେଖଯୋଗ୍ୟ ଏହି ଯୋଜନା ଆରମ୍ଭ ହେବାଠାରୁ ଏ ପର୍ଯ୍ୟନ୍ତ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଗର୍ଭବତୀ ଓ ପ୍ରସୂତି ମା ଉପକୃତ ହେଉଛନ୍ତି। ଏଥି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ ହଜାର ୯୦୦ କୋଟି ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଛି। ଏହି ଯୋଜନା ବିଷୟରେ ସୂଚନା ବା ଅଭିଯୋଗ ନିମନ୍ତେ ୧୮୧ ହେଲ୍ପଲାଇନକୁ କଲ୍ କରନ୍ତୁ କିମ୍ବା ନିକଟସ୍ଥ ଅଙ୍ଗନବାଡି କେନ୍ଦ୍ରକୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

## କଟକ ଜଗତପୁରରେ ନିର୍ମାଣ ହେବ ରାଜ୍ୟର ବୃହତ୍ତମ ଟ୍ରକ ଟର୍ମିନାଲ



**କଟକ :** କମିବ ଦୁର୍ଘଟଣା, ଅକାଳରେ ଯିବନି ଜୀବନ। ୫ଟି ଉପକ୍ରମରେ ଆରମ୍ଭ ହେଲା ଉଦ୍ୟମ। ଖୁବଶୀଘ୍ର ହଟିବ ସମସ୍ୟା। ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଲା ଟ୍ରକ୍ ମାଲିକ ସଂଘ। ଟୁଇନ ସିଟି ଦେଇ ଯାଇଥିବା ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ହେଉଥିବା ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ରାଜ୍ୟ ସରକାର ନେଇଛନ୍ତି ବଳିଷ୍ଠ ପଦକ୍ଷେପ। ରାସ୍ତାକଡ଼ରେ ବେଆଇନ ଭାରିଯାନ ପାର୍କିଂର ସ୍ଥାୟୀ ସମାଧାନ ପାଇଁ ଆରମ୍ଭ ହୋଇଛି ଉଦ୍ୟମ। ୫ଟି ଉପକ୍ରମରେ ରାଜ୍ୟ ପରିବହନ ବିଭାଗ ସହଯୋଗରେ କଟକ ଜଗତପୁରରେ ନିର୍ମାଣ ହେବାକୁ ଯାଉଛି ରାଜ୍ୟର ବ୍ରହତ୍ତମ ଟ୍ରକ ଟର୍ମିନାଲ। ଜଗତପୁର ଗୋଲେଇ ଛକରେ ଏଥିପାଇଁ ୯.୫୫ ଏକର ଜମି ଚିହ୍ନଟ କରାଯାଇଛି। ଏଥିରୁ ୬.୦୧ ଏକର ଉପରେ ହେବ ଟର୍ମିନାଲ। ୦.୮୬ ଏକର ଜମିରେ ନୂତନ ଆରଟିଓ କାର୍ଯ୍ୟାଳୟ, ୧.୬ ଏକରରେ ଡ୍ରାଇଭିଙ୍ଗ ଟେଷ୍ଟିଙ୍ଗ ଟ୍ରାକ୍ ଓ ୧ ଏକର ଜମିରେ ବିସ୍ଥାପିତ ବ୍ୟବସାୟୀଙ୍କ ପାଇଁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ଏହାସହ ଢ଼ାବା, ଏଟିଏମ୍, ସର୍ଭିସ ଷ୍ଟେସନ, ଲୋଡିଙ୍ଗ ଅନଲୋଡିଂ ରେଷ୍ଟ ଓ ବାଥ ପ୍ଲେସ, ସ୍ୱାସ୍ଥ୍ୟ କେନ୍ଦ୍ର ଓ ପୋଲିସ ଆଉଟ ପୋଷ୍ଟ ରହିବ। ଏହି ମେଗା ପ୍ରକଳ୍ପ ପାଇଁ ପ୍ରାୟ ୨୦ କୋଟି ଖର୍ଚ୍ଚ ହେବ। ଜଗତପୁରରେ ଥିବା ଟ୍ରକ ପ୍ରାକିଙ୍ଗ ସ୍ଥଳ ଅତ୍ୟନ୍ତ ସଙ୍କୁଚିତ। ମଙ୍ଗୁଳିରୁ ଶିଖରପୁର ପର୍ଯ୍ୟନ୍ତ ଶହ ଶହ ଟ୍ରକ ପ୍ରତିଦିନ ରାସ୍ତା କଡ଼ରେ ବେଆଇନ ପାର୍କିଂ କରୁଛନ୍ତି। କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଆଶାଜନକ ଫଳ ମିଳୁନାହିଁ। ଫଳରେ ଦୁର୍ଘଟଣା ଘଟି ଅନେକଙ୍କ ଜୀବନ ଯାଉଛି। ପରିବହନ ବିଭାଗ ଓ ସରକାରଙ୍କୁ ସଂଘ ଏନେଇ ଜଣାଇବା ପରେ ଆରମ୍ଭ ହୋଇଛି ଉଦ୍ୟମ। ଏଥିପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛି ଟ୍ରକ ସଂଘ।

## ଅଙ୍ଗଦାତାଙ୍କୁ ସ୍ୱତନ୍ତ୍ର ସମ୍ମାନ

**ଭୁବନେଶ୍ୱର :** ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଉଥିବା ବ୍ୟକ୍ତିଙ୍କ ତ୍ୟାଗ ଓ ସାହସର ସ୍ୱୀକୃତି ସ୍ୱରୂପ ସେମାନଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନର ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହା ଦ୍ୱାରା ଅଙ୍ଗଦାନ କ୍ଷେତ୍ରରେ ବ୍ୟାପକ ସଚେତନତା ଆସିବା ସହିତ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଏହା ସମାଜକୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଅଙ୍ଗଦାନ ଏକ ମହତ ଦାନ। ମସ୍ତିଷ୍କ ମୃତ୍ୟୁ ଘଟୁଥିବା ଲୋକଙ୍କ କ୍ଷେତ୍ରରେ ସେମାନଙ୍କ ଆତ୍ମୀୟମାନେ ସାହସିକ ନିଷ୍ପତ୍ତି ନେଇ ଅଙ୍ଗଦାନ ପାଇଁ ସ୍ୱୀକୃତି ପ୍ରଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ରାଜ୍ୟ ସରକାର ଏହି ଅଙ୍ଗ ପ୍ରତ୍ୟାରୋପଣ ପ୍ରକ୍ରିୟାକୁ ଅଧିକ ସୁଗମ କରିବା ପାଇଁ ୨୦୧୯ ମସିହାରେ ରାଜ୍ୟ ଅଙ୍ଗ ଏବଂ ଟିସୁ ଟ୍ରାନ୍ସପ୍ଲାଣ୍ଟ ସଂଗଠନ (ଏସ୍‌ଓଟିଟିଓ) ପ୍ରତିଷ୍ଠା କରିଛନ୍ତି। ଅଙ୍ଗଦାନକୁ ଉତ୍ସାହିତ କରିବା ପାଇଁ ଓଡିଶା ସରକାର ୨୦୨୦ରୁ ସୁରଜ ପୁରସ୍କାର ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳର ସୁରଜଙ୍କ ନାମରେ ଏହି ପୁରସ୍କାର ପ୍ରଚଳନ କରାଯାଇଛି। ସଡକ ଦୁର୍ଘଟଣାରେ ଗୁରୁତର ଆହତ ସୁରଜଙ୍କ ମସ୍ତିଷ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ସୁରଜଙ୍କର ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକ ୬ ଜଣ ଲୋକଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥିଲା। ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଏଥି ସହିତ ପ୍ରତିବର୍ଷ ବିଶ୍ୱ ଅଙ୍ଗଦାନ ଦିବସ ଅଗଷ୍ଟ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ଅଙ୍ଗଦାତାମାନଙ୍କ ନିକଟତମ ଆତ୍ମୀୟଙ୍କୁ ସମ୍ମାନିତ ମଧ୍ୟ କରୁଛନ୍ତି।

## ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ମିଳିବ ମାସିକ ୫ହଜାର, ହେଲପରଙ୍କୁ ୩ ହଜାର ସ୍ୱତନ୍ତ୍ର ଭତ୍ତା



**ଭୁବନେଶ୍ୱର :** ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବାରେ ନିୟୋଜିତ ଡ୍ରାଇଭର, ମେଡିକାଲ ଟେକନିସିଆନ ଓ ହେଲପରଙ୍କୁ ସ୍ୱତନ୍ତ୍ର ମାସିକ ଭତ୍ତା ମିଳିବ। ଡ୍ରାଇଭରମାନଙ୍କୁ ମାସିକ ୫ହଜାର ଟଙ୍କା ଏବଂ ମେଡିକାଲ ଟେକନସିଆନ୍ ଓ ହେଲପରଙ୍କୁ ୩ହଜାର ଟଙ୍କା ପ୍ରଦାନ କରାଯିବ। ସେମାନଙ୍କୁ ନିଜ ଦରମା ସହ ଏହି ବର୍ଦ୍ଧିତ ଭତ୍ତା ଚଳିତମାସରୁ ମିଳିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆମ୍ବୁଲାନ୍ସ ଡ୍ରାଇଭର ଓ ହେଲପରଙ୍କୁ ରାଜ୍ୟ ପାଣ୍ଠିରୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ନିମନ୍ତେ ମଞ୍ଜୁରୀ ଦେଇଛନ୍ତି। ସୂଚନା ଅନୁସାରେ, ୧୦୮ ଆମ୍ବୁଲାନ୍ସରେ ନିୟୋଜିତ ଡ୍ରାଇଭର ଓ ହେଲପରମାନେ ୨୪ଘଣ୍ଟିଆ କାର୍ଯ୍ୟ କରୁଛନ୍ତି ବିଶେଷକରି ମହାମାରୀ ଓ ପ୍ରତିକୂଳ ପରିସ୍ଥିତିରେ ସେମାନେ ଯେଉଁ କଠିନ ପରିଶ୍ରମ କରିଛନ୍ତି ତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେମାନଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ୫ହଜାର ଟଙ୍କା ଏବଂ ମେଡିକାଲ ଟେକ୍ନିସିଆନ୍ ଓ ହେଲପରଙ୍କୁ ମାସିକ ୩ହଜାର ଟଙ୍କା ସ୍ୱତନ୍ତ୍ର ଭତ୍ତା ମିଳିବ। ଏବେ ସେମାନଙ୍କୁ ସର୍ବନିମ୍ନ ମଜୁରୀ ଅଧିନିୟମ ଆଧାରରେ ମୂଳ ଦରମା ପ୍ରଦାନ କରାଯାଉଛି। ସର୍ବନିମ୍ନ ମଜୁରୀରେ ଡ୍ରାଇଭର ଓ ମେଡିକାଲ ଟେକନସିଆନଙ୍କୁ କୁଶଳୀ ଶ୍ରମିକ ଓ ହେଲପରଙ୍କୁ ଅଣକୁଶଳୀ ଶ୍ରମିକ ଭାବେ ବର୍ଗୀକୃତ କରାଯାଇଛି। ଏବେ ୧୦୮ ଆମ୍ବୁଲାନ୍ସ ସେବାରେ ରାଜ୍ୟରେ ୪୧୧ଟି ଏଏଲଏସ୍ ଆମ୍ବୁଲାନ୍ସ ଓ ୬ଟି ବୋଟ୍ ଆମ୍ବୁଲାନ୍ସ ସମେତ ମୋଟ ୧୩୬୬ଟି ଆମ୍ବୁଲାନ୍ସଟି କାର୍ଯ୍ୟକ୍ଷମ ରହିଛି। ପ୍ରତିମାସରେ ଏହି ଆମ୍ବୁଲାନ୍ସ ମାଧ୍ୟମରେ ପ୍ରାୟ ୧.୩ଲକ୍ଷ ରୋଗୀଙ୍କୁ ପ୍ରତିମାସରେ ଜରୁରୀ ସେବା ଓ ପରିବହନ ଯୋଗାଇ ଦିଆଯାଉଛି। ୨୦୧୩ ମାର୍ଚ୍ଚ ମାସରୁ ଓଡ଼ିଶାରେ ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା କାର୍ଯ୍ୟକ୍ଷମ ହେଉଛି।

### ଶ୍ରୀମନ୍ଦିର ଆକାଶରେ ଉଡ଼ାଣ ମନା

## ନୋ ଫ୍ଲାଇଙ୍ଗ ଜୋନ୍ ଘୋଷିତ




**ପୁରୀ :** ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଶାନ୍ତି ଓ ନିରାପତ୍ତା ସୁନିଶ୍ଚିତ କରିବା ନେଇ ପୁରୀ ପୋଲିସ ପକ୍ଷରୁ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ଉପରେ ନୋ ଫ୍ଲାଇଙ୍ଗ ଜୋନ୍ ଘୋଷଣା ସହିତ ଭିତରେ ମୋବାଇଲ ଦ୍ୱାରା ଫୋଟୋ ଉତ୍ତୋଳନକୁ ବାରଣ କରାଯାଇଛି। ଏହା ଉପରେ ସ୍ୱତନ୍ତ୍ର ନଜର ରଖିବ ପୁରୀ ପୋଲିସ। ପ୍ରାଥମିକ ଭାବେ ଏ ନେଇ ପୋଲିସ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଥିବା ବେଳେ ନିୟମ ଉଲ୍ଲଂଘନ କଲେ କଡା ପଦକ୍ଷେପ ନିଆଯିବ। ପୋଲିସର ଏପରି ପଦକ୍ଷେପକୁ ସେବାୟତ ବୁଦ୍ଧିଜୀବୀ ସ୍ୱାଗତ କରିବା ସହ ପ୍ରଶଂସା କରିଛନ୍ତି। ଶ୍ରୀମନ୍ଦିର ଉପରେ ଉଡ଼ି ପାରିବନି ଡ୍ରୋନ୍। ଭିତରେ ଫଟୋ ଉତ୍ତୋଳନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ। ଶ୍ରୀମନ୍ଦିର ଭିତର ବାହାରେ ନଜର ରଖିବ ପୁରୀ ପୋଲିସ୍। ଶ୍ରୀମନ୍ଦିର ଭଳି ପବିତ୍ର ସ୍ଥାନର ସୁରକ୍ଷା ଓ ପବିତ୍ରତା ବଜାୟ ରଖିବା ପାଇଁ ଏପରି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ପୁରୀ ପୋଲିସ୍। ଏ ନେଇ ସୋସିଆଲ ମିଡିଆ ମାଧ୍ୟମରେ ପୋଲିସ ପକ୍ଷରୁ ସଚେତନତା ନେଇ ଅପିଲ ମଧ୍ୟ କରାଯାଇଛି। ବିଭିନ୍ନ ସମୟରେ ଶ୍ରୀମନ୍ଦିର ଉପରେ ଡ୍ରୋନ କ୍ୟାମେରା ମାଧ୍ୟମରେ ଚିତ୍ର ଉତ୍ତୋଳନ କରାଯାଉ ଥିବା ଦେଖିବାକୁ ମିଳିଛି। ଏହାଛଡ଼ା ଶ୍ରୀମନ୍ଦିର ଭିତରେ ମଧ୍ୟ ମୋବାଇଲ ଫଟୋ ଉଠାଇବା ନଜରକୁ ଆସିଛି। ଏନେଇ ଚିନ୍ତା ବ୍ୟକ୍ତ କରିବା ସହ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛି ପୁରୀ ପୋଲିସ୍। ପୁରୀ ଏସ୍ପି ଶ୍ରୀମନ୍ଦିର ଉପରେ ନୋ ଫ୍ଲାଇଂ ଜୋନ୍ ଘୋଷଣା କରିଥିବା ବେଳେ ଆଗାମୀ ଦିନରେ ଏଭଳି ନିୟମ ଉଲ୍ଲଂଘନ କାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଛନ୍ତି। ଶ୍ରୀମନ୍ଦିର ଉପରେ ନୋ ଫ୍ଲାଇଂ ଜୋନ ନେଇ ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ସ୍ୱାଗତ କରାଯାଇଛି। ଭଏସ ଅଫ କମନ ମ୍ୟାନ ଅନୁଷ୍ଠାନ ପକ୍ଷରୁ ଏନେଇ ଦୀର୍ଘ ବର୍ଷ ପୂର୍ବରୁ ଦାବି କରାଯାଉଥିଲା। ସେହିପରି ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୁ ନେଇ ଶ୍ରୀମନ୍ଦିର ଭିତରକୁ ମୋବାଇଲ କଟକଣା ଉପରେ ଗୁରୁତ୍ୱ ଦିଆଯିବାକୁ ସେବାୟତ ମାନେ ମଧ୍ୟ ପ୍ରଶଂସା କରିଛନ୍ତି। ଶ୍ରୀମନ୍ଦିର ଉପରେ ଫ୍ଲାଇଂ ଓ ଭିତର ଫୋଟୋ ଭାଇରାଲକୁ ନେଇ ପୁରୀ ସିଂହଦ୍ୱାର ଥାନାରେ ଅନେକ ମାମଲା ରହିଥିବା ବେଳେ ଡିଜିସିଏ ପକ୍ଷରୁ ନିୟମକୁ ନେଇ ସ୍ୱତନ୍ତ୍ର ପଦକ୍ଷେପର ଆବଶ୍ୟକତା ରହିଛି।

## ନିର୍ବାଚନ ପୂର୍ବରୁ ଦାଗୀ ହେବେ ତଡିପାର

**ଭୁବନେଶ୍ୱର :** ଆଉ କିଛି ମାସ ପରେ ଦେଶରେ ସାଧାରଣ ନିର୍ବାଚନ ସହ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ସମ୍ଭବତଃ ଏପ୍ରିଲ ମାସରେ ହେବାକୁ ଥିବା ବେଳେ ଏବେ ଠାରୁ ନିର୍ବାଚନକୁ ନେଇ ଭୁବନେଶ୍ୱରରେ ପୁଲିସ ଅଫିସରଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ କମିଶନରେଟ ପୁଲିସ୍ ଅଣ୍ଟା ଭିଡ଼ିଛି। ବିଶେଷ କରି ରାଜଧାନୀ ଭୁବନେଶ୍ୱରର ପେଶାଦାର ଅପରାଧୀମାନଙ୍କୁ ତଡ଼ି ପାର କରିବାକୁ ପୁଲିସ୍ ଯୋଜନା କରିଛି। ନିର୍ବାଚନ ପୂର୍ବରୁ ୨୪୦୦ରୁ ଅଧିକ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଛି। ସେମାନଙ୍କର ତାଲିକା ପ୍ରସ୍ତୁତ ହୋଇ ସାରିଛି। ଅଭ୍ୟାସଗତ ଅପରାଧୀ, ଅସାମାଜିକ ଓ ଦାଗୀମାନଙ୍କ ତଡ଼ିପାର କରିବାକୁ ଯୋଜନା କରାଯାଇଛି। ଏଥିସହ ବାରମ୍ବାର ଅପରାଧରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ଘଞ୍ଚଇ ଲାଗିବ। ଏଠି ସହିତ ଲାଇସେନ୍ସ ବନ୍ଧୁକଧାରୀ ବ୍ୟକ୍ତି ବିଶେଷଙ୍କ ନାମରେ ଯଦି କୌଣସି ମାମଲା ଥାଏ କିମ୍ବା ସେମାନଙ୍କ ଦ୍ୱାରା କୌଣସି ଅଘଟଣ ଘଟିଥାଏ, ତେବେ ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ସହ ସେମାନଙ୍କୁ ବନ୍ଧୁକ ପୈଠ କରିବା ପାଇଁ ନୋଟିସ ମଧ୍ୟ ଜାରି କରାଯିବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ କହିଛନ୍ତି। ସେ କହିଛନ୍ତି, ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ସବୁ ପ୍ରକାରର ପଦକ୍ଷେପ ନିଆଯାଉଛି। ମଙ୍ଗଳବାର ଡିଜିପି ମଧ୍ୟ ବୈଠକ କରିଥିଲେ। ଉକ୍ତ ବୈଠକରେ ମିଳିଥିବା ସୂଚନା ସମ୍ପର୍କରେ ଆଜି ଅଫିସରମାନଙ୍କୁ ଅବଗତ କରାଯାଇଛି। ସେମାନେ କେମିତି ସତର୍କ ରହିବେ ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବେ, ସେ ବିଷୟରେ ସମସ୍ତଙ୍କୁ ବୁଝାଯାଇଛି। ଚୋରା ମଦ କାରବାର ଠାରୁ ଆରମ୍ଭ କରି ଅପରାଧୀମାନଙ୍କ ଉପରେ ନଜର ରହିବ। ସମସ୍ତ ପେଶାଦାର ଅପରାଧୀ, ଅସାମାଜିକ ବ୍ୟକ୍ତି ଓ ଦାଗୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସବୁ ଥାନା ପକ୍ଷରୁ ଜାନୁଆରୀ ମାସ ଠାରୁ ନିଶା କାରବାର ରୋକିବାକୁ ଡ୍ରାଇଭ କରାଯାଉଛି। ଆଗକୁ ମଧ୍ୟ ଏହା ଜାରି ରହିବ। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ହିଁ ଆମର ପ୍ରାଥମିକତା। ଏଥିପାଇଁ ସବୁ ପ୍ରକାରର ପଦକ୍ଷେପ ନିଆଯିବ।

### ରାଜ୍ୟର ବରିଷ୍ଠ ବୁଣାକାର ଓ ହସ୍ତଶିଳ୍ପ କାରିଗରଙ୍କ ପାଇଁ ଖୁସି ଖବର

# ୪ ଗୁଣ ବଢ଼ିଲା ମାସିକ ଭତ୍ତା



**ଭୁବନେଶ୍ୱର :** ରାଜ୍ୟର ବରିଷ୍ଠ ବୁଣାକାର ଓ ହସ୍ତଶିଳ୍ପ କାରିଗର ମାନଙ୍କ ପାଇଁ ଖୁସି ଖବର। ସେମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ନୂଆ ଯୋଜନା। ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନାରେ ମିଳିବ ସହାୟତା ରାଶି। ଯୋଜନାରେ ୪୦ ବର୍ଷରୁ ୮୦ ବର୍ଷ ବୟସ ମଧ୍ୟରେ ଥିବା ମହିଳା ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗରଙ୍କୁ ମିଳିବ ଆର୍ଥିକ ସହାୟତା। ସେହିପରି ୫୦ରୁ ୮୦ ବର୍ଷ ବୟସ ମଧ୍ୟରେ ଥିବା ପୁରୁଷ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ମାନଙ୍କୁ ମାସିକ ୨୦୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ୮୦ ବର୍ଷରୁ ଅଧିକ ବୟସ୍କ ବରିଷ୍ଠ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ବରିଷ୍ଠ ହସ୍ତଶିଳ୍ପ ମହିଳା ଓ ପୁରୁଷ କାରିଗରଙ୍କୁ ମାସିକ ୨୫୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇଦିଆଯିବ। ରାଜ୍ୟର ବୁଣାକାର ଓ ହସ୍ତଶିଳ୍ପ କାରିଗର ମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଦକ୍ଷତା ବିକାଶ ଓ କଲ୍ୟାଣ ମୂଳକ ଯୋଜନା କରିଆସୁଛନ୍ତି। ରାଜ୍ୟରେ ୧ଲକ୍ଷ ୨୫ ହଜାରରୁ ଅଧିକ ବୁଣାକାର ତଥା ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଥିବା ବେଳେ ଦେଢ ଲକ୍ଷରୁ ଅଧିକ ହସ୍ତଶିଳ୍ପ କାରିଗର ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ବୁଣାକାର ଓ ହସ୍ତଶିଳ୍ପ କାରିଗରମାନେ ଏ ସମ୍ପର୍କରେ ଅନୁରୋଧ କରିଥିଲେ। ଏହି ଅନୁରୋଧକୁ ବିଚାରକୁ ନେଇ ରାଜ୍ୟ ସରକାର ରାଜ୍ୟର ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ମାନଙ୍କର କଲ୍ୟାଣ ନିମନ୍ତେ ଏହି ନୂତନ ଯୋଜନା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଯୋଗ୍ୟତା ହେଲା, ହିତାଧିକାରୀଙ୍କ ନାମ ବୟନଶିଳ୍ପ ନିର୍ଦ୍ଦେଶକ ଓ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ତାଲିକାରେ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ଭାବରେ ପଞ୍ଜିକୃତ ହୋଇଥିବେ। ସେହିପରି ତାଙ୍କର ପରିବାରର ବାର୍ଷିକ ଆୟ ୧ ଲକ୍ଷ ଟଙ୍କା ରୁ ଅଧିକ ହୋଇନଥିବ ଓ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା କୌଣସି ଅନୁରୂପ ଯୋଜନାର ଲାଭାର୍ଥୀ ହୋଇନଥିବେ। ହିତାଧିକାରୀ ସରକାରୀ କର୍ମଚାରୀ, ଆୟକରଦାତା କିମ୍ବା କେନ୍ଦ୍ର ଅଥବା ରାଜ୍ୟ ସରକାରଙ୍କ ପେନସନଭୋଗୀ ହୋଇନଥିବେ। ଗୋଟିଏ ପରିବାରରୁ ଜଣେ ମାତ୍ର ଏହି ଯୋଜନାରେ ଲାଭ ପାଇପାରିବେ। ତେବେ ଏହି ଯୋଜନାର ସହାୟତା ରାଶି ଯୋଗ୍ୟ ବିବେଚିତ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗରମାନଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ସଞ୍ଚୟ ଖାତାକୁ ସିଧା ସଳଖ ଡିବିଟି ଦ୍ୱାରା ପ୍ରଦାନ କରାଯିବ ଓ ଏ ନେଇ ବିଭାଗୀୟ ମାର୍ଗଦର୍ଶିକା ବିଭାଗ ତରଫରୁ ଶୀଘ୍ର ଜାରି କରାଯିବ। ବରିଷ୍ଠ ବୁଣାକାର ସହାୟତା ଯୋଜନାରେ ସହାୟତା ପାଉଥିବା ହିତାଧିକାରୀ ମାନଙ୍କୁ ବର୍ଦ୍ଧିତ ହାରରେ ସହାୟତା ରାଶି ଫେବୃଆରୀ ମାସ ୨୦ ରୁ ୨୫ ତାରିଖ ମଧ୍ୟରେ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ଉପଯୁକ୍ତ ହିତାଧିକାରୀ ଚୟନ କରାଯାଇ ସହାୟତା ରାଶି ଯଥାଶୀଘ୍ର ପ୍ରଦାନ କରାଯିବ।

### ଓଡ଼ିଶାରେ ହେବ ବିମାନ ଓ ପ୍ରତିରକ୍ଷା ଯନ୍ତ୍ରାଂଶ ଉତ୍ପାଦନ

# ୨୬ ହଜାର କୋଟି ନିବେଶ, ୧୨ ହଜାର ନିଯୁକ୍ତି



**ଭୁବନେଶ୍ୱର :** ଓଡ଼ିଶାରେ କେବଳ ଛୋଟବଡ଼ ଜିଲ୍ଲାରୁ ବିମାନ ଚଳାଚଳ ଆରମ୍ଭ ହେଉନାହିଁ, ବରଂ ଏହି କ୍ଷେତ୍ରରେ ସମୃଦ୍ଧି ଆଣି ଏକ ରୂପାନ୍ତରିତ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ନୂତନ ଯୁଗ ସହ ଉନ୍ନତ ବୈଷୟିକ ନିଯୁକ୍ତି କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହୋଇଛି। ଏହି କ୍ରମରେ ଓଡ଼ିଶାରେ ଏରୋସ୍ପେସ୍ ଓ ପ୍ରତିରକ୍ଷା ଉତ୍ପାଦନ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟ କ୍ୟାବିନେଟ୍ ଢେଙ୍କାନାଳର ଗଜମରାଠାରେ ଉତ୍ପାଦନ କାରଖାନା ପ୍ରତିଷ୍ଠା ଲାଗି କଲ୍ୟାଣୀ ଷ୍ଟିଲ୍‌କୁ ଅନୁମତି ପ୍ରଦାନ କରିଛି। କମ୍ପାନୀ ଏଠାରେ ଟିଟାନିୟମ୍ ମେଟାଲ ଓ ବିମାନ ଯନ୍ତ୍ରାଂଶ ପ୍ରସ୍ତୁତ କରିବ। ଏଥିସହ ଇଣ୍ଟିଗ୍ରେଟେଡ୍ ଆଡଭାନ୍ସ ସ୍ପେସିଆଲିଟି ଷ୍ଟିଲ୍ ଏବଂ ଅଟୋମୋବାଇଲ୍ ଯନ୍ତ୍ରାଂଶ ଉତ୍ପାଦନ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ୟାକେଜ୍ ପ୍ରଦାନ କରିବେ। କମ୍ପାନୀ ଏଥିପାଇଁ ୨୬୦୦୦ କୋଟି ଟଙ୍କା ବିନିଯୋଗ କରିବା ସହ ୧୨୦୦୦ ଲୋକଙ୍କୁ ନିଯୁକ୍ତି ଦେବ ବୋଲି କହିଛି। ମୁଖ୍ୟତଃ ଉଚ୍ଚଦକ୍ଷତା ସମ୍ପନ୍ନ ଯୁବକ ଯୁବତୀଙ୍କ କର୍ମନିଯୁକ୍ତି ପାଇଁ ଏହି ପ୍ରକଳ୍ପ ବହୁତ ବଡ଼ ସୁଯୋଗ ଦେବ। ଆଇଟିଆଇ, ପଲିଟେକ୍ନିକ୍, ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ମାନବସମ୍ବଳ ଆବଶ୍ୟକତା ପୂରଣ କରିବେ। ଏଥିସହ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ଏବଂ ଷ୍ଟାର୍ଟଅପ୍ କମ୍ପାନୀ ପାଇଁ ମଧ୍ୟ ରୋଜଗାର ମିଳିବ। ଆଗାମୀ ଦିନରେ ବିଶ୍ୱ ଟିଟାନିୟମ୍ ଉତ୍ପାଦ ବଜାର ଏବଂ ଏଥିରେ ଭାରତର ଭାଗୀଦାରି ଅଭୂତପୂର୍ବ ଅଭିବୃଦ୍ଧି ହାସଲ କରିବ ବୋଲି ଆଶା କରାଯାଉଛି। ଏପରିସ୍ଥଳେ କଲ୍ୟାଣୀ ଷ୍ଟିଲ୍ ଲିମିଟେଡ୍ ଏରୋସ୍ପେସ୍ ଓ ପ୍ରତିରକ୍ଷା ଉପକରଣ ଉତ୍ପାଦନ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ବିମାନ ଯନ୍ତ୍ରାଂଶ ଏବଂ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟ ସରକାର ୨୦୧୮ ମସିହାରେ ଓଡ଼ିଶା ଏରୋସ୍ପେସ୍ ଆଣ୍ଡ୍ ଡିଫେନ୍ସ ମାନୁଫାକ୍ଚରିଂ ପଲିସି ପ୍ରଣୟନ କରିଛନ୍ତି। ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ହେଉ ଅବା ବିଦେଶରେ ପୁଞ୍ଜିନିବେଶକ ସମ୍ମିଳନୀ; ସବୁଠି ରାଜ୍ୟ ସରକାର ନିବେଶକମାନଙ୍କୁ ଏହି କ୍ଷେତ୍ର ପ୍ରତି ଆକୃଷ୍ଟ କରିବାରେ ଅବହେଳା କରିନାହାନ୍ତି। ଓଡ଼ିଶାରେ ବିମାନ ଓ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ପାଦ ଥାପିବା ଲାଗି ୨୦୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଲ୍ ଆଣ୍ଡ ଟି ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଏସ୍‌ଏନ୍ ସୁବ୍ରମଣିୟନ୍‌ଙ୍କୁ ଆଲୋଚନା ସମୟରେ ପ୍ରସ୍ତାବ ଦେଇଥିଲେ। ଏହା ଉପରେ ବିଚାର କରି ନିଷ୍ପତ୍ତି ହେବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ସେହିପରି ବେଙ୍ଗାଲୁରୁଠାରେ ଅନୁଷ୍ଠିତ ନିବେଶକ ସମ୍ମିଳନୀରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗଦେଇ ଏହି କ୍ଷେତ୍ରରେ ପୁଞ୍ଜିବିନିଯୋଗ ପାଇଁ ପ୍ରସ୍ତାବ ଦେଇଥିଲେ। ଅପରପକ୍ଷେ ବିମାନ ଚାଳନା, ରକ୍ଷଣାବେକ୍ଷଣ କ୍ଷେତ୍ରରେ ମାନବସମ୍ବଳ ଅଭାବ ଦୂର ପାଇଁ ମଧ୍ୟ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସାର୍ଟିଫିକେଟ୍ ଇନ୍ ଏୟାରପୋର୍ଟ ଅପରେସନ୍ (ସିଏଓ), ବେସିକ୍ ଫାୟାର ଫାଇଟର୍ସ କୋର୍ସ (ବିଏଫ୍‌ଏଫ୍‌ସି) ଏବଂ ଏୟାର କାର୍ଗୋ ମ୍ୟାନେଜମେଣ୍ଟ ଏକଜିକ୍ୟୁଟିଭ୍ (ଏସିଏମ୍‌ଇ) ଭଳି ସ୍ୱତନ୍ତ୍ର ପାଠ୍ୟକ୍ରମରେ ୩୦୦ରୁ ଅଧିକ ଓଡ଼ିଆ ଯୁବକଙ୍କୁ ତାଲିମ ପ୍ରଦାନ କରାଯିବ। ସେହିପରି ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର (ବିପିଏସି) ଜରିଆରେ ବିମାନ ଚଳାଚଳ ଭିତ୍ତିକ ପାଠ୍ୟକ୍ରମ ଆରମ୍ଭ ହେବ। ଏଥିପାଇଁ ବିମାନ ଚଳାଚଳ ନିର୍ଦ୍ଦେଶାଳୟ, ଦକ୍ଷତା ବିକାଶ ଓ ନିଯୁକ୍ତି ନିର୍ଦ୍ଦେଶାଳୟ ଏବଂ ଜିଏମ୍‌ଆର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଶ୍ୱ ମାନଦଣ୍ଡ ଅନୁସାରେ ପାଠ୍ୟକ୍ରମ ପ୍ରଚଳନ ହେବ। ଏପରି ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବା ସହ ଯୁବପିଢ଼ିଙ୍କ ପାଇଁ ଅତୁଳନୀୟ ଦକ୍ଷତା ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଇଛି। ସେହିପରି ଢେଙ୍କାନାଳସ୍ଥିତ ବୀରସାଲ ଏୟାରଷ୍ଟ୍ରିପ୍ରେ ପ୍ରସ୍ତାବିତ ଏରୋସ୍ପେସ୍ ଏକାଡେମୀ ପ୍ରତିଷ୍ଠା କରି ସେଠାରେ ମଧ୍ୟ ଦକ୍ଷତା ବିକାଶ ପାଠ୍ୟକ୍ରମ ପ୍ରଚଳନ କରାଯିବ।



ଜୀବନରେ ସେହି ବ୍ୟକ୍ତି
ବିଫଳ ହୁଅନ୍ତି ଯିଏ
କେବଳ ଚିନ୍ତା କରନ୍ତି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୯ - ୨୫ ଫେବୃଆରୀ, ୨୦୨୪

# କାହା କଥାରେ କେତେ ସତ !

ଏବେ ରାଜ୍ୟସଭା ପ୍ରାର୍ଥୀ ଚୟନକୁ ନେଇ ବିଜେପି - ବିଜେଡି ସମ୍ପର୍କ ବିଷୟରେ ଅଧିକ ଆଲୋଚନା ହେଉଛି। ବିଜେଡି ସୁପ୍ରିମୋ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପୁନର୍ବାର ସମର୍ଥନ ଦେଇଥିବା କହୁଥିଲା ବେଳେ ବିଜେପି ରାଜ୍ୟ ସଭାପତି ସମର୍ଥନ ମାଗି ନଥିବା କହିଛନ୍ତି। କିନ୍ତୁ ସବୁଠୁ ବଡ଼ କଥା ହେଉଛି ନବୀନ ବାବୁଙ୍କ ବିଚକ୍ଷଣ ରାଜନୀତି। ସେ ଯେବେଠାରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ହେଲେଣି, ସେବେଠାରୁ ତାଙ୍କ ରାଜନୈତିକ ଗୋଟି ଚାଳନା କେହି ବୁଝିପାରୁନାହାନ୍ତି। ଅଧିକାଂଶ ଲୋକ ଭାବନ୍ତି ଯେ, ନବୀନ ବାବୁ କିଛି ବୁଝନ୍ତିନାହିଁ ହେଲେ ସେ ଯାହା ବୁଝନ୍ତି ତାହା ଅନ୍ୟମାନଙ୍କ କଳ୍ପନା ବାହାରେ ନିଶ୍ଚୟ। ଉପା ସରକାର ଅମଳ କଥା ହେଉ କି ଏନଡିଏ, ସବୁ ସରକାରଙ୍କ ସମୟରେ ନବୀନ ବାବୁ କେନ୍ଦ୍ର ସହିତ ଉତ୍ତମ ବୁଝାମଣା ରଖିପାରିବା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟରେ ବିରୋଧୀ ଯେତେ ହୋ ହଲ୍ଲା କଲେ ମଧ୍ୟ ନବୀନଙ୍କ ପରି ଚତୁର ରାଜନୀତି କେହି କରିପାରୁନାହାନ୍ତି ବୋଲି ନିଶ୍ଚୟ ମାନିବାକୁ ପଡିବ। ଓଡିଶା ରାଜନୀତିରେ ନବୀନ ବାବୁ ଯେବେଠାରୁ ପାଦ ଦେଲେଣି ସେବେଠାରୁ ତାଙ୍କ ରାଜନୈତିକ ବିଚକ୍ଷଣତା ଉପରେ ସର୍ବଦା ଚର୍ଚ୍ଚା ହୋଇଆସୁଛି। ହେଲେ ତାଙ୍କ ଗହନ ବିଦ୍ୟା ସମସ୍ତଙ୍କ ପାଇଁ ଅଗୋଚର ହୋଇରହିଛି। ତାଙ୍କ ବିପର୍ଯ୍ୟୟ ପରିଚାଳନା କଥା ଦେଶର ସବୁ ରାଜ୍ୟ ପ୍ରଶଂସା କରନ୍ତି। ବିପଦ ବେଳେ ଧୈର୍ଯ୍ୟହରା ନହୋଇ କିଭଳି ଏହାର ମୁକାବିଲା କରାଯାଇପାରିବ ତାହାର ଅସଂଖ୍ୟ ଉଦାହରଣ ରହିଛି। ସ୍ୱଳ୍ପଭାଷୀ ନବୀନ କେବେ କାହାକୁ କଡା ଭାଷାରେ ନିନ୍ଦା ନକରି ନିଜର କାର୍ଯ୍ୟକୁ ଆହୁରି ସୁଗମ କରିଦେଇଛନ୍ତି, ଯେଉଁଥିପାଇଁ ଓଡ଼ିଶାର ଜନତା ତାଙ୍କ ଉପରେ ଅଖଣ୍ଡ ଭରଷା କରୁଛନ୍ତି। ନବୀନ ପ୍ରତ୍ୟେକ କାର୍ଯ୍ୟ ଆଗୁଆ ସାରିଦେଇ ପ୍ରତିଥର ନିର୍ବାଚନକୁ ଓହ୍ଲାଉଥିଲା ବେଳେ ବିରୋଧୀଙ୍କ ପ୍ରସ୍ତୁତି ଆରମ୍ଭ ହିଁ ବିଜେଡିର ସଫଳତା। କେଉଁ ସମୟରେ କେଉଁ ଯୋଜନାର ଆବଶ୍ୟକତା ତାହା ନବୀନଙ୍କ ଠାରୁ ଅଧିକ କେହି ଜାଣିନାହାନ୍ତି। ନବୀନଙ୍କ ପୂର୍ବରୁ ଓଡ଼ିଶାରେ ଜାନକୀ ବଲ୍ଲଭ ପଟ୍ଟନାୟକ ଚତୁର ରାଜନେତା ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ନବୀନଙ୍କ ଚତୁର ରାଜନୀତି ସବୁଠାରୁ ଊର୍ଦ୍ଧ୍ୱରେ ବୋଲି ସ୍ୱୀକାର କରିବାକୁ ପଡିବ। ସାଧାରଣ ଜନତାଙ୍କ ଆବଶ୍ୟକତା ପୂରଣ କରି କିଭଳି ଭୋଟ ହାତେଇ ହେବ ତାହା ନବୀନଙ୍କୁ ବେଶ ଜଣା। ନଚେତ ଓଡ଼ିଆ ଲୋକ ତାଙ୍କୁ ଏତେମାତ୍ରାରେ ସମର୍ଥନ ଦେଉନଥାନ୍ତେ। ଏବେ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରସଙ୍ଗକୁ ଆସିବା। ଯାହା ଅନୁମାନ କରାଯାଉଥିଲା ତାହା ଘଟିଲା। ନବୀନ ବାବୁଙ୍କ ଦଳରେ ରାଜ୍ୟସଭା ଯିବା ପାଇଁ ଅନେକ ଆଶାୟୀ ଥିଲାବେଳେ ସେ ତାଙ୍କ ପାଖରେ ଯଥେଷ୍ଟ ଭୋଟ ଥାଇ ସୁଦ୍ଧା ଦୁଇଜଣ ରାଜ୍ୟସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରି ସମସ୍ତଙ୍କ ମନରେ ଅସଂଖ୍ୟ ପ୍ରଶ୍ନ ଭରିଦେଇଥିଲେ। କିଏ ହେବ ତୃତୀୟ ପ୍ରାର୍ଥୀ ତାହାକୁ ନେଇ ସଂଶୟ ସୃଷ୍ଟି ହୋଇଥିଲା। ହେଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନାମ ବିଜେପି ଘୋଷଣା କରିବାପରେ ବିଜେଡି ତାଙ୍କୁ ସମର୍ଥନ ଦେଲା। ବିଜେପି ଅଶ୍ୱିନୀଙ୍କ ନାମ ଘୋଷଣା କରିବାର କିଛି ସମୟ ପରେ ବିଜେଡି ପକ୍ଷରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଏକ ପ୍ରେସ ବିଜ୍ଞପ୍ତି ଜାରି ହେଲା। ଶ୍ରୀ ବୈଷ୍ଣବଙ୍କ ପ୍ରାର୍ଥୀତ୍ୱକୁ ବିଜେଡି ସମର୍ଥନ କରିବ ବୋଲି ଏଥିରେ କୁହାଗଲା। ଏହାର କାରଣରେ ବିଜେଡି କହିଲା ଯେ, ରାଜ୍ୟରେ ରେଳବାଇ ଓ ଟେଲିକମ ବିକାଶରେ ବୃହତ୍ତର ସ୍ୱାର୍ଥକୁ ଆଖି ଆଗରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

ସମ୍ପାଦକୀୟ
ତାରକ ମହାନ୍ତି



ତେବେ ପ୍ରଶ୍ନ ଉଠୁଛି ଭାରତୀୟ ଜନତା ପାର୍ଟିର ରାଜ୍ୟସଭା ପ୍ରାର୍ଥୀଙ୍କୁ ବିଜୁ ଜନତା ଦଳ ସମର୍ଥନ ଦେଲା କାହିଁକି ? ବିଭିନ୍ନ ଜାତୀୟ ଗଣମାଧ୍ୟମରେ ବିଜେଡି ସାଂସଦ ମୁନା ଖାଁଙ୍କ ବକ୍ତବ୍ୟରେ କୁହାଯାଇଛି ଯେ, ଅଶ୍ୱିନୀ ବୈଷ୍ଣବଙ୍କ ମନ୍ତ୍ରୀତ୍ୱ ସମୟରେ କେନ୍ଦ୍ର ଓଡ଼ିଶାର ରେଳ ଓ ଟେଲିକମ କ୍ଷେତ୍ରରେ ବ୍ୟାପକ ଉନ୍ନତି ଘଟିଛି। ତେଣୁ ଆଗକୁ ଏହି କ୍ଷେତ୍ରର ଅଧିକ ବିକାଶ ସମ୍ଭାବନା ଥିବାରୁ ବିଜେଡି ସୁପ୍ରିମୋ ଏଭଳି ନିଷ୍ପତ୍ତି ନେଇଛନ୍ତି। ସଂଖ୍ୟା ଦୃଷ୍ଟିରୁ ବିଚାର କଲେ ତିନୋଟି ଖାଲିପଡୁଥିବା ରାଜ୍ୟସଭା ଆସନ ପାଇଁ ବିଜେଡି ପାଖରେ ଅଧିକ ଭୋଟ ରହୁଛି। କିନ୍ତୁ ବିଜେପି ପାଖରେ ଆଶାନୁରୂପ ଭୋଟ ନଥାଇ ସେ ପୁନର୍ବାର ଅଶ୍ୱିନୀଙ୍କୁ ପ୍ରାର୍ଥୀ କଲା କିପରି ? ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାର ଭୋଟର ଏଥିରୁ କି ବାର୍ତ୍ତା ପାଇବେ ? ବିଜେଡି-ବିଜେପି ଭିତରେ ମଧୁର ସମ୍ପର୍କ ଥିବାନେଇ ପୂର୍ବରୁ ରାଜ୍ୟ କଂଗ୍ରେସର ନେତା କହିଆସୁଛନ୍ତି। ଏପଟେ ବିଜେପି - ବିଜେଡି ଅଲଗା ନିର୍ବାଚନ ଲଢୁଛନ୍ତି ଓ ଉଭୟ ଦଳ ମେଣ୍ଟ କରିବେନି ବୋଲି କହୁଛନ୍ତି। କିନ୍ତୁ ଅସଲ କଥାଟି ଲୁଚିଛି ଅନ୍ୟ ଜାଗାରେ। ଓଡିଶା ଗସ୍ତରେ ଆସି ଅନ୍ୟ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଦଳୀୟ ସଭାରେ ଓଡ଼ିଶାରେ ବ୍ୟାପକ ଦୁର୍ନୀତି ଚାଲିଥିବା କଥା କହିଥିଲେ ଠିକ ଏହାର ପରେ ପରେ ବିଜେଡି ଅଶ୍ୱିନୀଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ ଦେଇଦେଲା। ଏଥର ମଜ୍ଜା କଥା, ଓଡ଼ିଶା ସରକାର ଦୁର୍ନୀତିରେ ଉବୁଟୁବୁ ବୋଲି ଅନ୍ୟ ରାଜ୍ୟ ଜାଣେ ବୋଲି ବିଜେଡି ଜାଣିଦେଲା। ଏହାକୁ ପ୍ରଶମିତ କରିବାକୁ ଯାଇ ବିଜେଡି ଅଶ୍ୱିନୀଙ୍କୁ ସମର୍ଥନ ଦେଇନି ତ ? ପରେ ପରେ ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡିର ଚଢ଼ାଉ କଣ ସଙ୍କେତ ଦେଉଛି ତାହା ଆପଣ ଭାବନ୍ତୁ। ଅନ୍ୟପକ୍ଷେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟସଭା ଆସନ ପାଇଁ ଓଡିଶାରୁ ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଗଣମାଧ୍ୟମକୁ ଶ୍ରୀ ବୈଷ୍ଣବ ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ରାଜ୍ୟସଭା ମାଧ୍ୟମରେ ଓଡ଼ିଶାର ସେବା କରିବା ପାଇଁ ବିଜେପି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉଥରେ ସୁଯୋଗ ଦେଇଥିବାରୁ ଧନ୍ୟବାଦ ଜଣାଉଛି। ଓଡିଶାକୁ ବିକଶିତ ରାଜ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କର ଯେଉଁ ସ୍ୱପ୍ନ ଅଛି ତାକୁ ସେ ସଫଳ କରିବେ। ହେଲେ ଶ୍ରୀ ବୈଷ୍ଣବ ତାଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ ଜଣାଇଥିବା ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ଧନ୍ୟବାଦ ଟିକେ ଜଣାଇନଥିଲେ। ଓଲଟା ବିଜେପିର ରାଜ୍ୟ ନେତୃତ୍ୱ ବିଜେଡି କାହିଁକି ଶ୍ରୀ ବୈଷ୍ଣବଙ୍କୁ ସମର୍ଥନ ଦେଇଛି ତାହା ତାଙ୍କୁ ପଚାରନ୍ତୁ ବୋଲି କହିଛନ୍ତି। ତେବେ ଅଶ୍ୱିନୀଙ୍କୁ ବିଜେଡିର ସମର୍ଥନ ଅନେକ ପ୍ରଶ୍ନ ଠିଆ କରିଛି। କିନ୍ତୁ ଯାହା ଜଣାପଡୁଛି ଅଶ୍ୱିନୀଙ୍କର ବିଜେଡି ପ୍ରୀତି ରହିଛି ଏବଂ ସେ ବିଜେପିରୁ ପ୍ରାର୍ଥୀ ହେବା ସତ୍ତ୍ୱେ ବିଜେଡି ଓ ବିଜେପି ମଧ୍ୟରେ ଏକ ସେତୁ ପରି କାମ କରୁଛନ୍ତି। ଯେଉଁଥିପାଇଁ ବିଜେଡି ତାଙ୍କୁ ଭୁଲି ପାରୁନାହିଁ। ଆଉ ବିଜେପି ଜଣେ ଭଲ ମନ୍ତ୍ରୀଙ୍କୁ ହାତଛଡା କରିବାକୁ ଚାହୁଁନାହିଁ। ତେଣୁ ଏଥିରୁ ବିଜେଡି ଓ ବିଜେପିର ସମ୍ପର୍କ ଭିତରେ ନିଶ୍ଚୟ ଟାଣ ରହିଛି। ଯାହା ବାହାରକୁ ଜଣାପଡୁନଥିଲେ ମଧ୍ୟ ସମ୍ପର୍କ ଉଭୟ ଦଳ ନିଜ ନିଜ ବୁଦ୍ଧିରେ ସୁଦୃଢ଼ କରିଚାଲିଛନ୍ତି। ରାଜ୍ୟ କଂଗ୍ରେସ ଯଦିଓ ଏହି ଭିତିରି ସମ୍ପର୍କର ଗୁମର ଖୋଲିବା ପାଇଁ ବାରମ୍ବାର ଚେଷ୍ଟା କରିଆସିଛି ତଥାପି ସିଧାସଳଖ ଭାବେ ଏହାକୁ ବିଜେଡି କିମ୍ବା ବିଜେପି ଗ୍ରହଣ କରୁନାହାନ୍ତି।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଭାରତରେ ଇମାନୁଏଲ ମାକ୍ରୋନ



ସୌମେନ୍ଦ୍ର ଜେନା

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସର ଅତିଥି ଭାବେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଯୋଗ ଦେଇଥିଲେ। ପ୍ରଥମେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଅତିଥି ଭାବେ ନିମନ୍ତ୍ରିତ କରାଯାଇଥିଲେ ହେଁ ସେ ଆସିପାରିବେ ନାହିଁ ବୋଲି ଜଣାଇବାରୁ ମାକ୍ରୋନଙ୍କୁ ନିମନ୍ତ୍ରିତ କରାଯାଇଥିଲା। ଫ୍ରାନ୍ସ ରାଷ୍ଟ୍ରପତି ନିମନ୍ତ୍ରଣ ପାଇବାକ୍ଷଣି ବିନା ଦ୍ୱିଧାରେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଥିଲେ। ସବୁଥର ପରି ନିମନ୍ତ୍ରିତ ଅତିଥିଙ୍କ ଭାରତଗସ୍ତ କାଳରେ ଦ୍ୱିପାକ୍ଷିକ ସଂପର୍କ ଆଧାରିତ ଆଲୋଚନା ଯେପରି ହୋଇଥାଏ ଏ ବର୍ଷ ମଧ୍ୟ ସେପରି ହୋଇଥିଲା। କିନ୍ତୁ ଚଳିତବର୍ଷର ବ୍ୟତିକ୍ରମ ହେଲା ମାକ୍ରୋନଙ୍କର କାର୍ଯ୍ୟକ୍ରମ ନୂଆଦିଲ୍ଲୀରୁ ଆରମ୍ଭ ନ ହୋଇ ଜୟପୁରରେ ହେଲା। ଜୟପୁର ସହରକୁ ମାକ୍ରୋନଙ୍କ ସ୍ୱାଗତ ନିମିତ୍ତ ବେଶ ସଜ୍ଜାଯାଇଥିଲା। ଏମିତି ଦେଖିବାକୁ ଗଲେ ପିଙ୍କ ସିଟୀ ଭାବେ ପରିଚିତ ଜୟପୁର ଏକ ସୌନ୍ଦର୍ଯ୍ୟଭରା ନଗରୀ। ମାକ୍ରୋନ ଜୟପୁରର ଆନ୍ତର୍ଜାତିକ ବିମାନବନ୍ଦରରେ ଓହ୍ଲାଇବା ସମୟରେ ଭାରତର ବିଦେଶମନ୍ତ୍ରୀ ଏସ୍.ଜୟଶଙ୍କର ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାକ୍ରୋନଙ୍କୁ ଏକ ଖୋଲାଗାଡିରେ ସହର ପରିକ୍ରମା କରାଇଥିଲେ। ସଡକର ଉଭୟପାର୍ଶ୍ୱରେ ହଜାର ହଜାର ସଂଖ୍ୟକ ଜନସାଧାରଣଙ୍କର ଉପସ୍ଥିତି ଏବଂ ମାକ୍ରୋନଙ୍କୁ ସ୍ୱାଗତ କରିବା ଦେଖି ଫ୍ରାନ୍ସ ରାଷ୍ଟ୍ରପତି ମୁଗ୍ଧ ହୋଇଥିଲେ। ଜୟପୁର ସହର ପାଇଁ ଏହି ଆୟୋଜନ ପ୍ରଥମ ଥିଲେ ମଧ୍ୟ ନିକଟରେ ନିର୍ବାଚିତ ରାଜସ୍ଥାନର ବିଜେପି ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମାଙ୍କ ପାଇଁ ଏହି ବ୍ୟବସ୍ଥା ଥିଲା ପ୍ରଥମ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଦିଲ୍ଲୀରେ ଆପ୍ ସରକାର ଥିବା ହେତୁ ଏପରି କାର୍ଯ୍ୟକ୍ରମର ଆୟୋଜନ ବେଳେ ଅସୁବିଧା ଏବଂ ଅଯଥା ବିତର୍କକୁ ଏଡାଇବାକୁ ଯାଇ ପ୍ରଧାନମନ୍ତ୍ରୀ ଦଳର ଶାସିତ ରାଜ୍ୟ ରାଜସ୍ଥାନରେ ଏହି ଦ୍ୱିପାକ୍ଷିକ ଆଲୋଚନା କରିବାକୁ ବୋଧହୁଏ ସ୍ଥିର କରିଥିଲେ। ଅନ୍ୟପକ୍ଷରେ ଇସଲାମିକ ଜଗତରେ ମାକ୍ରୋନଙ୍କ ପ୍ରତି ଘୃଣାଭାବ ଥିଲାବେଳେ ଏବଂ ବିଗତ ଦିନରେ ରାଜସ୍ଥାନରେ ଇସଲାମିକ ଗୋଷ୍ଠୀଙ୍କ ଦ୍ୱାରା ଘୃଣ୍ୟ ହତ୍ୟାଦ୍ୱାରା ରାଜ୍ୟକୁ ସନ୍ତ୍ରସ୍ତ କଲାପରି ଉଦ୍ୟମ ହୋଇଥିଲା ବେଳେ ଇସଲାମିକ ଗୋଷ୍ଠୀଙ୍କ ଉପରେ କଠୋର ପଦକ୍ଷେପ ନେଇ ଚର୍ଚ୍ଚିତ ହୋଇଥିବା ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ ଖୋଲାଗାଡିରେ ସହର ପରିକ୍ରମା କରାଇ ନରେନ୍ଦ୍ର ମୋଦି କଠୋର ସନ୍ଦେଶ ଦେଇଥିଲେ। ଏକଥା ସତ ଯେ ଇସଲାମିକ ଗୋଷ୍ଠୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନିଜେ ସିଧାସଳଖ ସମାଲୋଚନା କରୁନଥିଲେ ମଧ୍ୟ ପରୋକ୍ଷ ଇଙ୍ଗିତରେ ବହୁ ସମୟରେ ଚେତାବନୀ ଦେଇଛନ୍ତି। ବିଶ୍ୱ ରାଜନୀତିରେ ଇସଲାମିକ ରାଷ୍ଟ୍ରଗୋଷ୍ଠୀଙ୍କ ଦ୍ୱାରା ଅନେକ ମାମଲାରେ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କୁ ସମର୍ଥନ ଦେବା ନୀତିକୁ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି ଖାରଜ କରିଛନ୍ତି। ଇସ୍ରାଏଲ୍‌ରେ ହାମାସର ଆକ୍ରମଣ ଏବଂ କାଶ୍ମୀରରେ ସନ୍ତ୍ରାସବାଦୀଙ୍କ ଆକ୍ରମଣକୁ ପ୍ରତ୍ୟକ୍ଷଭାବେ ଇସଲାମିକ ରାଷ୍ଟ୍ରଗୋଷ୍ଠୀ ଆନ୍ତର୍ଜାତିକ ସ୍ତରରେ ସାହାଯ୍ୟ, ସହଯୋଗ ଏବଂ ସମର୍ଥନ ପ୍ରଦାନ କରିଆସିଛନ୍ତି।

ଭାରତ ମହାସାଗର ଏବଂ ପ୍ରଶାନ୍ତ - ଭାରତ ମହାସାଗରୀୟ କ୍ଷେତ୍ରକୁ ଅଧିକ ସୁରକ୍ଷିତ ରଖିବା ପାଇଁ ଭାରତ-ଫ୍ରାନ୍ସ ମିଳିତ ଭାବେ କାର୍ଯ୍ୟ କରିବାକୁ ରାଜି ହୋଇଥିଲେ। ଦ୍ୱିପାକ୍ଷିକ ଆଲୋଚନାରେ ଯୋଗଦେଇ ଫ୍ରାନ୍ସ ରାଷ୍ଟ୍ରପତି ପ୍ରତିରକ୍ଷା ଶିଳ୍ପରେ ଭାରତକୁ ସହଯୋଗ, ମିଳିତ ବିକାଶ, ଡିଜାଇନିଂ, ଉତ୍ପାଦନ ସହ ତୃତୀୟ ରାଷ୍ଟ୍ରଗୁଡିକୁ ରପ୍ତାନୀ ପାଇଁ ସହମତ ହୋଇଥିଲେ। ଭାରତକୁ ଯୁଦ୍ଧବିମାନ ଇଞ୍ଜିନ ନିର୍ମାଣରେ ସହଯୋଗ କରିବାକୁ ସମ୍ମତି ପ୍ରଦାନ କରିଥିଲେ। ନୌସେନା ପାଇଁ ରାଫେଲ୍-ଏମ ଯୁଦ୍ଧବିମାନ ବିକ୍ରି, ସ୍କର୍ପିନ ଶ୍ରେଣୀର ଯୁଦ୍ଧପୋତ ନିର୍ମାଣ, ସ୍ନାତକୋତ୍ତର ଶିକ୍ଷା ପାଇଁ ପାଞ୍ଚବର୍ଷିଆ ଭିସା ପ୍ରଦାନ, ସ୍ୱାସ୍ଥ୍ୟସେବାରେ ସହଯୋଗ, ଶିକ୍ଷା, ପ୍ରଶିକ୍ଷଣ, ଗବେଷଣା କ୍ଷେତ୍ର ଲାଗି ଦ୍ୱିପାକ୍ଷିକ ବୁଝାମଣା ହୋଇଥିଲା। ମହାକାଶ ଗବେଷଣା ନିମନ୍ତେ ଭାରତର ଇସ୍ରୋର ବାଣିଜ୍ୟିକ ଶାଖା ନିଉ ସ୍ପେସ୍ ଇଣ୍ଡିଆ ଲିମିଟେଡ୍ ସହ ଫ୍ରାନ୍ସର ଏରିଆନ ସ୍ପେସ ମଧ୍ୟରେ ଉପଗ୍ରହ ଉତ୍କ୍ଷେପଣ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଭାରତର ଟାଟା ଗ୍ରୁପ୍ ସହ ଫ୍ରାନ୍ସର ହେଲିକପ୍ଟର ନିର୍ମାତା ଏୟାରବସ୍ ଭାରତରେ ଏଚ୍-୧୨୫ ମଡେଲର ହେଲିକପ୍ଟର ନିର୍ମାଣ ଏବଂ ରପ୍ତାନୀ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ହେଲିକପ୍ଟର ବେସାମରିକ ପରିବହନ, ପାହାଡିଆ ଅଞ୍ଚଳରେ ଯୋଗାଯୋଗ, ଏୟାର୍ ଆମ୍ବୁଲାନ୍ସ କ୍ଷେତ୍ରରେ ବେଶ୍ ସହାୟକ ହେବ। ବିପର୍ଯ୍ୟୟ କାଳରେ ଲୋକଙ୍କୁ ଉଦ୍ଧାର ଏବଂ ପରିବହନ ପାଇଁ ଏହି ହାଲୁକା ହେଲିକପ୍ଟର ସହାୟକ ହେଉଥିବାରୁ ଭାରତ ସରକାର ଏହାର ଦେଶୀୟ ଉତ୍ପାଦନ ଏବଂ ରକ୍ଷଣାବେକ୍ଷଣ ଉପରେ ଜୋର ଦେଇ ଅଧିକ ସଂଖ୍ୟାରେ ଉତ୍ପାଦନ କରି ରାଜ୍ୟମାନଙ୍କୁ ଶସ୍ତାରେ ଯୋଗାଇ ଦେବାକୁ ଯୋଜନା ରଖିଛନ୍ତି। ଉଡାନ ଯୋଜନାରେ ଅନେକ ବିମାନ ବନ୍ଦର ନିର୍ମାଣ ହେଉଥିବାରୁ ଏହି ହେଲିକପ୍ଟର ଦେଶର କୋଣାନୁକୋଣରେ ଉଡାଣ ଭରିପାରିବ। ସେମିତି ସାମୁଦ୍ରିକ କ୍ଷେତ୍ରରେ ସଚେତନତା, ରୋବୋଟିକ୍ସ, ସାଇବର ସୁରକ୍ଷା କ୍ଷେତ୍ରରେ ଦୁଇଦେଶ ମିଳିତ ଭାବେ କାର୍ଯ୍ୟକରିବାକୁ ସହମତ ହୋଇଛନ୍ତି। ୨୦୨୬କୁ ଭାରତ-ଫ୍ରାନ୍ସ 'ନବସର୍ଜନର ବର୍ଷ' ଭାବେ ପାଳନ କରିବେ। ଭାରତ ସରକାର ଆଇଏନଏସ୍ ବିକ୍ରାନ୍ତ ପାଇଁ ୨୬ଟି ରାଫେଲ -ଏମ୍ କିଣିବାକୁ ଯୋଜନା ରଖିଛନ୍ତି। ଏହାଛଡା ପଞ୍ଚମପିଢୀର ଯୁଦ୍ଧବିମାନର ଇଞ୍ଜିନ ନିର୍ମାଣ ପାଇଁ ଭାରତକୁ ୧୦୦ ପ୍ରତିଶତ ଜ୍ଞାନ କୌଶଳ ଦେବାକୁ ଫ୍ରାନ୍ସର ସାଫ୍ରାନ କମ୍ପାନୀ ରାଜି ହୋଇଛି। ମିଳିତ ଦ୍ୱିପାକ୍ଷିକ ଘୋଷଣାପତ୍ରରେ ଭାରତ-ଫ୍ରାନ୍ସ ମଧ୍ୟରେ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ ବୃଦ୍ଧି, ଦ୍ୱିପାକ୍ଷିକ, ବହୁପାକ୍ଷିକ ଏବଂ କ୍ଷେତ୍ରୀୟ ସ୍ତରରେ ଆନୁଷ୍ଠାନିକ ସହଯୋଗ ଲାଗି ସହମତି ପ୍ରକାଶ ପାଇଥିଲା। ଭାରତ ମହାସାଗରରେ ପଶ୍ଚିମ କ୍ଷେତ୍ରରେ ମିଳିତ ରକ୍ଷା ବ୍ୟବସ୍ଥା ନିର୍ମାଣ, ଫ୍ରାନ୍ସର ଦ୍ୱୀପ ଲା-ରିୟୁନିଅନରୁ ୨୦୨୦ ଏବଂ ୨୦୨୨ ପରି ଆଗାମୀ ଦିନରେ ଅଧିକ ସକ୍ରୀୟ ରକ୍ଷା ବ୍ୟବସ୍ଥା ନିର୍ମାଣ ପାଇଁ ଦୁଇଦେଶ ରାଜି ହୋଇଛନ୍ତି। ଏକଥା ମଧ୍ୟ ସତ ଯେ ଫ୍ରାନ୍ସ ଭାରତର ବିଶ୍ୱାସଯୋଗ୍ୟ ପ୍ରତିରକ୍ଷା ସହଯୋଗୀ ରାଷ୍ଟ୍ର ରହିଆସିଛି। ଚୁକ୍ତିର ସମୟ ମଧ୍ୟରେ ପ୍ରତିରକ୍ଷା ସାମଗ୍ରୀ ଯୋଗାଣ ଏବଂ ପରବର୍ତ୍ତୀ ରକ୍ଷଣାବେକ୍ଷଣ କ୍ଷେତ୍ରରେ ଫ୍ରାନ୍ସ ସବୁବେଳେ ରୁଷିଆଠାରୁ ଆଗରେ ରହିଛି। ଅନ୍ୟପକ୍ଷରେ ଭାରତକୁ ରାଫେଲ ବିମାନ ବିକ୍ରି କରି ଫ୍ରାନ୍ସ କମ୍ପାନୀ କେବଳ ଲାଭବାନ ଯେ ହୋଇଛି ତା ନୁହେଁ। କମ୍ପାନୀର କ୍ଷତିକୁ ଭରଣା କରିବା ସହ ଅନେକ ଦେଶରୁ ଭଲ ଅର୍ଡର ପାଇବାକୁ ସକ୍ଷମ ହୋଇଛି। ସଂପ୍ରତି ଆମେରିକା ଏବଂ ଚୀନ ମଧ୍ୟରେ ପ୍ରତିରକ୍ଷା, ଅର୍ଥନୀତି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବା ସମୟରେ ୟୁରୋପୀୟ ସଂଘର ରାଷ୍ଟ୍ରଗୁଡିକ ନିଜକୁ ତୃତୀୟ ବିକଳ୍ପ ଗୋଷ୍ଠୀ ଭାବେ ସଂଗଠିତ କରି ଛିଡା ହେବାକୁ ଚାହୁଁଛନ୍ତି। ସେଥିପାଇଁ ଭାରତର ବଜାର ସେମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଛି। କୋରୋନା କାଳ ଏବଂ ପରବର୍ତ୍ତୀ ସମୟରେ ଭାରତର ବିକାଶ ହାର ପୃଥିବୀରେ ସବୁଠୁ ଅଧିକ ବଢିବାର ସମ୍ଭାବନାଜନିତ ରିପୋର୍ଟ ପ୍ରକାଶ ପାଇବାକୁ ଲକ୍ଷ୍ୟ କରି ୟୁରୋପ ଭାରତକୁ ନିଜ ସପକ୍ଷରେ ରଖିବାକୁ ପ୍ରୟାସ ଚଳାଇଥିଲା ବେଳେ ଫ୍ରାନ୍ସ ଅଧିକ ଦୁଇପାଦ ଆଗକୁ ଆସି ଗୋଟିଏ ହାତରେ ଦେବା ସହ ଅନ୍ୟ ହାତରେ ନେବାଲାଗି ବ୍ୟବସ୍ଥା କରୁଛି। ଭାରତର ବେସାମରିକ ବିମାନ ବଜାର ବିଶ୍ୱର ମୋଟ ବିମାନ ଉତ୍ପାଦନର ୨୦ ପ୍ରତିଶତ କ୍ରୟ କରିବା ସହ ଆଗାମୀ ୧୦ ବର୍ଷ ଯାଏଁ ଆଗୁଆ ବୁକିଂ ଦେଇ ସମସ୍ତଙ୍କୁ ଚକିତ କରିଛି। ଆଗାମୀ ୧୦ବର୍ଷରେ ଭାରତ ୨୨୦୦ରୁ ଅଧିକ ଯାତ୍ରୀବାହୀ ବିମାନ ଆବଶ୍ୟକ କରିବ ବୋଲି ଏୟାରବସ୍ କମ୍ପାନୀ ଆକଳନ କରିଛି। ସେଥିପାଇଁ ଏୟାରବସ୍ ଭାରତକୁ ଉତ୍ପାଦନର ମୁଖ୍ୟକେନ୍ଦ୍ର କରିବା ଲକ୍ଷ୍ୟରେ ରହିଛି। ଚୀନ ଏଥିପାଇଁ ଅନେକ ପ୍ରୟାସ କରି ଆଜିଯାଏଁ ସଫଳ ହୋଇପାରିନଥିବା ସମୟରେ ଭାରତରେ ଟାଟା ସହଯୋଗରେ ଏୟାରବସ୍ ହେଲିକପ୍ଟର ନିର୍ମାଣ କରିବା ଦ୍ୱାରା ଆଗାମୀ ଦିନରେ ଏହି କ୍ଷେତ୍ରକୁ ଅଧିକ ମଜଭୁତ କରିବ।

ମାକ୍ରୋନ ନୂଆଦିଲ୍ଲୀଠାରେ ପରେଡରେ ଯୋଗ ଦେବାସହ ୩୦ହଜାର ଭାରତୀୟ ଛାତ୍ରଙ୍କୁ ୨୦୩୦ ସୁଦ୍ଧା ପ୍ୟାରିସରେ ଦେଖିବାପାଇଁ ଲକ୍ଷ୍ୟ ରଖିଥିବା ବିଷୟ ଟ୍ୱିଟରରେ ପ୍ରକାଶ କରିଥିଲେ। ପ୍ୟାରିସର ଇଫେଲ ଟାୱାରରେ ଭାରତର ୟୁପିଆଇକୁ କାର୍ଯ୍ୟକାରୀ କରିବା, ଆନ୍ତର୍ଜାତିକ ସୌରଶକ୍ତି ସାମୁଖ୍ୟର ଷ୍ଟାର-ସି ପ୍ରକଳ୍ପ ଅଧିନରେ ଆଫ୍ରିକାର ସେନେଗାଲଠାରେ ସୋଲାର ଏକାଡେମୀ ସ୍ଥାପନ, ଫ୍ରାନ୍ସର ମାର୍ସେଲିସ୍‌ଠାରେ ଭାରତର କନ୍‌ସୁଲେଟ ଖୋଲିବା ଏବଂ ଭାରତର ହାଇଦ୍ରାବାଦଠାରେ ଫ୍ରେଞ୍ଚ ବ୍ୟୁରୋ ଡେ.ଫ୍ରାନ୍ସ ଖୋଲାଯିବା ଲାଗି ଘୋଷଣା କରାଯାଇଥିଲା। ୨୦୨୫ରେ ଫ୍ରାନ୍ସର ନାଇସଠାରେ ଜାତିସଂଘର ସାମୁଦ୍ରିକ ସମ୍ମିଳନୀର ଆୟୋଜନ ପାଇଁ ଫ୍ରାନ୍ସର ପ୍ରୟାସକୁ ଭାରତ ସମର୍ଥନ କରିଛି। ଜୟପୁରରେ ଫ୍ରାନ୍ସ ରାଷ୍ଟ୍ରପତି ଅମ୍ବରଦୁର୍ଗ, ଯନ୍ତରମନ୍ତର, ହାୱାମହଲ ପ୍ରଭୃତି ଦର୍ଶନୀୟ ସ୍ଥଳୀକୁ ବୁଲି ଦେଖିଥିଲେ। ହାୱାମହଲଠାରେ ଚାହା ପିଇବା ପରେ ୟୁପିଆଇ ଯୋଗେ ଟଙ୍କା ଦେବା ବ୍ୟବସ୍ଥା ମାକ୍ରୋନଙ୍କୁ ପ୍ରଭାବିତ କରିଥିଲା। ମାକ୍ରୋନଙ୍କ ଗସ୍ତ କାଳରେ ଫ୍ରାନ୍ସର ପ୍ରତିରକ୍ଷା , ସଂସ୍କୃତି ଏବଂ ବିଦେଶମନ୍ତ୍ରୀ ମଧ୍ୟ ରହିଥିଲେ। କାରଣ ବୁଝାମଣା ଜନିତ ଅସୁବିଧା ଆଗାମୀ ଦିନରେ ନରହିବା ଥିଲା ମାକ୍ରନୋଙ୍କ ଲକ୍ଷ୍ୟ। ଗତବର୍ଷ ୧୪ ଜୁଲାଇ ୨୦୨୩ରେ ଫ୍ରାନ୍ସର ସ୍ୱାଧୀନତା ଦିବସ ପାଳନ ଅବସରରେ ନରେନ୍ଦ୍ର ମୋଦି ପ୍ୟାରିସ ଗସ୍ତରେ ଯାଇଥିଲାବେଳେ ଦୁଇଦେଶ ମଧ୍ୟରେ ୨୦୪୭ ପାଇଁ ସଂପର୍କର ଏକ ଭବିଷ୍ୟତ ରୂପରେଖା ପ୍ରସ୍ତୁତିଲାଗି ଆଲୋଚନା ହୋଇଥିଲା। ସେଠାରେ ଭାରତର ତିନି ସେନା ବାହିନୀ ଫ୍ରାନ୍ସ ସ୍ୱାଧୀନତା ଦିବସ ପରେଡରେ ଅଂଶଗ୍ରହଣ କଲାପରି ୨୦୨୪ ନୂଆଦିଲ୍ଲୀର ସାଧାରଣତନ୍ତ୍ର ଦିବସ ପରେଡରେ ଭାରତର ବାୟୁସେନା ସହ ଫ୍ରାନ୍ସ ବାୟୁସେନା ମଧ୍ୟ ଯୋଗ ଦେଇଥିଲା। ପରେଡରେ ଫ୍ରାନସର ଯବାନମାନେ ସାମିଲ ହୋଇଥିଲେ। ଫ୍ରାନ୍ସ ରାଷ୍ଟ୍ରପତି କର୍ତ୍ତବ୍ୟପଥରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଦୀର୍ଘ ୪୦ବର୍ଷ ପରେ ଏକ ଖୋଲା ଘୋଡା ଗାଡିରେ ପରେଡସ୍ଥଳକୁ ଆସିଥିଲେ। ଭାରତର ସ୍ତ୍ରୀ-ଶକ୍ତିର ପ୍ରଦର୍ଶନକୁ ଦେଖି ମାକ୍ରୋନ ଚକିତ ହୋଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ରାଷ୍ଟ୍ରପତି ଭବନରେ ଭୋଜିର ବ୍ୟବସ୍ଥା କରିଥିଲେ। ସିଓପି ୩୩ ବୈଠକକୁ ଭାରତରେ ଆୟୋଜନ କରାଯିବାକୁ ଭାରତର ପ୍ରୟାସକୁ ମାକ୍ରୋନ ସମର୍ଥନ କରିଥିଲେ। ଆନ୍ତର୍ଜାତିକ ଶକ୍ତି ଏଜେନ୍ସୀ (ଆଇଇଏ)ରେ ଭାରତର ସଦସ୍ୟତା ପାଇଁ ମାକ୍ରୋନ ସମର୍ଥନ ଜଣାଇଥିଲେ। ବିକାଶଶୀଳ ଦେଶମାନଙ୍କୁ ସୁବିଧାରେ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ବହୁପକ୍ଷୀୟ ବିକାଶଶୀଳ ବ୍ୟାଙ୍କର ସଂସ୍କାର ଉପରେ ଦୁଇନେତା ଜୋର ଦେଇଥିଲେ। ଆଗାମୀ ଦିନରେ ଅଷ୍ଟ୍ରେଲିଆ ଏବଂ ୟୁଏଇ (ଅମିରାତ)କୁ ତ୍ରିପକ୍ଷୀୟ ଆଲୋଚନାରେ ସାମିଲ କରିବାକୁ ଦୁଇରାଷ୍ଟ୍ର ଏକମତ ହୋଇଥିଲେ। ଗତ ବର୍ଷ ୭ ଅକ୍ଟୋବର ଦିନ ଇସ୍ରାଏଲ ଉପରେ ହୋଇଥିବା ସନ୍ତ୍ରାସବାଦୀ ଆକ୍ରମଣକୁ ଦୁଇରାଷ୍ଟ୍ର ନିନ୍ଦା କରିଥିଲେ। ସନ୍ତ୍ରାସର ମୁକାବିଲା ଲାଗି ଭାରତର ଏନ୍‌ଏସ୍‌ଜି ଏବଂ ଫ୍ରାନ୍ସର ଜିଆଇଜିଏନ୍ (ଗ୍ରୁପେ ଡି ଇଣ୍ଟରଭେସନ ଡେଲା ଗ୍ରାଣ୍ଡାମେରୀ ନେସିଓନାଲେ) ମଧ୍ୟରେ ସହଯୋଗ ବୃଦ୍ଧି ହେବ ବୋଲି କହିଥିଲେ। ଚଳିତବର୍ଷ ଦୁଇଦେଶ ମଧ୍ୟରେ ରଣନୀତିକ ସଂପର୍କର ୨୫ବର୍ଷ ପୂର୍ତ୍ତି ହେଉଥିବାରୁ ଆଗାମୀ ୨୫ବର୍ଷ ପାଇଁ ଯୋଜନା ପ୍ରସ୍ତୁତି କରି କାର୍ଯ୍ୟକରିବା ଉପରେ ଜୋରଦେବାକୁ ଦୁଇରାଷ୍ଟ୍ର ରାଜି ହୋଇଥିଲେ। ମାକ୍ରୋନ ତାଙ୍କ ଗସ୍ତ କାଳରେ ଆତିଥେୟତା, ଉଚ୍ଛ୍ୱସିତ ସ୍ୱାଗତ, ଫଳପ୍ରଦ ଆଲୋଚନା ଏବଂ ସୁଦୃଢ଼ ବନ୍ଧୁତା ପାଇଁ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# କବିସୂର୍ଯ୍ୟ ବଳଦେବ ରଥ

କୃଷ୍ଣଚନ୍ଦ୍ର ତ୍ରିପାଠୀ

ଗଞ୍ଜାମ ଓଡ଼ିଆ ଜାତିର ଗୌରବର ଲୀଳାକ୍ଷେତ୍ର ବୋଲି ସାହିତ୍ୟ ରସଗ୍ରାହୀ କହିଥାନ୍ତି। ଓଡ଼ିଶାର ସାହିତ୍ୟ ସଂଗୀତର ଗଞ୍ଜାମ ଆଦର୍ଶ। ଏହାର ପ୍ରାକୃତିକ ସଂପଦ ପ୍ରାଣ ସୁଖଦାୟକ ଯାହା ଭାବୁକମାନଙ୍କୁ ଅଭିଭୂତ କରେ। କବି ହୃଦୟ ନିର୍ମାଣରେ ମୌଳିକ ଉପାଦାନ ଯୋଗାଏ। ମହାକବି କାବ୍ୟ ମହାନାୟକ ମହା ଭାବୁକ ଉପେନ୍ଦ୍ରଙ୍କର ଜନ୍ମଭୂମି ଘୁମୁସର ଏହି ଗଞ୍ଜାମରେ। କବିସୂର୍ଯ୍ୟ ବଳଦେବ ରଥ ରାୟଗୁରୁ ମହାପାତ୍ରଙ୍କ ଜନ୍ମସ୍ଥାନ ଗଞ୍ଜାମର ଆଠଗଡ଼ରେ। ଯେଉଁଠି ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର ମଧ୍ୟ ଭୂମିଷ୍ଠ ହୋଇ ଅକ୍ଷୟ କୀର୍ତ୍ତି ରଖି ଯାଇଛନ୍ତି। ଭାଷାପ୍ରେମୀ ଗଞ୍ଜାମ ଜିଲ୍ଲାବାସୀଙ୍କ ଦେବତା କବିସୂର୍ଯ୍ୟ ବୋଲି ପ୍ରତିଭା ପୂଜକ ବିଚାର କରନ୍ତି। ଯେଉଁ କବିସୂର୍ଯ୍ୟଙ୍କର ଆଦେଶକୁ ଶିରୋଧାର୍ଯ୍ୟ କରି ଦେବୀ ବାଗୀଶ୍ୱରୀ ସରସ୍ୱତୀ ଲୀଳା ରଚନା କରିଥାନ୍ତି, ତାହାଙ୍କ ପଛରେ ଶବ୍ଦ କୁଳ ପାଗଳ ହୋଇ ଗୋଡ଼ାନ୍ତି, ଫଳତଃ ଶବ୍ଦ ଶିଳ୍ପକୁ ନେଇ ସାରସ୍ୱତ ସୁଖ ପ୍ରଦାନରେ ଅମର ଯଶସ୍ୱୀ ହୋଇଛନ୍ତି ବଳଦେବ ରଥ। ପ୍ରକୃତରେ ବାଣୀ ଭୃତ୍ୟା ପରି କବିଙ୍କର ବଶବର୍ତ୍ତିନୀ ହୋଇନଥିଲେ ଭାଷା ଓ ଭାବର ଏପରି ବିଚିତ୍ର ସମାବେଶ ହୋଇ ନଥାନ୍ତା ବୋଲି କବିସୂର୍ଯ୍ୟଙ୍କ ପ୍ରଥମ ଜୀବନୀ ସୃଜନୀ ସଂକଳକ କୁଳମଣି ଦାଶ ପଣ୍ଡିତ ଭାବ ଗଦ୍‌ଗଦ୍ କଣ୍ଠରେ ବର୍ଣ୍ଣନା କରିଛନ୍ତି। ରାଧାନାଥ ରାୟଙ୍କ ମନ୍ତବ୍ୟରେ 'ଉତ୍କଳ ସାହିତ୍ୟବିତ୍‌ମାନଙ୍କ ଠାରେ ଏ ମହାତ୍ମା କବିସୂର୍ଯ୍ୟ ବଳଦେବ ରଥ ସୁପରିଚିତ। ଏହାଙ୍କର ଗୀତାବଳୀ ଏ ଅଞ୍ଚଳରେ ପ୍ରାୟ ସର୍ବତ୍ର ଗାନ ହୁଏ, ବଳଦେବ ଜଣେ ସଂସ୍କୃତ ପଣ୍ଡିତ ଥିଲେ। ଏହାଙ୍କ ରଚନା ଅତି ବିଶୁଦ୍ଧ ଓ ସୁରୁଚି ସଂପନ୍ନ। ବଳଦେବ ଅନ୍ୟାନ୍ୟ ଉତ୍କଳୀୟ କବିଙ୍କ ପରି ବ୍ୟାକରଣର ଅବମାନନା କରିନାହାନ୍ତି। ରୀତି କାବ୍ୟ ସାହିତ୍ୟର ଅନୁସାରୀ ଦ୍ୱିତୀୟ ଭଞ୍ଜ କଥିତ କବି ଘନଶ୍ୟାମ କବି ବଳଦେବଙ୍କ ଯଶୋଗାନ କରିଛନ୍ତି।

କବିବରଙ୍କର କବିରବିଙ୍କୁ ପ୍ରଶଂସା ଚରମ ବିନ୍ଦୁରେ ପହଞ୍ଚିଛି।

ଧନ୍ୟ ରଥେ ତୁମ୍ଭ ଜନ୍ମ ଶୁଭକ୍ଷଣେ,
ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳ ଭୁବନେ।
ତୁମ୍ଭ ମାଟି ଦେହ ଗ୍ରାସିଛି ଶ୍ମଶାନ,
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ।

ବଳଦେବ ରଥ ଥିଲେ ସୁଦର୍ଶନ ପୁରୁଷ, ସୁଗାୟକ, ସୁପ୍ରଶାସକ, ଅସାଧାରଣ ପଣ୍ଡିତ୍ୟ ପତ୍ୟୁତ୍ପନ୍ନମତି ସଂପନ୍ନ ଆଶୁକବି ସୁଖ୍ୟାତ ସଂଗୀତଜ୍ଞ ଆର୍ଥିକ ସ୍ୱଚ୍ଛଳ ସଚ୍ଚରିତ୍ର କମନୀୟ ମଧୁର ନିରହଙ୍କାର ନିରାଡ଼ମ୍ବର ବାଣୀ ପୁରୁଷ।

ମାତାମହ ଥିଲେ ଆଠଗଡ଼ର ସୁଖ୍ୟାତ ତାନ୍ତ୍ରିକ ଦେବୀ ସାଧକ ତ୍ରିପୁରାରି ହୋତା। ବଳଦେବଙ୍କ ଜନ୍ମ ହୋଇଥିଲା ଖ୍ରୀ.ଅ. ୧୭୭୯ ମାଘ ଶୁକ୍ଳ ପଞ୍ଚମୀରେ ଅଜାଘରେ ଆଠଗଡ଼ରେ। ଭଞ୍ଜ ଯୁଗ ଓ ରାଧାନାଥ ଯୁଗର ମଧ୍ୟବର୍ତ୍ତୀ ସନ୍ଧିକ୍ଷଣରେ ମାର୍ତ୍ତଣ୍ଡ ତୁଲ୍ୟ ଆବିର୍ଭୂତ ହୋଇଥିଲେ ସେ। ନଅ ବର୍ଷ ବୟସରେ ବ୍ରତ ଉପନୟନ ହୋଇଥିଲା ତାଙ୍କର। ବ୍ରତ ଉପନୟନ ପରେ ପରେ ମାଆଙ୍କୁ ହରାଇଥିଲେ ସେ।

ଆଠଗଡ଼ରେ ମାତାମହଙ୍କ ଇଷ୍ଟଦେବୀଙ୍କ ସ୍ତନ ନିର୍ଗତ କ୍ଷୀର ପାନ ଫଳରେ ତାଙ୍କର ସ୍ମୃତି ଶକ୍ତି ମେଧା ବଳ ବୌଦ୍ଧିକ ସାମର୍ଥ୍ୟ ପ୍ରଖର ଓ ବଳିଷ୍ଠ ହୋଇଥିଲା। ବଳଦେବ ପନ୍ଦର ବର୍ଷ ବୟସରେ ପୁରୀ ବାସେଳି ସାହି ନିବାସୀ କଣାପରହାଟିଆ ରାମକୃଷ୍ଣ ମିଶ୍ରଙ୍କ ଅତି ରୂପବତୀ ଗୁଣବତୀ ଚାରୁଶୀଳା କନ୍ୟା, ରତ୍ନମଣିଙ୍କ ପାଣିଗ୍ରହଣ କରିଥିଲେ।

ବଳଦେବ ଜଳନ୍ତର ରାଜା ଛୋଟରାୟଙ୍କ ରାଜସଭାରେ ଉପସ୍ଥିତ ରାଜାଙ୍କ ପାରିଷଦ କବି ପଣ୍ଡିତଙ୍କ ସମ୍ମୁଖରେ ଦଣ୍ଡାୟମାନ ହେବା ମାତ୍ରେ ରାଜାଙ୍କ ସମେତ ସମସ୍ତେ ତାଙ୍କର ସୁଦର୍ଶନ ସୁନ୍ଦର ଆକର୍ଷଣୀୟ ବପୁ ବାକ୍ ବିଳାସ ବିଦ୍‌ବତ୍ତା ବିପୁଳ ସୁଖଦ ଲାଳିତ୍ୟଭରା କଣ୍ଠରେ ସୁରଚିତ ସଂଗୀତ ଗାନରେ ବିମୁଗ୍ଧ ବିଦଗ୍ଧ ହୋଇପଡ଼ିଥିଲେ। ଉଚ୍ଚାରଣରେ ସ୍ୱଚ୍ଛତା ଓ ବିଶୁଦ୍ଧତା ସହ ଆଚରଣରେ ନମ୍ରତା ବ୍ୟକ୍ତିବିଶେଷରେ ଶ୍ରଦ୍ଧା ସମ୍ମାନର ରମଣୀୟ ରୋଚକ ଭଙ୍ଗୀରେ ରାଜା ଓ ରାଜସଭା ଆହ୍ଲାଦିତ ଆଶ୍ଚର୍ଯ୍ୟାନ୍ୱିତ ହୋଇପଡ଼ିଥିଲେ। ଚେହେରା ଓ ଚରିତ୍ରରେ ଉତ୍କର୍ଷ ବୈଶିଷ୍ଟ୍ୟ ସମସ୍ତଙ୍କୁ ସ୍ତମ୍ଭୀଭୂତ କରି ଦେଇଥିଲା। ଉଚ୍ଚାଙ୍ଗ ଉଚ୍ଚାରଣ ଅସୀମ ଜ୍ଞାନ ସତ୍ତ୍ୱେ ବିନୟ ଆଚରଣ ସୁମଧୁର କଣ୍ଠରେ ନୂଆ ନୂଆ ରଚନା ସଂଗୀତ ଗାନରେ ରାମଚନ୍ଦ୍ର ଛୋଟରାୟଙ୍କ ରସପିପାସୁ ହୃଦୟକୁ ଜିଣିନେଲେ ବଳଦେବ। ସଂଗୀତ ଗୁଡ଼ିକ ନିଜେ ଲେଖି ରାଜାଙ୍କ ନାମରେ ଭଣତି କରି ସେ ନିଜର ଚମତ୍କାର କବିତ୍ୱ ରାଜାଙ୍କୁ ପ୍ରଦର୍ଶନ କରିବା ତଥା ପ୍ରତିଷ୍ଠିତ ପ୍ରାଚୀନ ସଂସ୍କୃତ ଓଡ଼ିଆ କବିଙ୍କ କାବ୍ୟକୃତି ସଂଗୀତ ସରଳ ବ୍ୟାଖ୍ୟାରେ ଉତ୍କର୍ଷ ସୂଚାଇବାରେ ରାଜାଙ୍କ ଅତି ଶ୍ରଦ୍ଧେୟ ଅତି ସମ୍ମାନନୀୟ ହେଲେ ବଳଦେବ। ରସିକ ରାଜା ତାଙ୍କ ଶିରରେ ଶ୍ରୀ ସଂପଦ ଅଜାଡ଼ି ଦେଲେ। କବି ବଳଦେବ ବ୍ରାହ୍ମଣ ହେଲେ ହେଁ ରାଜକୀୟ ସକଳ ସୁଖ ସୁବିଧା ଭୋଗ କଲେ। ରାମଚନ୍ଦ୍ର ଛୋଟରାୟ ତାଙ୍କୁ ଦେବାନ୍ ସର୍ବୋଚ୍ଚ ପ୍ରଶାସକ ପଦରେ ଅଧିଷ୍ଠିତ କରିଲେ। ପାଳିତ କନ୍ୟା ଚନ୍ଦ୍ରକଳାର ଗୃହଶିକ୍ଷକ ହେଲେ କବି ବଳଦେବ। ଜଳନ୍ତରର ରାଜବାଟୀ ଠାରୁ ରାଜପଥ ଯାଏଁ ସମଗ୍ର ଭୂଖଣ୍ଡ ସଂଗୀତ ରସମୟ ହେଲା। ବଳଦେବ ସକଳ ସୁଖ ସୁବିଧା ସୁଯୋଗ ଭୋଗ କରି ସୁଦ୍ଧା ଥିଲେ ସରଳ ନିରାଡ଼ମ୍ବର ନିର୍ଲୋଭ, ନିରହଙ୍କାର, ସଚ୍ଚରିତ୍ର, ସର୍ବଗୁଣ ସଂପନ୍ନ ଆଦର୍ଶ ପୁରୁଷ। ରାଜ୍ୟରେ ସୁଶାସନ ପ୍ରତିଷ୍ଠା କଲେ। ଅପୂଜା ଦେବୀଙ୍କ ପାଇଁ ରୀତିମତ ଭୋଗ ଖଞ୍ଜିଦେଲେ। ଜବରଦଖଲ ଭୂମିକୁ ରାଜ ଦଖଲକୁ ଆଣିଲେ। ସମାଜ ସେବା ଅନୁଷ୍ଠାନ ଗଢ଼ିଲେ। କୃଷି ଗମନାଗମନ ପଥର ଆବଶ୍ୟକ ସୁବିଧା ସୁଯୋଗ ଜଳନ୍ତର ପ୍ରଜାଙ୍କୁ ଯୋଗାଇଦେଲେ। ପୁଷ୍କରିଣୀ ଖୋଳାଇଲେ। କୃଷକ ଶ୍ରମିକ ଶ୍ରେଣୀ ବିଶେଷ ଉପକୃତ ହେଲେ। ବଳଦେବଙ୍କୁ ଅନୁରୋଧ କଲେ ରାଜା- ଉପେନ୍ଦ୍ରଭଞ୍ଜଙ୍କ ଲାବଣ୍ୟବତୀ ଅନୁସରଣରେ କାବ୍ୟ ଲେଖିବା ପାଇଁ। ଦରବାରୀ ସାହିତ୍ୟ ପ୍ରତି ବଳଦେବଙ୍କ ଶ୍ରଦ୍ଧା ସ୍ପୃହା ନଥିଲେ ମଧ୍ୟ ରଚନା କଲେ ରସପ୍ରାଣମୟ କାବ୍ୟ ଚନ୍ଦ୍ରକଳା। କବି ବଳଦେବ ପାଣ୍ଡିତ୍ୟ ଓ କବିତ୍ୱର ପ୍ରଭାବ ଜଳନ୍ତର ରାଜା ରାମଚନ୍ଦ୍ର ଛୋଟରାୟଙ୍କୁ ବେଳକୁ ବେଳ ଅତିଶୟ ମାତ୍ରାରେ ରସସୁଖ ପ୍ରଦାନ କରିବାରେ ବଳଦେବଙ୍କୁ ତରୁଣ କାବ୍ୟ ସାହିତ୍ୟ ସୁରସିକ ନରେଶ ରାମଚନ୍ଦ୍ର ଛୋଟରାୟ କବିସୂର୍ଯ୍ୟ ଉପାଧିରେ ଭୂଷିତ କରି ବିପୁଳ ସମ୍ବର୍ଦ୍ଧନାରେ ଯୁଗାନ୍ତକାରୀ ରସିକତାର ପ୍ରମାଣ ରଖିଲେ।

ଗଜପତିଙ୍କ ଠାରୁ କବିସୂର୍ଯ୍ୟ ଉପାଧି ସହ ରାୟଗୁରୁ ମହାପାତ୍ର ଅତିରିକ୍ତ ଉପାଧି ଦତ୍ତ ସନନ୍ଦ ଗ୍ରହଣ କରିଛନ୍ତି।

ସନନ୍ଦ ଶ୍ରୀ ଶ୍ରୀ ମୁକୁନ୍ଦଦେବଙ୍କ ୨୩ ଅଙ୍କ ବିଛାମାସ ପନ୍ଦରଦିନ ଶ୍ରୀ ପୁରୁଷୋତ୍ତମ ବଡ଼ଦେଉଳ ସମସ୍ତ ପରିଚ୍ଛାମାନଙ୍କୁ ସମସ୍ତ କାର୍ଯ୍ୟୀମାନଙ୍କୁ ସମସ୍ତ ସେବକମାନଙ୍କୁ ଅଠରଗଡ଼ଜାତର ମହାନାୟକମାନଙ୍କୁ ଷୋହଳ ଶାସନ ବ୍ରାହ୍ମଣମାନଙ୍କୁ ସାତ ସାହି ନାୟକମାନଙ୍କୁ ମଧ୍ୟ ଚିଟାଉ। ଆଠଗଡ଼ ନିବାସୀ ବଳଦେବ ରଥଙ୍କୁ କବିସୂର୍ଯ୍ୟ ରାୟଗୁରୁ ମହାପାତ୍ର ପଦ ସୁନାବେଣ୍ଟ ଚାମର, ଯୋଡ଼ା ମଶାଲ, ଘୋଷରା ପାବଛ ଯାଉଳି କବାଟ ମଗର ମୂଲ୍ୟ ପାଲିଙ୍କି ଓ ଚାଦର ଆଢ଼େଣୀ ତ୍ରାସ ପୃଥକ୍ ନମସ୍କାର ଖୀଳ ମିତ ଘର ବୈଠକ ଘର ଛାଡ଼, ଏପରି ସମସ୍ତ ପ୍ରତିଷ୍ଠା କାର୍ଯ୍ୟମାନଙ୍କୁ ଶ୍ରୀ ଶ୍ରୀ ଶ୍ରୀ ଛାମୁରୁ ଆଜ୍ଞା ହୋଇଥିବାରୁ ଆଜି ତାରିଖ ଆଜ୍ଞା ଅନୁସାରେ ଲେଖିବାକୁ ହୋଇଲା।

ଶ୍ରୀ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭଣ୍ଡାରରୁ ସୁନାବେଣ୍ଟ ଚାମରରେ ଖଟାଇବ। ଚାଙ୍ଗୁଡା ଘରୁ ଗୀତ ଗୋବିନ୍ଦ ଖଣ୍ଡୁଆ ଗୋଟିଏ ଲେଖାଏଁ ଦେଉଥିବ। ଏହାକୁ ଉତ୍ତମ ରୂପେ ଦର୍ଶନ କରାଇ ଦେଉଥିବ। ବାକି ବିଷୟ ଛାମୁଙ୍କ ଚିଟାଉ ମତେ ପୁରୁଷାନୁକ୍ରମେ କରୁଥିବ। ଆକଟ ନ କରିବ।

ଅଗଣିତ ସଂଗୀତ ଚଉପଦୀ ଜଣାଣ ନୂଆ ନୂଆ ରଚନା କରି ସାହିତ୍ୟ ସଭାରେ ଗାନ କଲେ- କବି ରବି, ସମସ୍ତ ସଂଗୀତ ରଚନାକୁ ଲଳିତ ମଧୁର କଣ୍ଠ ସୁଧା ବର୍ଷା ମୂର୍ଚ୍ଛନାରେ ପରିବେଷଣ କରୁଥିଲେ - ସୁପରିଚିତ ସୁପ୍ରତିଷ୍ଠିତ ସୁଖ୍ୟାତ ସଂଗୀତଜ୍ଞ ମଦନ ମଣି, ରାଜମଣି, ନାରାୟଣ ଜେନା।

କାଳଜୟୀ ସୃଷ୍ଟି କୃଷ୍ଟି କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ବୈଷ୍ଣବଧର୍ମୀ ରାଜା ବାଲୁକେଶ୍ୱରଙ୍କ ଅଭିପ୍ରାୟ ଅନୁରୋଧରେ ଆଠଗଡ଼ ମାଟିରେ ରଚନା କଲେ। ଭଣତି କଲେ ହରିଚନ୍ଦନ ଜଗଦ୍ଦେବଙ୍କ ନାମରେ, ଯାହା ଆଜି ଉତ୍କଳର ଘରେ ଘରେ ପୁରେ ପୁରେ ଅତି ପ୍ରିୟ ଆପଣାର ଆଦରଣୀୟ ହୋଇପାରିଛି। ସଂଗୀତଜ୍ଞ ମାନେ କବିସୂର୍ଯ୍ୟଙ୍କ ଚମ୍ପୂ ଗାନ କରି ସହୃଦୟ ସଙ୍ଗୀତ ସୁଗ୍ରାହକଙ୍କୁ ଅପାର ଆନନ୍ଦ ଦେଉଛନ୍ତି। ଯେତେଥର ଶୁଣିଲେ ମଧ୍ୟ ସଂଗୀତଜ୍ଞଙ୍କ କଣ୍ଠରୁ ବାରମ୍ବାର ଶୁଣିବାକୁ ଉତ୍କଳଭାଷୀ ଶ୍ରୋତା ଉଦ୍‌ଗ୍ରୀବ ଆତୁର ହୋଇଉଠେ।

ସର୍ପ ଜଣାଣ ବ୍ୟତୀତ ଜଗନ୍ନାଥ ଜଣାଣ, କ୍ଷୀରମୟ ସିନ୍ଧୁ ଜେମା ଜୀବ ବନ୍ଧୁ, ମହାବାହୁ ଜଣାଣ, କମଳବାସିନୀ ପ୍ରାଣ ବାନ୍ଧବ ହେ ଆର୍ତ୍ତତ୍ରାଣ କମନୀୟ କଳା ମୁଖଚନ୍ଦ୍ର କେ ସରିକି ପ୍ରଭୋ ପଣେ ନୀଳାଦ୍ରି କେଶରୀ ଜଣାଣରେ ସାହିତ୍ୟ ଓ ସଂଗୀତର ଅପୂର୍ବ ସମାବେଶ ସୃଷ୍ଟି କରିଛନ୍ତି କବିସୂର୍ଯ୍ୟ। ତାଙ୍କର ଅତି ଲୋକପ୍ରିୟ ସଂଗୀତ ଚଉପଦୀଗୁଡ଼ିକ ହେଲା- 'ମାନ ସୁମନା କରିବେ ମାନସୁ ମନାରେ', 'ବାରିଜାକ୍ଷୀ ମନରୁ ମାନ ବାରିବେ', 'ଆଜ ଏ କି ଗୁମାନରେ ଚନ୍ଦ୍ରାନନା ଦେଖିନାହିଁ ମୁଁ ସପନରେ', 'ତୁହି ପରା ମୋ ହୃଦୟ ମଣିମୟ ହାରା', 'କାହାକୁ କହିବା କପାଳରେ ସିନା କର ମାରିବା', 'ସରସେ କୁହାଯାଉଥିବ ସିନା', 'ବନ୍ଧୁକି କଲି ଦୁର୍ବିଚାରକୁରେ', 'ସରିଯାଉଛିରେ ଏହିଠାରୁ ମନୋରଥ', 'କଳା କଉତୁକ ତୁଳା ଦଳିତ ନୀଳ କୁନ୍ତଳା', 'ଚନ୍ଦ୍ରମୁଖୀରେ ଏକା ଭାଗ୍ୟବନ୍ତେ ତାକୁ ଲେଖିରେ', 'ପ୍ରିୟ ସହି ଏତେବେଳୁଁ ଥାଅ ମୋତେ କହିରେ', 'ଚାହିଛି ମାତ୍ର ଶ୍ୟାମ ଶିଖଣ୍ଡଗୋ ସଖୀ ମୁଁ', 'ଧନ୍ୟ ହେ ନବ କିଶୋର ସତୀ ଧୃତି ଧନ ଚୋର', 'ରେ ସଙ୍ଗାତ ରଷି ମୁଁ ବସିଲି ଗେଲେ' ଇତ୍ୟାଦି। ସଂଗୀତ ଚଉତିଶାଗୁଡ଼ିକ କେତେ ନିଜ ନାମରେ ଆଉ କେତେ ଜଳନ୍ତର ରାଜା ରାମଚନ୍ଦ୍ର ଛୋଟରାୟଙ୍କ ନାମରେ, ଗଜପତି ମୁକୁନ୍ଦ ଦେବଙ୍କ ନାମରେ ବିଶେଷତଃ ଅଷ୍ଟଦୁର୍ଗ ନୃପବର ବାଲୁକେଶ ହରିଚନ୍ଦନଙ୍କ ନାମରେ ଭଣତି କରି କବିସୂର୍ଯ୍ୟ କାଳକାଳକୁ କବିସୂର୍ଯ୍ୟ ହୋଇ ରହିଛନ୍ତି। ତାଙ୍କର ଓଡ଼ିଆ ଜାତି ଧରାପୃଷ୍ଠରେ ଥିବା ଯାଏଁ ଅସ୍ତ ହେବନାହିଁ।

ଅନାୟାସରେ ପ୍ରାଣ ଛାଡ଼ିଲେ ସେ ଖ୍ରୀ.ଅ.୧୮୪୫ ମସିହା ପୁଣ୍ୟ ବୈଶାଖ ମାସର ଅକ୍ଷୟ ତୃତୀୟ ତିଥିରେ - ବାଲାଜୀପେଣ୍ଠ ବ୍ରହ୍ମପୁର ବାସଭବନରେ ପ୍ରାଣପ୍ରିୟା ରତ୍ନମଣିଙ୍କ କୋଳରେ ପୁତ୍ର ବିଶ୍ୱନାଥଙ୍କ ହାତରୁ ନିର୍ମାଲ୍ୟ ଜଳପାନ କରି। ଆଠଗଡ଼ ରାଜା ହରିଚନ୍ଦନ ଶୋକ ସାଗରରେ ବୁଡ଼ିଗଲେ। କବିସୂର୍ଯ୍ୟଙ୍କ ମରଶରୀର ଆଠଗଡ଼ ନେଇ ରାଜକୀୟ ସମ୍ମାନ ଦେଇ ଆଠଗଡ଼ ମାଟିରେ ଚିତାନିର୍ମାଣ କରି ନଶ୍ୱର ଶରୀରକୁ ପଞ୍ଚମହାଭୁତରେ ମିଶାଇ ଦେବାର ସକଳ ବ୍ୟବସ୍ଥା କରି କବିସୂର୍ଯ୍ୟଙ୍କ ଶେଷ ଇଚ୍ଛା ପୂର୍ଣ୍ଣ କରିଥିଲେ। କବିରବିଙ୍କ ବିଶୁଦ୍ଧ ଭାଷା ଓ ଭାବର ସମନ୍ୱୟରେ ସୃଷ୍ଟ ସଂଗୀତ ସାହିତ୍ୟ କୃତିରେ ବିମୁଗ୍ଧ କବିବର ରାଧାନାଥ ରାୟ ହୃଦୟସ୍ପର୍ଶୀ ଶବ୍ଦ ସୁଖ ଦେଇ ପ୍ରାକୃତିକ ପ୍ରଶଂସା କରିଥିଲେ।

*ଲୁଣିଘାଟୀ ଗୋପୀନାଥପୁର ଶାସନ,*
*ପୋଲସରା, ଗଞ୍ଜାମ*
*ସଂପର୍କ: ୮୭୭୩୪୭୪୩୮୮*

ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ



ପୁଷ୍ପାରାଣୀ ପଟେଲ

ଭାଗ-୧

## ପ୍ରାକ୍ କଥନ

*ପ୍ରତ୍ୟେକଟି ଲେଖକର ପରିଚୟ, ଗର୍ବ ତଥା ଗୌରବ ହେଲା ତା'ର ଲେଖନୀ। କେବଳ ସେତିକି ନୁହେଁ, ଏହା ମଧ ହେଲା ତାର ନିଜସ୍ୱ ଦୁଃଖଙ୍କ କବଳରୁ ମୁକୁଳି ଆସିବାର ଏକ ଚିରଞ୍ଜିବି ସାହସ। ଫକୀର ମୋହନଙ୍କ 'ରେବତୀ'କୁ ଯଦି ଆମେ ପ୍ରଥମ ଓଡ଼ିଆ ଗଳ୍ପର ମାନ୍ୟତା ଦେଉ, ତେବେ ତାର ପୃଷ୍ଠଭୂମି ଥିଲା ମହାମାରୀ ହଇଜାର କରାଳ ରୂପ। ସେ ସମୟ କଣ କମ ବ୍ୟଥିତ କରିଥିବ କି ଫକୀର ମୋହନଙ୍କ ସାହିତ୍ୟିକ ଦରଦୀ ପ୍ରାଣଟିକୁ? କେମିତି ବିତିଥିବ ତାଙ୍କର ସେଇ ବିନିଦ୍ର ରାତିସବୁ? ସେ ସମୟରେ ତାଙ୍କୁ ଏ ଯନ୍ତ୍ରଣାରୁ ମୁକ୍ତ କରିବା ପାଇଁ ଆସିଥିବେ କି ବାସୁ, ରେବତୀ, ଶ୍ୟାମାବନ୍ଧୁ ମହାନ୍ତି, ଜେଜୀମା ପରି ଭିନ୍ନ ଭିନ୍ନ ଚରିତ୍ରମାନେ ଯିଏକି ଜଣେ ଜଣେ ପ୍ରତୀକ ସେ ସମୟର ବିଧି ବ୍ୟବସ୍ଥାର। ସେମାନଙ୍କୁ ଜୀବନ୍ୟାସ ଦେଇ ମୁକୁଳି ଆସିଥିବେ କି ଫକୀର ମୋହନ ନିଜର ଅବ୍ୟକ୍ତ ଦୁଃଖ, ଯନ୍ତ୍ରଣା ଦାୟରୁ!*

*ଆଜି ପୁଣି ସେଇ ମହାମାରୀ ଭୋଗୁଛି ବିଂଶ ଶତାବ୍ଦୀର ଉନ୍ନତ ପୃଥିବୀ। ହଇଜା ବଦଳରେ ଦେଖୁଛି ନଗଣ୍ୟ ଭୂତାଣୁ କରୋନାର ପ୍ରକୋପ ଓ ଥରି ଉଠୁଛି ଭୟରେ ଏଇ ନିଡର ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ଅତ୍ୟାଧୁନିକ ମଣିଷ। ସେତିକିବେଳେ ମୁଁ ଦୁର୍ବଳ ହୃଦୟଧାରି ଅସହାୟ ଲେଖକଟିଏ ଖୋଜିଛି ବାଟ, ମୋ ଅସହାୟତା ତଥା କଷ୍ଟ ମାନଙ୍କ କବଳରୁ ମୁକୁଳି ଆସିବା ପାଇଁ। ମୋ' ଆଶ୍ରା ତ ମୋ'ର କଲମ। ସେଇ ସମୟରେ ମୋର ଚିନ୍ତା, ଚେତନା ତଥା ସମାଜ ଓ ସମାଜରେ ମୁଁ ଦେଖିଥିବା କିଛି ନିକଟ ଚରିତ୍ରଙ୍କର ପ୍ରତିଫଳନ ହେଉଛି ଏଇ ମୋର କଲମ ମୁନରେ ଉତୁରି ଆସିଥିବା ମୋର ପ୍ରଥମ ଉପନ୍ୟାସ 'ମୌନ ଯୋଗୀ'। ଆଶା, ଆପଣମାନଙ୍କୁ ଛୁଇଁବ ନିଶ୍ଚେ.......*

ସମୟ କଡ଼ ଲେଉଟାଉଛି। ଏମିତି ଶହେ ବର୍ଷରେ ଥରେ ଆସେ ମହାମାରୀ। ଦୁଇହଜାର କୋଡ଼ିଏ ମସିହା ପୁଣିଥରେ ଲେଖା ହେଇ ରହିବ ଇତିହାସ ପୃଷ୍ଠାରେ। ଲୁହକୁ କାଳିକରି ଯଦି ଶବ୍ଦ ସବୁ ଉତୁରି ଆସନ୍ତି କାଗଜ ପୃଷ୍ଠାରେ, ତେବେ ପରପିଢ଼ିଙ୍କ ହୃଦୟ ବତୁରିବ ତ ସେଇ ଲୁହର ଓଜନ ଭାରରେ?

କେହି ଆଉ ଏ ଶବ୍ଦ ମାନଙ୍କର ଅର୍ଥକୁ କଦର୍ଥ କରି ହସିବେନି ତ? ମୋର ଖୁବ୍ ଭୟ। ଲେଖିବି ଅବା ଲେଖିବିନି? କାହିଁକି କେଜାଣି, ଏ ଦ୍ୱନ୍ଦ୍ୱରୁ ବାହାରି ପାରୁନି ମୁଁ।

ଯେମିତି କେଉଁ ଏକ ମହାମାରୀ ହଇଜା ଫକୀର ମୋହନଙ୍କ କଲମ ମୁନ୍‌ରେ ଝରାଇ ଦେଇଥିଲା ରେବତୀ ଚରିତ୍ରର ନିରବ ପ୍ରେମକଥା, ସେମିତି ମୁଁ କ'ଣ ଆଜି ଲେଖିଦେଇ ପାରିବି ତୁମ ଦୁଇ ଆତ୍ମାର ପବିତ୍ର ମିଳନର ଅକୁହା କଥା।

ଫକୀର ମୋହନଙ୍କ ରେବତୀ ହାରି ଯାଇଥିଲା ଜୀବନ ଯୁଦ୍ଧରେ। ଗୋଟିଏ ମହାମାରୀର ମହାକରାଳ ରୂପ ଦୂରେଇ ଦେଇଥିଲା ଦୁଇଟି ପ୍ରେମପକ୍ଷୀଙ୍କୁ। ବିରହର ଦୁଃଖରେ ଭାଙ୍ଗି ପଡିଥିଲା ସେମାନଙ୍କର ଆତ୍ମବିଶ୍ୱାସ। ହାରି ଯାଇଥିଲା ବି ଗୋଟିଏ ଦୁର୍ବଳ ନାରୀ ଚରିତ୍ର 'ରେବତୀ'।

ମୁଁ କ'ଣ ଆଜି ମୋ' କଲମ ମୁନରେ ନ୍ୟାୟ ଦେଇପାରିବି ତାଙ୍କୁ। ମିଳନର ଆଦିପର୍ବ ଯାହା ଅଧୁରା ରହିଆସିଛି କାଳକାଳକୁ, ତାଙ୍କୁ ଏକ କରିଦେଇ ପାରିବି ମୋ' କଲମ ମୁନରେ। ସେମାନେ ଆଜି କହିବେ ମୁକ୍ତ କଣ୍ଠରେ, "ସବୁବେଳେ ବିଚ୍ଛେଦ ନୁହେଁ, କେବେ କେବେ ମହାମାରୀ ଆସି ନ୍ୟାୟ ଦେଇଯାଏ ଆମ ପ୍ରେମୀ ଯୁଗଳଙ୍କୁ। ଏ ଦୁନିଆଁ ଯଦି ଆମକୁ ଗୋଟିଏ ପଥର ଯାତ୍ରୀ ହେବାକୁ ନଦିଏ, ତେବେ ସେଇ ପଥର ଶେଷରେ ଜଳୁଥିବା ଗୋଟିଏ ଜୁଇତ ନିରବ ସାକ୍ଷୀ ସାଜିବ ନା ଆମର ଏଇ ମହାମାରୀର ମହାନ୍ ପ୍ରେମ କାହାଣୀର।"

ମୋ' ଭିତରେ ହଟ କରୁଛନ୍ତି ସେମାନେ। ମୋର ଯୁ ନାହିଁ, ମୁଁ ତାଙ୍କୁ ଫାଙ୍କି ଦେଇପାରିବି। ରାତି ନିବିଡ ହେଉଛି। ମୋ' ଆଖିକୁ ନିଦ ନାହିଁ। ସକାଳ ହେଉଛି। କାଉ ରାବୁଛି। କୋଇଲି ଗାଉଛି। ସିନ୍ଦୁରା ଫାଟୁଛି। ମୋ' ସକାଳୁଆ ଅଳସ ଆଖିକୁ ସ୍ୱପ୍ନ ଛୁଉଁଛି।

- 'ତୁମେ ଦୁହେଁ ଏତେ ନିରବ କାହିଁକି? କ'ଣ ତୁମ ନାଆଁ? କେଉଁଠି ତୁମ ସହର? ଏବେ ତୁମେ ମୃତ, ଭୂତ ନା ଜୀବିତ?'

- 'ନାଆଁରେ କ'ଣ ଅଛି। ଆମେ ହେଇପାରୁ ସେଇ ଦ୍ୱାପର ଯୁଗର ରାଧା-କୃଷ୍ଣ। ହେଇବି ପାରୁ ତୁମେ ଦେଖିଥିବା ଚଳଚ୍ଚିତ୍ରର ମିଳନ ଆତୁର ମୃତ ନାୟକ-ନାୟିକା। ଆହୁରି ବି ହେଇଥାଇପାରୁ ତୁମେ ପଢୁଥିବା ଉପନ୍ୟାସର ବିରହ ବିଧୁର ପ୍ରେମିକ-ପ୍ରେମିକା।

ଭାବିପାର ସେ ରେବତୀ। ହଁ... ରେବତୀ। ଓ ମୁଁ ....? ମୁଁ ସେଦିନ ତା'କୁ ମହାମାରୀରେ ଏକୁଟିଆ ଛାଡିଦେଇ ଚାଲି ଆସିଥିବା ସେଇ ତା'ର ଅଭାଗା ପ୍ରେମିକ 'ବାସୁ'।

ତୁମେ କିନ୍ତୁ ଆମ ନାଆଁ ରଖିବ ଅନୁଜ-ଶୁଭଦା। ନା... ଥାଉ। ତୁମେ ଆମ ନାଆଁ ବରଂ ରଖିଦିଅ... 'ଅମ୍ଳାନ-ସ୍ନିଗ୍ଧା'।

ଥରୁଟିଏ ତୁମେ ସ୍ନିଗ୍ଧା ହେଇ ଦେଖ, ଦେଖିବ କେମିତି ସହଜ ହେଇଯିବ ମୋ' ଦୁଃଖର, ମୋ' ଲୁହର ଗୋଟି ଗୋଟି ବୁନ୍ଦାର ହିସାବ ପାଇବା। ଥରେ ତୁମେ 'ମୁଁ-ପୂରୀବ'ରୁ 'ମୁଁ-ସ୍ନିଗ୍ଧା' ହେଇଯାଅ, ଦେଖିବ 'ସେ-ଅମ୍ଳାନ' କେମିତି ତୁମ ହାତଧରି ବାଟ ଚାଲିବେ। ପାଦକୁ ପାଦ ମିଶାଇ। ମନକୁ ମନ ମିଶାଇ। ଥରୁଟିଏ। ପ୍ଲିଜ୍... ଥରୁଟିଏ।

ମୋ' ମନରେ ଝଡ। ଦ୍ୱିଧା। ଖୁବ୍ ଦ୍ୱନ୍ଦ୍।

"କ'ଣ କରିବି? କ'ଣ କରିବା ଉଚିତ୍?"

ପ୍ରେମର ବିଜୟ ତ ଯୁଗେ ଯୁଗେ। ହଉ। ତୁମ କଥା ରହୁ। ଆଜିଠାରୁ ଦେହରୁ ମନରୁ ମୁଁ ଆଉ ମୁଁ ନୁହେଁ। ମାନେ ପୂରବୀ ନୁହେଁ। ମୁଁ ହେଲି ସ୍ନିଗ୍ଧା। ଅମ୍ଳାନର ସ୍ନିଗ୍ଧା। ଏ ଉପନ୍ୟାସର ନାୟିକା। ବିରହ ବିଧୁର ଅମ୍ଳାନର ଅନୁରାଗିଣୀ ପ୍ରେମିକା-ସ୍ନିଗ୍ଧା।

ମୁଁ ସ୍ନିଗ୍ଧା।

କେଉଁଠୁ ଆରମ୍ଭ କରିବି?

ଆମ କଥା ତ ଏ ଯୁଗର କଥା ନୁହେଁ, ବରଂ କହିପାର ଏ ଲମ୍ବି ଆସିଛି କାହିଁ କେତେ ଯୁଗରୁ।

- 'ଏ ଯୁଗରେ କିନ୍ତୁ ଆମର ଭେଟ ହେବାରେ ଖୁବ୍ ବିଳମ୍ବ ହେଲା।' ତୁମେ କ'ଣ କହୁଛ?

- ବିଳମ୍ବର, ଅପେକ୍ଷାର ବି ଏକ ନିଆରା ସୁଖଦ ଅନୁଭବ ଥାଏ। ଏ ବିଳମ୍ବିତ ଭେଟର ମଧୁର, ମନମତାଣିଆ ଅନୁଭୂତିକୁ କ'ଣ ତୁମେ ଭୋଗୁନ?

- ହଁ! ସେକଥା ତ ସତ। ତଥାପି...

- ଆଉ ପୁଣି ତଥାପି କ'ଣ?

- ଆମ ଭେଟ ହେବା ପୂର୍ବରୁ ବି ତୁମେ ଏକ ଜୀବନ ଜିଉଁଥିଲ। ସେ ବିଷୟରେ ମୁଁ କ'ଣ କିଛି ଜାଣେ? ତୁମେ ତ କିଛି ବି କହିନ ମୋତେ।

- ସତରେ କ'ଣ କିଛି ବି ଜାଣିନଥିଲ?

- ନା...

- ତେବେ ପୁଣି କେମିତି କହିଲ ଯେ, 'ମୁଁ ତୁମ ପାଇଁ ଏକ ଭିନ୍ନ ଆକର୍ଷଣ ଅନୁଭବ କରୁଛି...।'

- 'ଛି...। ସେ ଲାଜକଥା ସବୁ ଧରନା ମୁହଁରେ।' ସ୍ନିଗ୍ଧା ନିଜ ଆଙ୍ଗୁଠିକୁ ନେଇ ଥୋଇଦେଲା ଅମ୍ଳାନଙ୍କ ପାଟିରେ।

- ହଉ...। ଏଇ ମୁଁ ପାଟିରେ ଆଙ୍ଗୁଳି ଦେଇ ବସିଲି।

ଏବେ ସ୍ମୃତିକୁ ଅଣ୍ଡାଳିବା ପାଳି ସ୍ନିଗ୍ଧାର। ସ୍ମୃତି ସବୁ ତ ଆସନ୍ତି ଆଖି, ଗାଲ, ମନ ଓଦା କରିବା ପାଇଁ।

- ଆମେ ଯେବେ ଭେଟ ହେଲେ, ସେତେବେଳେ ତୁମର ପରିଚୟ ହେଲା ମୋ ପାଇଁ ଯେ ତୁମେ ଜଣେ 'କବି'। କବିଟିଏ ପୁଣି ପ୍ରେମିକ ନୁହେଁ, ଏହା କ'ଣ କେବେ ସତ ହେଇପାରେ?

- 'ମିଛ ଲାଞ୍ଛନା ଲଗାଅନା ପ୍ରିୟା। କବି ନିର୍ଦ୍ଦୋଷ।' ଶୁଭୁଥିଲା ତୁମ ପରିହାସ ଭରା ସ୍ୱର। ତା ସାଥିରେ ପୁଣି ଠୋ ଠୋ ହସ।

'ଯିଏ ଏତେ ଭାବ ଗର୍ଭକ କବିତା ଲେଖେ, ସେ ପୁଣି ଏତେ ସରଳ ଓ ସାଧାରଣ କେମିତି ହେଇପାରେ?' - ମୁଁ ଭାବୁଥିଲି ମନେ ମନେ ଯେ ତୁମେ କେଉଁଭଳି ହେଇଥିବ? ତୁମ କବିତା ପରି ଗମ୍ଭୀର ଅବା ଏଇ ତୁମର କଥା ପରି ଛଳଛଳ।

ତେବେ ଜାଣିଛ ନା' ... 'ତୁମ ହସରେ ବି ଥିଲା ଏକ ଅଜବ ଆକର୍ଷଣ। ମୁଁ କେମିତି ବାନ୍ଧି ହେଇ ହେଇ ଯାଉଥିଲି... ତୁମ କଥାରେ, ତୁମ ସ୍ୱରରେ। ତୁମ ମିଠା ମିଠା କଣ୍ଠର ଯାଦୁଗରୀ ପରିହାସରେ।'

ଏଇ ପୁଣି ଶୁଭିଲା ତୁମର ହସ। ହସ ମାନେ ହସ। ଏକଦମ୍ ମନଖୋଲା ହସ। ତୁମ କଥା ଶୁଣି ମୋର ସମ୍ବିତ୍ ଫେରିଲା। ସତରେ କ'ଣ ଏ ଭିତରେ ମୁଁ ନିର୍ଲଜ୍ଜାଙ୍କ ପରି କହି ସାରିଛି ଯେ "ମୁଁ ତୁମ ପାଇଁ ଏକ ଭିନ୍ନ ଆକର୍ଷଣ ଅନୁଭବ କରୁଛି।"

ଛି... ଏତେ ଅଲାଜୁକୀ ମୁଁ ହେଲି କେମିତି ଯେ?

ହେଃ ...। ହଉ। ଛାଡ଼ ମ ସେକଥା। କହିଲି ବି ଯଦି ଖୁବ୍ ଭଲ କଲି। ପ୍ରେମ ମାମଲାରେ କବିମାନେ କ'ଣ କମ୍ ପାରଙ୍ଗମ। ତୁମର ନିଶ୍ଚୟ ହିଁ ପ୍ରେମ ବିବାହ ହେଇଥିବ। ଏକା ସାଥିରେ କଲେଜ୍‌ରେ ପଢୁଥିବ ତୁମେ ଦୁହେଁ। ସେ ଖୁବ୍ ସୁନ୍ଦରୀ ହେଇଥିବେ। ତୁମେ ତାଙ୍କୁ ଉପଲକ୍ଷ୍ୟ କରି ଲେଖିଥିବ କେତେ ସବୁ ପ୍ରେମ କବିତା। ଏମିତିରେ କେଉଁ ଝିଅ ନ ତରଳିବ ଯେ? ତା'ପରେ ବାହାଘର। ପିଲାଛୁଆ। ସଂସାର। କ'ଣ ମୁଁ ମିଛ କହୁଛି?

- ଆହା! ରହିଯାଅ ପ୍ରିୟା! ମାନିଗଲି। ତୁମକୁ। କହିଲ-ତୁମେ ପୂର୍ବ ଜନ୍ମରେ ଗାଳ୍ପିକା ଥିଲ ନା' ଏ ଜନ୍ମରେ ମ! ଏମିତି କଳ୍ପନାର ଜାଲତ ଆମେ କବିମାନେ ବି ବୁଣି ପାରୁନା।

ତୁଚ୍ଛାକୁ ମୁଁ କୁହେଁ, ପାଗଳୀଟାଏ ବୋଲି। ତେବେ ତୁମର ଏ ସରଳପଣ ଭଲ ଲାଗେ ମୋତେ।

(କ୍ରମଶଃ)

## ଭଲ ମଣିଷ ଖୋଜା ଚାଲିଛି



ଡ. ମନୋରଞ୍ଜନ ବିଷୋୟୀ

ଭଲମଣିଷ ଖୋଜୁ ଖୋଜୁ
କେତେବେଳେ
ନିଜେ ହଜିଯାଏ।
ଆଉ କେତେ ବେଳେ
ଏ ହଜିବା ଭିତରେ
କିଛି ମଣିଷକୁ
ଖୋଜି ପାଇଥାଏ।
ତଥାପି ମଣିଷର
ଅସଲ ଚେହେରାକୁ
କ'ଣ ଦେଖି ହୁଏ?
ସେ କେଉଁ ରୂପରେ
ରୂପାନ୍ତର ପାଇଁ
ଅଭିଷେକ କରୁଥାଏ
ତାହା କ'ଣ
ସହଜରେ ଜାଣି ହୁଏ?
ତା'ର ଗୋପନୀୟ ଇଚ୍ଛାକୁ
ଜାଣିବାର ଉପଲବ୍ଧି
ଆମ ପାଖରେ
ପହଞ୍ଚିଲା ବେଳକୁ
ସମୟ ହାତ ପାହାନ୍ତାରୁ
କୁଦା ମାରି ଚାଲି ଯାଇଥାଏ।
ସମୟ ଚାଲିଗଲା ପରେ
ଆଉ ଧରା ନ ଦେଇ
ଆମ ସହ ସେ
ଛାଇ ଆଲୁଅର ଖେଳ ଖେଳୁଥାଏ।
ତେଣୁ ତ ମଣିଷକୁ
ଯେତିକି ବୁଝାଯାଏ
ତା'ଠାରୁ ବେଶି ସେ
ଅବୁଝା ରହିଯାଏ।
ତଥାପି ନିଶବ୍ଦରେ ଆସି
କେହି ଜଣେ
କାନେ କାନେ କହିଯାଏ
ମୋତେ ଚିହ୍ନିବା ପୂର୍ବରୁ
ନିଜେ ନିଜକୁ ଚିହ୍ନିପାରିଲେ
ମୋତେ ଖୋଜି ପାଇବା
ସହଜ ହୋଇଥାଏ।

*ଦାମୋଦରପୁର, ଗଞ୍ଜାମ*
*ଦୂରଭାଷ: ୮୮୯୫୧୪୧୭୨୭*

## ମୋନାଲିସା



ଡ. ଦୀପକ କୁମାର ମିଶ୍ର

ରାଗ, ଘୃଣା, ଲୁହ, ହିଂସା,
ହସ ଓ ଆନନ୍ଦ
ଅମୂଲ୍ୟ ଅପୂର୍ବ ଅତୁଳନୀୟ
ଏହି ରୂପକଳ୍ପ
ଐତିହାସିକ ଚିତ୍ର ତଳେ କିନ୍ତୁ ଲୁଚିଥାଏ
ବିକଟାଳ ସଞ୍ଜ ପୁଣି ସତେଜ ସକାଳ।
କାନ୍ଦିବାକୁ ଚେଷ୍ଟା କଲେ
ରୋକିଦିଏ ହସ
ହସିବାକୁ ଚେଷ୍ଟା କଲେ
ବାଧାଦିଏ ଲୁହ
ମିଳନର ବେଳ ହେଲେ ଆସନ୍ନ ବିଚ୍ଛେଦ
ଖସରା ଖୁସିର ଇନ୍ଦ୍ରଧନୁକୁ
ଢାଙ୍କିଦିଏ ଈର୍ଷାତୁର କଳା କଳା ମେଘ।
ତୀକ୍ଷ୍ଣ ତୂଳୀ, କେଉଁ ରଙ୍ଗ,
କିଏ ଚିତ୍ରକର
ବୁଝିବାକୁ ଇଚ୍ଛା ନାହିଁ ଜୀବନ ଆହତ
ନେପଥ୍ୟରେ ଶୁଭୁଥାଏ କାହାର ଆହାଟ
ବ୍ୟଙ୍ଗ ଅବା ବିଷାଦର କିଏ ଦିଏ ଛାଟ।
ସ୍ୱପ୍ନିଳ ଆଖିରେ ପୂର୍ଣ୍ଣ ଅନିଦ୍ରାର ଚିହ୍ନ
ବର୍ଷା ହେଉହେଉ ଶୁଭେ ମରୁଡ଼ିର ସ୍ୱର
ଯୁଦ୍ଧର ଗର୍ଜନ ସଙ୍ଗେ ଶାନ୍ତିର ଶବଦ
ମୃତ୍ୟୁର ଭିତରେ ଦେଖ ଲୁଚିଚି ଜୀବନ।
କିଣିଚି ସେ ଚିତ୍ରପଟ ଅୟୁତ ମୁଦ୍ରାରେ
ଟାଙ୍ଗିଛି ଆଣି ତାକୁ ଜୀବନ କାନ୍ଥରେ
ଦେଖାଦେଖି ଆଖିଠାର
ଚାଲେ ନିରନ୍ତର
କିଏ କାହା ଦୁଃଖ ବୁଝେ କହିବା କଠିନ।
ମତେ ଦେଖି ମୋନାଲିସା
ଲାଗେ ଭୁଲିଯାଏ ଦୁଃଖ
ମୁଁ ଖୋଜୁଥାଏ ତା ଭିତରେ ଜୀବନ ଦର୍ଶନ।

*ଭୁବନେଶ୍ୱର*
*ଦୂରଭାଷ : ୮୨୮୦୨୧୧୦୦୦*

ବିଶେଷ କବିତା

## ଜଙ୍ଗଲ-ଘର



ଗଜାନନ ମିଶ୍ର

ଗୋଟେ ସିଧାସାଦା ଜଙ୍ଗଲ-ଘର,
ଯୋଉଠି ନ ଥାନ୍ତି କେବେ କେହି।
ଦିନସାରା ରାତିସାରା ଖାଲି
ନାଚୁଥାଏ ଗୋଟେ ଛାଇ।

ଛାଇ କାହାର?
ନ ଥାଏ କାହାଠି କହିବାକୁ କିଛି।
ଜଙ୍ଗଲ-ଘରେ ଇତଃସ୍ତତ ପଡିଥାଏ
ରଙ୍ଗବେରଙ୍ଗ ପକ୍ଷୀଙ୍କ ପର।

ହୁଏ ନି ବୁଝେଇ ଜଙ୍ଗଲକୁ,
ନାଇଁ ରେ, ଏଇଠି ନାଇଁ ଡର ଭୟ।
ଭାରି ବିରକ୍ତିକର ହେଲେ ବି
ଏ ଦୀର୍ଘଶ୍ୱାସ, ଏ ସମୟ।

ଜଙ୍ଗଲ-ଘର ସତରେ ଅଦୃଶ୍ୟ,
ସେଇଠି ଅବଶ୍ୟ କବିତାର ଖିଅ।

*ତପୋବନ, ଟିଟିଲାଗଡ-୭୬୭୦୩୩*

## ସାମୁଏଲ୍‌ର ଗୋଡ଼



ମନୋଜ କୁମାର ମହାନ୍ତି



*(ପୂର୍ବପ୍ରକାଶ ଉତ୍ତାରୁ)*

ଟ୍ରେନ୍ ପଟ୍ରି କମ ପଡୁଚି! ଏତେ ଗୁଡ଼େ ଟ୍ରେନ୍‌ର ରହଣୀକୁ ଜାଗା ନାହିଁ। ଯାତ୍ରୀଙ୍କୁ ସେବା ଯୋଗାଇବାକୁ ପ୍ଲାଟ୍‌ଫର୍ମର ନବୀକରଣ ଓ ପ୍ରସାରଣ! ଇତର ଜନ ଆବୋରୀ ବସିଥିବା ଚେନାଏ ଭୂଖଣ୍ଡକୁ ସାମିଲ୍ କରାଯିବ ଷ୍ଟେସନ୍‌ର ଅକ୍ତିଆର ଭିତରେ। ସେଇଟା ତ କାର ପୈତୃକ ସଂପତ୍ତି ନୁହଁନା। ରେଳବାଇର ଅଧିକୃତ ଜାଗା!

ସେଇ ଇତର ଜନସବୁ, ନିଜ ନିଜ ଧନ୍ଦା ସାରି ଯେଉଁ ଶୋଇ ପଡୁଥିଲେ ଶାନ୍ତିର ନିଦ ରାତିର ଗଭୀର ଅନ୍ଧାରକୁ ନିଜର କରି, ସେମାନେ ତ୍ରସ୍ତ ଜଣାପଡୁଥିଲେ। ଆଠବର୍ଷର ଅଲିଖିତ ଅଧିକାରର ଭୂଖଣ୍ଡ ଯେମିତି ଭୁଷୁଡ଼ି ପଡ଼ିବ କେଉଁ ଗୋଟେ ଆଦେଶର ଶକ୍ତ ଧକ୍କାରେ।

ରାତିର କ୍ଳାନ୍ତି ନିଦ ହେଇ ଆଖିରେ ଘନ ହେଇଥିବ ନ ହେଇଥିବ ତ ସୂର୍ଯ୍ୟ ଯେମିତି ଅପ୍ରତ୍ୟାଶିତ ଉଇଁଆସେ ଠିକ୍ ସେମିତି ହଳେ ଡେଣାଲଗା ଦାନବର ଘରଘର-ଘଡ଼ଘଡ଼ ଶବ୍ଦ ଆତଙ୍କ ହୋଇ ପଶିଆସିଥିଲା ସେମାନଙ୍କ ଭାତହାଣ୍ଡି ପାଖକୁ! ନିତ୍ୟକର୍ମ ସାରିବାକୁ ସମୟ ନଥିଲା ସେମାନଙ୍କ ପାଖରେ।

ସେମାନେ ଭାଗି ଯାଉଥିଲେ ଠିକ୍ ଯେମ୍ତି ଗଛଟେ ହଣା ଖାଇଲା ପରେ ବସାବାନ୍ଧି ରହୁଥିବା ଚଢ଼େଇମାନେ ଇତଃତସ୍ତ ଉଡ଼ିଯାଆନ୍ତି ଆକାଶରେ।

ଘୋଘୋ ଗହଳି! ନିଜ ନିଜ ଦୁନିଆଦାରି ଧରି ଭାଗ। ଧାଇଁ ପଳାଇ ମେସନ୍ ଆସିଚି ମେସିନ୍! ଏଇଟା କା'ର ବୋପା ଗୋସଁପାର ଜାଗା ନୁହେଁରେ ବାବୁ... ଭାଗ! ଏଠି ଇତର ଜନ କେଉଁ ରହି ପାରିବେନି ନିଜର ଭୂଖଣ୍ଡ କହି? ଏଇଟାକୁ ତୁମେ ଆମେ କେଉଁ କହିପାରିବା କି 'ବିସ୍ଥାପନ'?

ସମସ୍ତେ ଧାଉଁଥିଲେ, ସେଇମାନଙ୍କ ଭିତରେ ଲୁଗା ସମ୍ଭାଳି ଚମ୍ପି, ଗୌରୀ ମାନେ ବି ଧାଉଁଥିଲେ।

ଟ୍ରେନ୍ ପଟ୍ରିର ତଳ ଆଡ଼କୁ ବିରାଟ ଖାଇପରି ଅବ୍ୟବହୃତ ପାଣିଭର୍ତ୍ତି ଜମି। ସେଇ ପଙ୍କ କାଦୁଅ ଭିତରକୁ ଫୋପାଡ଼ି ଦିଆଗଲା ଆବର୍ଜନା।

ସେଇ ଆବର୍ଜନାର ଭିଡ଼ରେ ଥିଲେ ସେଇ ତିନିଟା ଗୋଲାକାର ସିମେଣ୍ଟ ପୋଲ ଯେଉଁଟା ଦିନେ କାହାର ମୁଣ୍ଡ ଗୁଞ୍ଜିବାର ଆସ୍ଥାନ ଥିଲା। ଯେଉଁଠି ଥିଲେ ଚରିଟା ଦେହଜୀବୀ ଆଉ ସେମାନଙ୍କୁ ସୁରକ୍ଷା ଦେଉଥିବା ବର୍ଦ୍ଧହୀନ ପଙ୍ଗୁ ସାମୁଏଲ୍!

ଧାଇଁ ଆସିବା ବେଳକୁ ଚମ୍ପି ପିନ୍ଧାଇ ଦେଇଥିଲା ଗୋଟିଏ ନକଲି ଗୋଡ଼ ସାମୁଏଲ୍‌ର ଜଂଘ ପାଖକୁ, ଆଉ ଗୋଟାଏ ଗୋଡ଼ ଖୋଜି ପାଇନଥିଲା ବ୍ୟସ୍ତତା ଭିତରେ।

ସେମାନେ ଭାଗିବେ ଅପେକ୍ଷା କରିଥିବା ଆଉ ଗୋଟେ ଟ୍ରେନ୍‌ରେ, ଆଉ ଗୋଟେ ନୂଆ ଦୁନିଆର ସନ୍ଧାନରେ! ହୁଏତ ହୋଇପାରେ କେଉଁଗୋଟେ ବଡ଼ ପ୍ଲାଟ୍‌ଫର୍ମର ଏମିତି ଅବ୍ୟବହୃତ ଜାଗା ଯେଉଁଠି ଜୀବନ ପାଇଁ ଜୀବିକା ସୁରକ୍ଷିତ ମନେହେବ!

ଚମ୍ପି ଦେଖୁଥିଲା ସେମାନେ ଥିଲେ ଚରିଜଣ। ସାମୁଏଲ୍ ନଥିଲା ସେଠି।

ହେଇ ସେଇ ତିନିଟା ସିମେଣ୍ଟ ପୋଲ ଆସି ପଡ଼ିଲାଣି ଖାଇ ଭିତରକୁ। ସେଇଠି ଦୁଶିଯାଉଚି ଗୋଟେ ମଣିଷର ଗୋଡ଼... ନକଲି ଗୋଡ଼!

ସାମୁଏଲ୍ କ'ଣ ଆବର୍ଜନା ସହ ଖସିପଡ଼ିଚି ଖାଇ ଭିତରକୁ? ନା... ନା... ସାମୁଏଲ୍ ଗହଳି ଭିଡ଼ରେ କେଉଁଠି ଖୋଜୁଥାଇପାରେ ତାକୁ... ଚମ୍ପିକୁ!

ସେ ପାଟିକଲା - ସେଇଟା ଗୋଟେ ମଣିଷର ଗୋଡ଼! ତାକୁ ଟାଣିଆଣ... ତାକୁ ରକ୍ଷାକର!

ଅବଶ୍ୟ କେହିଜଣେ ଓହ୍ଲାଇ ଯାଇଥିଲା ଗୋଡ଼ ଆଡ଼କୁ ଲକ୍ଷ୍ୟ କରି। ଟାଣିକି ଧରିଥିଲା ଗୋଡ଼ଟାକୁ! ହେଲେ ନା ଟାଣି ଧରିଥିବା ଗୋଡ଼ଟା ଶୂନ୍ୟରେ ଗହଁରି ଆସିଥିଲା ଲୋକଟା ହାତରେ।

ଲୋକଟା ଚିଲ୍ଲାଇଲା - ଶଳା ନକଲି ଗୋଡ଼ଟେ କିଏ ଫୋପାଡ଼ି ଦେଇଚି!

ପୁଣି କାମ ଆରମ୍ଭ ହେଲା। ଚମ୍ପି ଦଉଡ଼ି ଯାଇ ଆବର୍ଜନାରୁ ଠାବ କରୁଥିଲା ଆଉ ଗୋଟେ ନକଲି ଗୋଡ଼ ଯାହାକୁ ସିଏ ବ୍ୟସ୍ତତା ଭିତରେ ପିନ୍ଧାଇ ପାରିନଥିଲା।

ମାଟି... ମାଟି ଆଉ ଆବର୍ଜନାର ଭିଡ଼ରେ ସେଇଠି ଖାଇ ତଳେ ପୋତି ହୋଇ ଯାଉଥିଲା ତା'ର ପ୍ରେମିକ ପୁରୁଷ... ପୃଥିବୀର ଶ୍ରେଷ୍ଠ ପ୍ରେମିକ ସାମୁଏଲ୍ ଯିଏ ପ୍ରେମିକାର ହଳେ ଦୁଲ୍ ପାଇଁ ହରେଇ ଦେଇପାରେ ନିଜର ହଳେ ଅସଲି ଗୋଡ଼।

*ଜୁନାଗଡ଼, କଳାହାଣ୍ଡି*
*ଦୂରଭାଷ : ୯୪୩୭୩୨୮୭୫୮*

## ପିଲାଙ୍କ ଦୁନିଆ





ଐଶାନୀ ମିଶ୍ର
ଷ୍ଟାଣ୍ଡାର୍ଡ-୮
କେନ୍ଦ୍ରୀୟ ବିଦ୍ୟାଳୟ, ଖଡିଆଳ

# ଦୁଇଟି ଗ୍ରାମ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଡାବୁଗାଁ ଓ ବୋରିଗାଁ ଗ୍ରାମ ପଞ୍ଚାୟତ ସ୍ତରରେ ଦୁଇଟି ଗ୍ରାମ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଡାବୁଗାଁ ଗ୍ରାମ ପଞ୍ଚାୟତର ସରପଞ୍ଚ ବିନୋଦ ସଉରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ସମ୍ମାନୀତ ଅତିଥି ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ସାଂସଦ ପ୍ରତିନିଧି ଏମ୍ ଅକ୍ଷପା ରାଓ, ପଞ୍ଚାୟତ ଉପାଧ୍ୟକ୍ଷ ସଦାନନ୍ଦ ନାୟକ,ବିଡିଓ ଶରତ ମାଝୀ, ଡାଃ ଅଶୋକ କୁମାର ବାରିକ, ୱାର୍ଡ ସଭ୍ୟ ରାମ ନିଧି ଗୌଡ (ଟିକିଲି), ରାମଚନ୍ଦ୍ର ମାଝୀ (ଡୁମୁଣିଗୁଡା), ଏନ ଟି ସଉରା (ଡାବୁଗାଁ), ଦେବରାଜ କୁମ୍ଭାର (ଉମୁରାହାଣ୍ଡି) ପଞ୍ଚାୟତର ସମସ୍ତ ଆଶା କର୍ମୀ, ଅଙ୍ଗନବାଡି କର୍ମୀ,ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳିପଦ କୀର୍ତ୍ତନିଆଙ୍କ ସହିତ ପଞ୍ଚାୟତ କର୍ମଚାରୀ ଏବଂ ସମସ୍ତ ଲାଇନ୍ ବିଭାଗ କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ। ଶିକ୍ଷା ଉପରେ ସରକାରୀ ଯୋଜନା ଗୁଡିକ ଖୁବ୍ ସୁନ୍ଦର ଭାବେ ଶିକ୍ଷୟତ୍ରୀ ଶୁଭ ସ୍ମିତା ପାଢୀ ବକ୍ତବ୍ୟ ରଖିଥିବା ବେଳେ ସ୍ୱାସ୍ଥ୍ୟ ଉପରେ ଡାଃ ବାରିକ, ଆଇସିଡିଏସ ଉପରେ ଅଙ୍ଗନବାଡି କର୍ମୀ ରାଇମତି କନ୍ଧପାଣ ନିଜ ନିଜର ବକ୍ତବ୍ୟ ଖୁବ ସୁନ୍ଦର ଭାବେ ବୁଝାଇଥିଲେ। ଡାବୁଗାଁରେ ଲୋକ ପ୍ରିୟ ବିଧାୟକଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ ଡି ପ୍ରସାଦ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ। ସେହିପରି ବୋରିଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚ ଶୁକ୍ରୁ ଭତ୍ରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଲୋକପ୍ରିୟ ବିଧାୟକ ମନୋହର ରନ୍ଧାରୀ, ସମ୍ମାନୀତ ଅତିଥି ବିଧାୟକ ପ୍ରତିନିଧି ଏମ୍ ବୁଲୁ ରାଓ, ବିଜେଡି ପଞ୍ଚାୟତ ସଭାପତି ଲଇଖଣ ପନକା, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦ୍ମନାଭ ଭାଲ୍ଲା, ସମିତି ସଭ୍ୟ ରାମ ଦାସ ଗୌଡ, ନାଏବ ସରପଞ୍ଚ ଲଚ୍ଛମନ ସାନ୍ତା, ୱାର୍ଡ ମେମ୍ବର ମାନସିଂ ଭତ୍ରା ଓ ନଳତୀ ଗଣ୍ଡ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାକର ମୁଦୁଲି, ପଞ୍ଚାୟତ ର ସମସ୍ତ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଏବଂ ସମସ୍ତ ଲାଇନ୍ ବିଭାଗ କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ। ଯୋଜନା ମାଧ୍ୟମରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ବିଭିନ୍ନ ଯୋଜନା ବିଷୟରେ ସଚେତନ କରାଇବା ସହ ବିଭିନ୍ନ ଯୋଜନା ନିମନ୍ତେ ହିତାଧିକାରୀ ତାଲିକା, ପ୍ରକଳ୍ପ ତାଲିକା ଏବଂ ଆମ ଓଡିଶା ନବୀନ ଓଡିଶା ଯୋଜନା ରେ ତାଲିକା ପ୍ରସ୍ତୁତ କରିବା ହେଉଛି ଏଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଦୁଇଟି ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବା ବେଳେ ବିଜେତା ପ୍ରଥମ, ଦ୍ୱିତୀୟ, ତୃତୀୟ ଦଳ ପୁରସ୍କାର ପାଇବା ସହ ସମସ୍ତ ଦଳକୁ ସାନ୍ତ୍ୱନା ମୂଳକ ପୁରସ୍କାର ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଦୁଇଟି ପଞ୍ଚାୟତରେ ବେଶ୍ ସୁରୁଖୁରୁରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢୁଛି ଅଡୁଆ ...

ଭୁବନେଶ୍ୱରର ପଳାଶପଲ୍ଲୀ ଘରୁ ୧୦ ଲକ୍ଷ ଟଙ୍କା ସହ ଏକ ଫର୍ଚ୍ୟୁନର କାର୍ ଜବତ କରିଥିଲା। ଉକ୍ତ ଗାଡ଼ିଟି ପ୍ରୟାସକାନ୍ତି ଚଳାଉଥିବା ବେଳେ ତାହା ତ୍ରିଷା ସ୍କାଏ ସ୍କାପର ଲିମିଟେଡ ନାମକ ବିଲଡର ସଂସ୍ଥା ନାଁରେ ଥିବା ସୂଚନା ମିଳିଥିଲା। ବରପଦା ଇଞ୍ଜିନିୟରିଂ କଲେଜ ନାଁରେ ଏକ ସୋସାଇଟି ହୋଇଥିବା ବେଳେ ସେଥିରେ ହୋଇଥିବା ଦୁର୍ନୀତିରେ ପ୍ରୟାସକାନ୍ତି ସାମିଲ ଥିବା ଅଭିଯୋଗ ହୋଇଥିଲା। କଲେଜ କର୍ମଚାରୀମାନେ ଦରମା ପାଉ ନ ଥିବା ବେଳେ ଉକ୍ତ ଟଙ୍କାରେ ପ୍ରୟାସକାନ୍ତି ଦାମୀ ଗାଡ଼ି ଚଢୁଥିବା କର୍ମଚାରୀମାନେ ଅଭିଯୋଗ କରିଥିଲେ। ଏହାପରେ ଇଡି ଏହି ଘଟଣାର ଖୋଳତାଡ଼ ଆରମ୍ଭ କରିଥିଲା। ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ମାମଲାରେ ତ୍ରିଷା ସ୍କାଏ ସ୍କାପର ନାଁ ଉଠୁଥିବାରୁ ଇଡି ଟିମ୍ ଉକ୍ତ ବିଲଡର ସଂସ୍ଥାର ନିର୍ଦ୍ଦେଶକ ଦେବବ୍ରତ ଧାରଙ୍କ ଘରେ ବି ରେଡ କରିଥିଲା। ରେଡ ବେଳେ ସେଠାରୁ କିଛି ଜମି କିଣାବିକା କାଗଜପତ୍ର ଜବତ ହୋଇଥିଲା। ଉକ୍ତ କାଗଜପତ୍ର ଅନୁଯାୟୀ ବରପଦା ଇଞ୍ଜିନିୟରିଂ କଲେଜ ନାଁରେ ଭୁବନେଶ୍ୱରର କଣ୍ଟାବାଡ ଅଞ୍ଚଳରେ ୩୨ ଏକର ଜାଗା କିଣା ଯାଇଥିବା ବେଳେ ପରବର୍ତ୍ତୀ ସମୟରେ ତାହାକୁ ଉକ୍ତ ବିଲଡର ସଂସ୍ଥା ହାତକୁ ଟେକି ଦିଆଯାଇଛି। ତେବେ ଏହି ହସ୍ତାନ୍ତର ପ୍ରକ୍ରିୟା ଆଇନଗତ ଭାବେ ହୋଇଛି ନା ନାହିଁ ତାହାର ତଦନ୍ତ କରୁଛି ଇଡି।

### ଓଡ଼ିଶାରେ ...

କମିଶନର କହିଛନ୍ତି। ଭୋଟଗ୍ରହଣ କେନ୍ଦ୍ରରେ ପାନୀୟ ଜଳ ଓ ଶୌଚାଳୟର ବ୍ୟବସ୍ଥା ରହିବ। ରାଜ୍ୟରେ ମୋଟ ୩୭୮୦୯ଟି ମତଦାନ କେନ୍ଦ୍ର ଚିହ୍ନଟ ହୋଇଛି। ଏହି କେନ୍ଦ୍ର ମଧ୍ୟରୁ ୩୩୪୬୯ଟି କେନ୍ଦ୍ର ଗ୍ରାମାଞ୍ଚଳରେ ଓ ୪୩୪୦ଟି ସହରାଞ୍ଚଳରେ ରହିଛି। ଗୋଟିଏ ମତଦାନ କେନ୍ଦ୍ରରେ ହାରାହାରି ୮୭୯ଜଣ ଭୋଟର ଅଛନ୍ତି। ୱେବକାଷ୍ଟିଂ ସୁବିଧା ୨୨୬୮୫ଟି କେନ୍ଦ୍ରରେ କରାଯିବ, ଯାହାଫଳରେ ନିର୍ବାଚନ କମିଶନ ତାଙ୍କ ଅଫିସରୁ ଏହି କେନ୍ଦ୍ର ଉପରେ ନଜର ରଖିପାରିବେ। ମହିଳାମାନଙ୍କ ଦ୍ୱାରା ପ୍ରାୟ ୪ହଜାର ମତଦାନ କେନ୍ଦ୍ର ପରିଚାଳନା କରାଯିବ। ୭୦୦ଟି ମଡେଲ ମତଦାନ କେନ୍ଦ୍ର ଚିହ୍ନଟ ହୋଇଛି। କେବଳ ସେତିକି ନୁହେଁ, ରାଜ୍ୟର ୧୫ଟି ଜିଲ୍ଲା ସୀମାନ୍ତବର୍ତ୍ତୀ ରାଜ୍ୟ ସହ ଜଡ଼ିତ ଥିବାରୁ ମୋଟ ୧୫୬ଟି ଟିମ୍ ଗଠନ କରାଯାଇଛି। ସବୁ ଏନଫୋର୍ସମେଣ୍ଟ ଏଜେନ୍ସୀ ଓ ପୁଲିସକୁ ନେଇ ଗଠିତ ଏହି ଟିମ୍ ସୀମାବର୍ତ୍ତୀ ଜିଲ୍ଲାରେ ପ୍ରତ୍ୟେକଟି ଅନିୟମିତତା ଓ ନିଶାଦ୍ରବ୍ୟ କାରବାର ଉପରେ ନଜର ରଖିବେ। କୌଣସି ଏଜେନ୍ସୀ ସେମାନଙ୍କର ଅଧିକାରଭୁକ୍ତ ନୁହେଁ କହି ଖସିପାରିବେ ନାହିଁ। ସମସ୍ତେ ମିଳିତ ଭାବେ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବେ ନିରପେକ୍ଷ କରିବା ସହ ସବୁ ରାଜନୀତିକ ଦଳ ପାଇଁ ସମାନ ନୀତି ଆପଣାଇବାକୁ ନିର୍ବାଚନ କମିଶନର ସମସ୍ତ ଜିଲ୍ଲାପାଳ ଓ ପୁଲିସ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନରେ ଯେଉଁଭଳି କୌଣସି ହିଂସା ନହେବ ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି। ରାଜନୀତିକ ଓ ସରକାରୀ କାର୍ଯ୍ୟକ୍ରମ ମଧ୍ୟରେ ପାର୍ଥକ୍ୟ ରକ୍ଷା କରିବା, ଇଭିଏମ୍-ଭିଭିପାଟ୍ ରହୁଥିବା ସ୍ଥାନରେ ତିନିଥାକିଆ ସୁରକ୍ଷା ବ୍ୟବସ୍ଥା ସହ ମତଦାନ ପରେ ଇଭିଏମକୁ ଭଲଭାବେ ସିଲ୍ କରି ରାଜନୀତିକ ଦଳର ଏଜେଣ୍ଟମାନଙ୍କୁ ଫର୍ମ ୧୭(ଗ)ରେ ଭୋଟ ପରିମାଣ ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଛି। ପେଡ୍ ନ୍ୟୁଜ ଓ ପ୍ରାର୍ଥୀଙ୍କ ଆମ୍ପ୍ରଚାର ଖର୍ଚ୍ଚ ଉପରେ ନଜର ରଖି ସେସବୁକୁ ସେମାନଙ୍କ ନିଜସ୍ୱ ଖର୍ଚ୍ଚରେ ସାମିଲ କରାଇବାକୁ କୁହାଯାଇଛି। ସରକାରୀ କଳ ଯେଉଁଭଳି କୌଣସି ଦଳର ପ୍ରଚାର ଓ ବିଜ୍ଞାପନ ନଦେବ ତାହା ସୁନିଶ୍ଚିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

### ମୋଦି ଅନ୍ୟାୟର ...

ସରକାର ଚାଳଚୁଲ ନୀତି ଅବଲମ୍ବନ କରୁଛନ୍ତି। ଅନ୍ୟପଟେ ଚାଷ ପାଇଁ ବ୍ୟବହୃତ ବିଭିନ୍ନ କିଟନାଶକ, ସାର ଓ ଅନ୍ୟାନ୍ୟ ସାମଗ୍ରୀରେ ଜିଏସଟି ଲାଗୁ କରି କୃଷକଙ୍କୁ ଶୋଷଣ କରାଯାଉଛି। ଯଦି ଏସବୁ ଅନ୍ୟାୟ ବିରୋଧରେ କୃଷକମାନେ ଆନ୍ଦୋଳନ କରୁଛନ୍ତି, ସେମାନଙ୍କୁ ଲାଠି, ପାଣି ଓ ଗୁଳିମାଡ଼ କରି ଦମନ କରାଯାଉଛି। ପରିଣାମ ସ୍ୱରୂପ ଆଜି ଦେଶରେ ଚାଷୀ ଆତ୍ମହତ୍ୟା ବଢ଼ିଚାଲିଛି, ଯାହାକି ଏନ୍‌ସିଆରବି ରିପୋର୍ଟରୁ ସ୍ପଷ୍ଟ ହୋଇଛି। ସେହିପରି କଳାଧନ ଫେରାଇ ଆଣିବାକୁ କହି ବିମୁଦ୍ରିକରଣ କରାଗଲା। ହେଲେ କେତେ ପ୍ରତିଶତ କଳାଧନ ଆସିଲା ଓ ତାହା କାହା ପାଖକୁ ଗଲା ସେ ସମ୍ପର୍କରେ ଦେଶବାସୀଙ୍କୁ ଅବଗତ କରାଗଲା ନାହିଁ। ଜିଏସ୍‌ଟି ଲାଗୁ କରି ଏମଏସଏମଇ ଉଦ୍ୟୋଗକୁଡିକୁ ଧ୍ୱଂସ କରିଦିଆଗଲା। ପରିଣାମ ସ୍ୱରୂପ ଆଜି ବେକାରୀ ସମସ୍ୟା ଉତ୍କଟ ହୋଇଛି। ବର୍ତ୍ତମାନ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଥିବା ବେଳେ ନରେନ୍ଦ୍ର ମୋଦି ଏନେଇ ମୁହଁ ଖୋଲୁନାହାନ୍ତି। ମଣିପୁର ହିଂସା ବେଳେ ନୈତିକତା ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ଥରଟିଏ ମଧ୍ୟ ସେଠାକୁ ଗଲେ ନାହିଁ। ମା'ଙ୍କୁ ସମ୍ମାନ କଥା କହୁଥିବା ନବୀନ ପଟ୍ଟନାୟକ ମଧ୍ୟ ସେତେବେଳେ ଚୁପ୍ ରହିଲେ। ଦେଶ ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ନେହେରୁଜୀ ଓ ଇନ୍ଦିରା ଗାନ୍ଧିଜୀଙ୍କୁ ସମାଲୋଚନା କରିବାରେ ମୋଦି ଅଯଥା ସମୟ ଅପଚୟ କରୁଛନ୍ତି। କଂଗ୍ରେସ ଶାସନ କାଳରେ ଦେଶରେ ଗଢ଼ିଉଠିଥିବା ବହୁ କ୍ଷୁଦ୍ର, ମଧ୍ୟମ ଓ ରାଷ୍ଟ୍ରାୟତ ଉଦ୍ୟୋଗଗୁଡିକୁ ନିଜର ନିର୍ଦ୍ଦିଷ୍ଟ କେତେଜଣ ପୁଞ୍ଜିପତି ବନ୍ଧୁଙ୍କୁ ସେ ବିକିବାରେ ଲାଗିଛନ୍ତି। ସବୁବେଳେ ଦେଶର ସୁରକ୍ଷା କଥା କହୁଥିବା ମୋଦି ସରକାର ଚୀନକୁ କ୍ଲିନ୍‌ଚିଟ୍ ଦେଇ ଦେଶର ଯବାନମାନଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ୨୦୧୯ ଫେବୃୟାରୀ ୧୪ରେ ହୋଇଥିବା ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାର ଉପଯୁକ୍ତ ତଦନ୍ତ ଏ ପର୍ଯ୍ୟନ୍ତ ହେଲା ନାହିଁ। ଦେଶର ୪୦ଜଣ ବୀର ଯବାନ ସହିଦ ହୋଇଥିବା ଏହି ସମ୍ବେଦନଶୀଳ ବିସ୍ଫୋରଣ ଘଟଣାରେ ବ୍ୟବହୃତ ଗାଡ଼ି କାହାର ଥିଲା, ଆତଙ୍କବାଦୀ ସେଠାକୁ କେମିତି ଆସିଲେ ଆଦି ଅନେକ ଘଟଣା ଆଜି ବି ଅନ୍ଧାରରେ ରହିଛି। କେନ୍ଦ୍ର ସରକାର ପ୍ରଚଳନ କରିଥିବା ଇଲେକ୍ଟୋରାଲ ବଣ୍ଡ୍‌କୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଅସାମ୍ବିଧାନିକ ଘୋଷଣା କରିବା ପରେ ମୋଦି ସରକାରଙ୍କ ଅସଲ ଚେହେରା ସାମ୍ନାକୁ ଆସିଛି। ଇଲେକ୍ଟୋରାଲ ବଣ୍ଡ୍ ଆଳରେ ଭାରତୀୟ ଜନତା ପାର୍ଟି କିଛି ନିର୍ଦ୍ଦିଷ୍ଟ ପୁଞ୍ଜିପତିଙ୍କଠାରୁ ସର୍ବାଧିକ ପାଣ୍ଠି ସଂଗ୍ରହ କରିଥିବାବେଳେ ଆଂଚଳିକ ଦଳ ଭାବେ ଦ୍ୱିତୀୟ ସର୍ବାଧିକ ପାଣ୍ଠି ସଂଗ୍ରହ କରିଛି ବିଜେଡି। ଖାଲି ସେତିକି ନୁହେଁ, ଉଭୟ ଦଳ ଓଡ଼ିଶାକୁ ଲୁଟ୍ କରୁଛନ୍ତି। ରାଜ୍ୟର ଖଣିଜ ସମ୍ପଦକୁ କିଛି ନିର୍ଦ୍ଦିଷ୍ଟ ପୁଞ୍ଜିପତି ଓ ଅଣଓଡ଼ିଆଙ୍କ ହାତରେ ଟେକି ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପରେ ମୋଦି ସରକାର ଆକ୍ରୋଶମୂଳକ ଭାବେ ଆୟକର ବିଭାଗ ଦ୍ୱାରା କଂଗ୍ରେସର ଆକାଉଂଟକୁ ଫ୍ରିଜ କରିଛନ୍ତି। ଏହା ଗଣତନ୍ତ୍ରର ହତ୍ୟା ନୁହେଁ ତ ଆଉ କ'ଣ ବୋଲି ଶ୍ରୀ ଶର୍ମା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଇଡି, ସିବିଆଇ ଆଦି ତଦନ୍ତକାରୀ ସଂସ୍ଥାକୁ ନିଜ ହାତମୁଠାରେ ରଖିଛନ୍ତି ମୋଦି ସରକାର। ସେମାନେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଭାବେ କାମ କରୁଛନ୍ତି। ଇଡି, ସିବିଆଇ ଭୟରେ ଆଜି ନବୀନ ସରକାର ସବୁକ୍ଷେତ୍ରରେ ମୋଦିଙ୍କୁ ଖୋଲା ସମର୍ଥନ କରୁଛନ୍ତି। ଦେଶରେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଅନ୍ୟାୟ ହେଉଥିଲେ ମଧ୍ୟ ନବୀନ ଥରଟିଏ ବି ପାଟି ଖୋଲିବାକୁ ଉଚିତ୍ ମଣୁନାହାନ୍ତି। ଖାଲି ସେତିକି ନୁହେଁ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମର କଣ୍ଠରୋଧ କରିବାକୁ ମଧ୍ୟ ମୋଦି ସରକାର ପଛଘୁଂଚା ଦେଇନାହାନ୍ତି ବୋଲି ଶ୍ରୀ ଶର୍ମା କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସମ୍ପାଦକ ଶରତ ରାଉତ, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ମୁଖ୍ୟ ଡ.ବିଶ୍ୱରଞ୍ଜନ ମହାନ୍ତି, ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ ଓ ପ୍ରଶାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ତୀର୍ଥ ପୁଷ୍କରିଣୀର ...

ସୁଶୋଭିତ ଶୋଭାଯାତ୍ରାରେ ବାହାରି ରାତି ୧୨ଟାରେ କୋଣାର୍କ ଏନଏସି ପୂଜା ମଣ୍ଡପ ଠାରେ ପହଞ୍ଚିଥିଲେ। ଶ୍ରୀଜିୟୁମାନଙ୍କ ସ୍ୱତନ୍ତ୍ର ପୂଜା ହୋମ ଓ ଭୋଗ ପ୍ରଦାନ କାର୍ଯ୍ୟ ସମ୍ପନ୍ନ ପରେ ତିନିଠାକୁର ମିଳିତ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଯାଇ ରାତି ୩ଟା ୩୦ରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ଥିତ ପୂଜା ମଣ୍ଡପରେ ପହଞ୍ଚି ଥିଲେ। ପାରମ୍ପରିକ ରୀତିନୀତିରେ ଠାକୁରମାନଙ୍କ ପୂଜା ହୋମ କାର୍ଯ୍ୟ ସମ୍ପନ୍ନପରେ ସପ୍ତମୀ ତିଥି ପ୍ରତ୍ୟୁଷ ମାହେନ୍ଦ୍ର ବେଳାରେ ତୀର୍ଥ ଜଳରେ ଠାକୁରମାନଙ୍କ ସ୍ନାନ କରାଯିବା ପରେ ସାଧୁ ସନ୍ଥମାନେ ଆଳତି ଓ ସ୍ନାନ କରିଥିଲେ। ୪ଟା ୩୪ରେ ଏସପି ପିନାକି ମିଶ୍ର ଫଲ୍ସ ଫାଇରିଙ୍ଗ କରି ଶ୍ରଦ୍ଧାଳୁଙ୍କୁ ସଙ୍କେତ ଦେଇଥିଲେ ତୀର୍ଥଜଳରେ ସ୍ନାନ କରିବା ପାଇଁ। ତୀର୍ଥ ପୁଷ୍କରିଣୀ ମଧ୍ୟରେ ମାତ୍ର ୧ଫୁଟ ଗଭୀର ପାଣି ଥିବାରୁ ଲକ୍ଷାଧୀକ ଶ୍ରଦ୍ଧାଳୁ ପୁଷ୍କରଣୀର ଚତୁଃପାର୍ଶ୍ୱରୁ ପ୍ରବେଶକରି ବୁଡପକାଇବା ଫଳରେ ପାଣି ଅବସ୍ଥାକୁ ଦେଖି ଅନେକ ଯାତ୍ରୀ ତୀର୍ଥ ପୁଷ୍କରଣୀ ପାଣିକୁ ମୁଣ୍ଡରେ ଛିଞ୍ଚି ହୋଇ ଫେରୁଥିବା ଦେଖା ଯାଇଥିଲା। ଲୋକେ ପୁଷ୍କରିଣୀରେ ପଶିବା ମାତ୍ରେ ଆବର୍ଜନାପୂର୍ଣ୍ଣ ପଙ୍କ ଉପରକୁ ଉଠି ପରିବେଶକୁ ଦୁର୍ଗନ୍ଧମୟ କରିଥିଲା। ସୂର୍ଯ୍ୟ ଦେବଙ୍କୁ ଦର୍ଶନ କରିବା ପାଇଁ ସମୁଦ୍ର ବେଳାଭୂମିରେ ଲକ୍ଷାଧିକ ଶ୍ରଦ୍ଧାଳୁ ଅପେକ୍ଷା କରିଥିଲେ ମଧ୍ୟ ନିର୍ଦ୍ଧାରିତ ସମୟର ସାମାନ୍ୟ ବଳମ୍ବରେ ସୂର୍ଯ୍ୟେ ଦେବଙ୍କୁ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନେ କୋଣାର୍କ ଅଭିମୁଖେ ଆସି ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ସହ ନବଗ୍ରକଙ୍କୁ ପୂଜାର୍ଚ୍ଚନା କରିଥିଲେ। ମାଘମେଳା ଉପଲକ୍ଷେ ଷଷ୍ଠୀ ଓ ସପ୍ତମୀ ଦୁଇଦିନ ଧରି ସୂର୍ଯ୍ୟମନ୍ଦିର ମଧ୍ୟକୁ ପ୍ରବେଶ ଶୁଳ୍କ ଛାଡ଼ କରାଯାଇଥିଲା। ମାଘ ମେଳା ଅବସରର ବିଭିନ୍ନ ସଂସ୍ଥା ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ମାଗଣାରେ ଅନ୍ନ, ଖେଚୁଡି ପ୍ରସାଦ ଓ ଉପମା ବିତରଣ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷାନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରଶାସନ ପକ୍ଷରୁ ମେଳା ପଡ଼ିଆର ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ନିମନ୍ତେ ରାତିତମା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ ହଜିବା ଖୋଜିବା ମଞ୍ଚ ସମେତ ବିଭିନ୍ନ ସଙ୍ଗଠନ ମାନଙ୍କ ପକ୍ଷରୁ ଷ୍ଟଲମାନ ଖୋଲା ଯାଇଥିଲା। ଗାଡି ପାର୍କିଂ ପାଇଁ ଏନଏସିର କଲ୍ୟାଣୀ ମଣ୍ଡପ, ଏଏସଆଇ ପାର୍କିଂ ଓ ହେଲିପ୍ୟାଡ, ଆଇଓସିଏଲ ପାର୍କିଂ ଓ ବସ ଷ୍ଟାଣ୍ଡରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପାର୍କିଂ ସ୍ଥଳରୁ ବୁଢ଼ାବୁଢ଼ୀ ଓ ଶିଶୁମାନେ ତୀର୍ଥ ପୁଷ୍କରଣୀକୁ ଯିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଛକ ଜାଗାମାନଙ୍କରେ ସାଇନେଜ ନ ଥିବାରୁ ଶତାଧିକ ବ୍ୟକ୍ତି ନିଜ ଗାଡ଼ି ପାଖରେ ପହଞ୍ଚିବା ପାଇଁ ବାଟ ନ ପାଇ ଏଣେତେଣେ ଘୁରିବୁଲିଥିଲେ। ଅନେକ ବିଭ୍ରାଟ ସତ୍ତ୍ୱେ ଚଳିତ ବର୍ଷର ମାଘ ମେଳା ଶନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି।

### ନିର୍ବାଚନୀ ...

୨୦୧୮ ଜାନୁଆରୀ ୨ର ଏହି ଯୋଜନା ଅନୁସାରେ ଆର୍ଥିକ ପ୍ରତିଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ବ୍ୟାଙ୍କରୁ ବଣ୍ଡ କ୍ରୟ କରି କୌଣସି ରାଜନୈତିକ ଦଳକୁ ତାର ବ୍ୟବହାର ଉଦ୍ଦେଶ୍ୟରେ ଦେଇପାରିବେ। ରାଜନୈତିକ ଦଳଗୁଡିକୁ ପାଣ୍ଠି ପ୍ରଦାନରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ରାଜନୈତିକ ଦଳକୁ ନଗଦ ଅର୍ଥ ପ୍ରଦାନ ବଦଳରେ ଏହି ବ୍ୟବସ୍ଥା ଏକ ବିକଳ୍ପ ଥିଲା। ବିଭିନ୍ନ ଆବେଦନର ୩ ଦିନ ଧରି ଶୁଣାଣି କରି ସୁପ୍ରିମ୍‌କୋର୍ଟ ଗତ ୨୦୨୩ ନଭେମ୍ବର ୨ରେ ନିଜ ରାୟ ସଂରକ୍ଷିତ ରଖିଥିଲେ। ନିଜର ଯୁକ୍ତି ଦର୍ଶାଇ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଦର୍ଶାଇଥିଲେ- ବ୍ୟାଙ୍କ ଜରିଆରେ ରାଜନୈତିକ ଦଳକୁ ପାଣ୍ଠି ଯୋଗାଣ ସ୍ୱଚ୍ଛତା ଉପାୟରେ କରାଯିବା ଲାଗି ଏହି ବ୍ୟବସ୍ଥା ହୋଇଛି। ଏହା ସହ ଆକ୍ରୋଶର ଶିକାର ହେବା ଆଶଙ୍କା କରି ଦାତାମାନଙ୍କ ନାମକୁ ଗୋପନ ରଖାଯିବାର ଆବଶ୍ୟକତା ରହିଛି। କେନ୍ଦ୍ର ସରକାର ପ୍ରସ୍ତାବ ଦେଇଥିଲେ- ଯଦି ସୁପ୍ରିମକୋର୍ଟ ଚାହାଁନ୍ତି ତେବେ ଇଲେକ୍ଟୋରାଲ ବଣ୍ଡ ଇସ୍ୟୁ ଲାଗି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବଦଳରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆକୁ କ୍ଷମତା ପ୍ରଦାନ କରିପାରନ୍ତି। ଶୁଣାଣି ସମୟରେ ଇଲେକ୍ଟୋରାଲ ବଣ୍ଡଗୁଡିକର ସ୍ୱଚ୍ଛତା ସମ୍ପର୍କରେ ପ୍ରଶ୍ନ ଉଠିଥିଲା। ତୁଷାର ମେହେଟ୍ଟା ଯୁକ୍ତି ଦର୍ଶାଇଥିଲେ- ଇଲେକ୍ଟୋରାଲ ବଣ୍ଡ ବ୍ୟବସ୍ଥାରେ ଜାଲ୍ କମ୍ପାନି ସୃଷ୍ଟିକୁ ପ୍ରତିରୋଧ କରିଥାଏ ଏବଂ ପାଣ୍ଠି ପ୍ରଦାନରେ ସ୍ୱଚ୍ଛତା ଆଣିଥାଏ। ସେପଟେ ପିଟିସନରମାନେ ଯୁକ୍ତି ଦର୍ଶାଇଥିଲେ- ଇଲେକ୍ଟୋରାଲ ବଣ୍ଡ ଜନସାଧାରଣଙ୍କ ସୂଚନା ପାଇବାର ଅଧିକାରକୁ କ୍ଷୁଣ୍ଣ କରୁଛି ଦେଶରେ ଦୁର୍ନୀତି ବଢ଼ାଇବା ଦିଗରେ ଏହା କାର୍ଯ୍ୟ କରୁଛି। କଂଗ୍ରେସ ନେତା ଜୟ ଠାକୁରଙ୍କୁ ପ୍ରତିନିଧିତ୍ୱ କରି ବରିଷ୍ଠ ଆଡଭୋକେଟ କପିଳ ସିବଲ ଯୁକ୍ତି ଦର୍ଶାଇଥିଲେ- ଇଲେକ୍ଟୋରାଲ ବଣ୍ଡ ବ୍ୟବସ୍ଥା ତ୍ରୁଟିସମ୍ପନ୍ନ ଏବଂ ସୁଧମୁକ୍ତ ବଣ୍ଡଗୁଡିକରେ କୌଣସି ଘୋଷଣା ହୋଇ ନଥାଏ ତଥା ଅର୍ଥର ଉତ୍ସ ନେଇ ରାଜନୈତିକ ଦଳ ପ୍ରକାଶ କରିବାକୁ ବାଧ୍ୟ ନୁହନ୍ତି। ତେଣେ ଦାତାମାନଙ୍କ ତଥ୍ୟ ଓ ସେମାନେ କାହାକୁ କେତେ ଦାନ କଲେ ତାହାର ତଥ୍ୟ ପ୍ରକାଶ କରୁନଥିବାରୁ ନିର୍ବାଚନ କମିଶନଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ ସୁପ୍ରିମକୋର୍ଟ।

### ୱେଲସ୍ପନ ...

ଭାରତରେ ସବୁଠାରୁ ଅଧିକ ପୁଞ୍ଜି ଓଡିଶାକୁ ହିଁ ଆସୁଛି। ଓଡିଶାରେ ଶିଳ୍ପ ବିକାଶର ଭିତ୍ତି ବିଷୟରେ ଆଲୋକପାତ କରି ସେ ବିଜୁ ବାବୁଙ୍କ ଉଦ୍ୟମ ସଂପର୍କରେ କହିଥିଲେ। ଓଡିଶାର କପା ଚାଷୀଙ୍କ ଉନ୍ନତି ପାଇଁ ମଧ୍ୟ ସେ ଉଦ୍ୟମ କରିବେ ବୋଲି ପ୍ରକାଶ କରି ସେ କହିଥିଲେ ଓଡିଶାର ଶିଳ୍ପ ବାତାବରଣକୁ ଆହୁରି ଉନ୍ନତ କରିବା ପାଇଁ ସେ ତାଙ୍କର ଅବଦାନ ରଖିବେ ବୋଲି କହିଥିଲେ। ଏହି ପ୍ରକଳ୍ପ ଦ୍ୱାରା ୧୦ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସହିତ ୨୦ ହଜାର ପରୋକ୍ଷ ନିଯୁକ୍ତି ମିଳିବ ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ କହିଲେ ଯେ ଚୌଦ୍ୱାର ହେଉଛି ଓଡିଶାର ପ୍ରଥମ ଶିଳ୍ପ ନଗରୀ। ପୁଣି ଥରେ ଏହା ବିକାଶ ପଥରେ ଅଗ୍ରସର ହେଲା। ଏହି ଶିଳ୍ପ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସହିତ ବ୍ୟାପକ ଆତ୍ମନିଯୁକ୍ତି ମଧ୍ୟ ସୃଷ୍ଟି କରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଜନସାଧାରଣଙ୍କ ସହ ମତ ବିନିମୟ କରି ବିଭିନ୍ନ ଯୋଜନାର ବର୍ଦ୍ଧିତ ଭତ୍ତା ସଂପର୍କରେ ଆଲୋଚନା କରିଥିଲେ। ମଧୁବାବୁ ପେନ୍ସନ୍, ମମତା, ଲକ୍ଷ୍ମୀ ଓ କଳାକାର ଭତ୍ତା ଯୋଜନା ସଂପର୍କରେ ସେ ବଢିଥିବା ଭତ୍ତା ସଂପର୍କରେ ଲୋକଙ୍କୁ ସଚେତନ କରିଥିଲେ। ନୂଆ-ଓ ଛାତ୍ରବୃତ୍ତି ସଂପର୍କରେ ସୂଚନା ଦେଇ ସେ କହିଥିଲେ ଯେ ଚଳିତ ମାସ ୨୫ ତାରିଖ ସୁଦ୍ଧା ଛାତ୍ରଛାତ୍ରୀମାନେ ଏହି ଛାତ୍ରବୃତ୍ତି ପାଇବେ। ବୟନଶିଳ୍ପ ପାଇଁ ୬୫୦ ପରିବାରର ଘର ସମସ୍ୟା ସୃଷ୍ଟି ହେଉଥିବା ସଂପର୍କରେ ସୂଚନା ଦେଇ ସେ କହିଥିଲେ ଏହି ସମସ୍ୟା ଶୀଘ୍ର ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ସୌଭିକ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଉଦବୋଧନଦେଇଥିଲେ। ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ପାରମ୍ପରିକ ଓ ସମସାମୟିକ ଶିଳ୍ପୀଙ୍କ ବନ୍ଧୁ ମିଳନ

# ପଦ୍ମ ପୁରସ୍କାର ପାଇଁ ମନୋନୀତ ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣାଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର :** ଜେକେ ଫାଉଣ୍ଡେସନ୍ ଅଫ୍ ଆର୍ଟ ଆଣ୍ଡ କଲଚରର୍ ଏବଂ ରାଷ୍ଟ୍ରୀୟ ଲଳିତ କଳା ଏକାଡ଼େମୀର ମିଳିତ ସହଯୋଗରେ ଖାରବେଳ ନଗର ସ୍ଥିତ ଆଞ୍ଚଳିକ କେନ୍ଦ୍ର ପରିସରରେ ଗତ ୧୨ ତାରିଖ ସୋମବାର ଅପରାହ୍ନ ୪ ଘଟିକା ସମୟରେ ପାରମ୍ପରିକ ଓ ସମସାମୟିକ ଚିତ୍ରଶିଳ୍ପୀ ମାନଙ୍କର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଣାଢ୍ୟ ପରିବେଶ ଅବସରରେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ପୁରସ୍କାର -୨୦୨୪ ପାଇଁ ମନୋନୀତ ଖ୍ୟାତି ସମ୍ପନ୍ନ ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣାଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଅନୁଷ୍ଠାନର ଚେୟାରମ୍ୟାନ ଧର୍ମପଦ ପୁରସ୍କାରପ୍ରାପ୍ତ ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଆଞ୍ଚଳିକ କେନ୍ଦ୍ରର ସମ୍ପାଦକ ରାମକୃଷ୍ଣ ବେଦାଲା, ମୁଖ୍ୟ ଅତିଥି ଓ ବରିଷ୍ଠ ଶିଳ୍ପୀ ରାମହରି ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଳ୍ପୀ ବିନୋଦ ମହାରଣାଙ୍କୁ ସମ୍ବର୍ଦ୍ଧନା କରିବା ସହ ଶିଳ୍ପୀଙ୍କ ବହୁମୁଖୀ ପ୍ରତିଭାକୁ ଆଲୋକପାତ କରିଥିଲେ। ଏହି ଅବସରରେ ଡେଭଲପମେଣ୍ଟ କମିଶନ (ହସ୍ତଶିଳ୍ପ)ର ଅବସରପ୍ରାପ୍ତ ସହ ନିର୍ଦ୍ଦେଶକ ଅଶୋକ କୁମାର ହୋତା, ଶିଳ୍ପୀ ଅଲେଖ ସାହୁ, ଗଜେନ୍ଦ୍ର ସାହୁ, ବିଜୟ କୁମାର ପରିଡ଼ା, ରବୀନ୍ଦ୍ର କୁମାର ମହାରଣା, କରୁଣାକର ସାହୁ, ଅତସୀ ବସୁ, ଲିପିଶ୍ରୀ ଟାଲି, ଜୟନ୍ତ ଦାସ, ଜ୍ଞାନେଶ ମିଶ୍ର, ପ୍ରବୋଧ ସାହୁ, ଜୁଇ ଦାସ ମହାପାତ୍ର, ଚଇତା ବସୁ, ଚନ୍ଦନ ସାମଲ, ଡଃ ସ୍ଥିତଧୀ ରଥ ତଥା ବହୁ ଚିତ୍ରଶିଳ୍ପୀ ଓ କଳାପ୍ରେମୀ ଉପସ୍ଥିତ ରହି ସମ୍ବର୍ଦ୍ଧନା ସଭାକୁ ଋଦ୍ଧିମନ୍ତ କରିଥିଲେ। ଜୟସୂର୍ଯ୍ୟ କାନୁନଗୋ ସଭାକାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜନୀତିରେ ଶିକ୍ଷକ



**ଲକ୍ଷ୍ମୀପୁର :** ନିର୍ବାଚନ ଯେତେ ପାଖେଇ ଆସୁଛି ଲକ୍ଷ୍ମୀପୁର ରାଜନୀତି ସେତେ ଗରମ ହେଇ ଚାଲିଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଏବେ ବିଜେଡ଼ି ଦଳରେ ଛିଡ଼ା ହେବାକୁ ଅନେକ ଆଶାୟୀ ଥିବା ବେଳେ ଶିକ୍ଷା ବିଭାଗ ମଧ୍ୟ ଏଥିରେ ପଛରେ ନାହିଁ। କିଛି ଶିକ୍ଷକ ମଧ୍ୟ ବିଦ୍ୟାଳୟ ପରିବର୍ତ୍ତେ ଦିନ ରାତି ବିଜେଡ଼ି ଦଳର ପ୍ରଚାର ଲାଗି ପଡିଛନ୍ତି। ଖାଲି ସେତିକି ନୁହଁ ବିଧାୟକ ପଦବୀ ପାଇଁ ମଧ୍ୟ ଆଶାୟୀ ଥିବା ଜଣା ପଡିଛି। ଆଦିବାସୀ ଅଧ୍ୟୁଷିତ ଏହି ବ୍ଲକରେ ଉନ୍ନତ ମାନର ଶିକ୍ଷା ପାଇଁ ରାଜ୍ୟ ସରକାର ଅହ ରହ ଚେଷ୍ଟା ଜାରି ରଖିଥିବା ବେଳେ କିଛି ଶିକ୍ଷକ ନିଜର ଶିକ୍ଷକତା ଛାଡ଼ି ଏବେ ରାଜନୀତିରେ ପାଦ ଥାପି ଛନ୍ତି। ଲକ୍ଷ୍ମୀପୁର ବ୍ଲକ୍ ବଡ ନେର୍କା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶଙ୍କର ସାଉନ୍ତା ଏକ ଉଦାହରଣ ପାଲଟିଛନ୍ତି। ସିଏ ଛୁଟି ନେଇ ଏବେ ରାଜନୀତି କରୁଛନ୍ତି। ଶାସକ ଦଳର କିଛି ବଡ ବଡିଆ ନେତାଙ୍କ ହାତ ତାଙ୍କ ମୁଣ୍ଡ ଉପରେ ଥିବା ବେଳେ ଏଠାକାର ବିଜେଡ଼ି ନେତା ମଧ୍ୟ ତାଙ୍କୁ ପ୍ରଶୟ ଦେଉ ଥିବାରୁ ଶିକ୍ଷା ବିଭାଗ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭୟ କରୁଛି ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଖାଲି ସେତିକି ନୁହେଁ ପ୍ରତ୍ୟେକ ଦଳୀୟ କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ବିଧାୟକଙ୍କ ପାଖରେ ବସୁଛନ୍ତି କିନ୍ତୁ ବିଧାୟକ ମଧ୍ୟ କିଛି କହୁ ନାହାନ୍ତି। ଏନେଇ ଆଗାମୀ ଦିନରେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ କଂଗ୍ରେସ ଦଳ ସଜବାଜ ହେଉଥିବା ବିଶେଷ ସୂତ୍ରରୁ ଶୁଣିବାକୁ ମିଳିଛି।

## କଣ୍ଟାବାଞ୍ଜି ସହରରେ ନକଲି ପାଣି ପାଉଚ ବିକ୍ରି !

# ପ୍ରଶାସନ ଜାଣି ଅଜଣା




**ବଲାଙ୍ଗୀର :** ସମଗ୍ର ଭାରତ ବର୍ଷରେ ନିଜର ଖ୍ୟାତି ଅର୍ଜନ କରି ସାରି ଥିବା ଆଦର୍ଶ ଗାଁ ହେଉଛି କଣ୍ଟାବାଞ୍ଜି। ପ୍ରତିଦିନ ଏହି ଅଞ୍ଚଳରେ କିଛି ନା କିଛି ନକଲି ସାମଗ୍ରୀ ଧାରାପଡୁଥିବା ଦେଖିବାକୁ ମିଳିଛି। କେତେବେଳେ ନକଲି ଖାଇବା ତେଲ ତ ଆଉ କେତେବେଳେ ନକଲି ଶ୍ୟାମ୍ପୁ, ନକଲି ଔଷଧ, ନକଲି ଅଟା, ନକଲି ମଇଦା, ନକଲି ବେସନ, ନକଲି ସାରକରୀ କାଗଜାତ ଭଳି ବହୁ ନକଲି ସାମଗ୍ରୀ ଏଠାରେ ଖୁଲମଖୁଲା ଭାବେ ଚାଲୁଥିବା ବେଳେ ଏବେ ନକଲି ପାଣି ପାଉଚ ମଧ୍ୟ ବଜାରରେ ବେଧଡ଼କ ଭାବେ ବିକା ଚାଲିଛି। ପାଣି ପାଉଚ ଏକ ନାମ ଅନେକ, ଏ ନକଲି କାରଖାନା ଚଲାଉଥିବା ମାଲିକ ମାନେ ନିକଟସ୍ଥ ରାଇପୁର ସହରକୁ ଯାଇ ବଡ ବଡ ବ୍ରାଣ୍ଡର ପାଉଚ ପଲିଥିନ ଆଣି ଏଭଳି ଭାବେ ପାଉଚ ତିଆରି କରୁଛନ୍ତି ଯେ ସାଧାରଣ ଲୋକେ ଅସଲି ଭାବି ନିଶ୍ଚିନ୍ତ ହୋଇ ପ୍ରତଦିନ ଏହି ନକଲି ପାଣି ପାଉଚକୁ ପିଉଛନ୍ତି ଓ ରୋଗାଗ୍ରସ୍ତ ହେଉଛନ୍ତି। କିନ୍ତୁ ଏସବୁକୁ ନିରୀକ୍ଷଣ କରିବାକୁ ସରକାରୀ ବାବୁ ନିୟୋଜିତ ଥାଇ ମଧ୍ୟ କିଭଳି ନକଲି ପାଣି ପାଉଚ ସହରର ଗଳିକାନ୍ଦିରେ ବେଧଡ଼କ ବିକ୍ରି ହେଉଛି ତାହାର କୌଣସି ଜବାବ ନାହିଁ। ଏଥିପ୍ରତି ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେଇ ଛତୁ ଫୁଟିଲା ଭଳି ନକଲି ପାଣି ପାଉଚ କାରଖାନା ଗୁଡିକୁ ବନ୍ଦ କରନ୍ତୁ ନଚେତ ଆସନ୍ତା ଗ୍ରୀଷ୍ମ ଋତୁରେ ନକଲି ପାଣି ପିଇ ସମଗ୍ର ଅଞ୍ଚଳ ଲୋକଙ୍କ ଦେହ ଅସୁସ୍ଥ ହେବା ଆଶଙ୍କାକୁ ଏଡାଇ ଦିଆ ଯାଇ ନପାରେ।

# ପ୍ରଗତି ପଥେ ତାଳଦା ଦୀପାଞ୍ଚଳ



**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଦୀପାଞ୍ଚଳା ତାଳଦା ଗ୍ରାମପଞ୍ଚାୟତରେ ସରପଞ୍ଚ ଦୀପକ ପରିଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପଞ୍ଚାୟତ ସଚେତନତା ଶିବିରରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ଯୋଜନା ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ, ପଞ୍ଚାୟତରୁ ବ୍ଲକ ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ସେବା, ବିଦ୍ୟାଳୟ ରୂପାନ୍ତିକରଣ, ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ସମସ୍ତ ଧର୍ମ ପୀଠ ଉନ୍ନତି କରଣ, ସମସ୍ତ ପଞ୍ଚାୟତକୁ ମେଗା ପାନୀୟ ପ୍ରକଳ୍ପ ଯୋଗେ ପିଇବା ପାଣି ଯୋଗାଣ କାର୍ଯ୍ୟ ଆରମ୍ଭ, ଛାତ୍ର ବୃତ୍ତି, କ୍ରୀଡା କ୍ଷେତ୍ରକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରୋତ୍ସାହନ ସମ୍ପର୍କରେ ଓ ଖୁବ୍ ଶୀଘ୍ର ତାଳଦା ଦୀପାଞ୍ଚଳକୁ ସଂଯୋଗ କରୁଥିବା ସେତୁ ପୂର୍ଣ୍ଣାଙ୍ଗ ହେବାକୁ ଯାଉଥିବା ଶ୍ରୀଯୁକ୍ତ ନାୟକ ତାଙ୍କ ଅଭିଭାଷଣରେ କହିଥିଲେ। କାର୍ଯ୍ୟକ୍ରମ ସାରି ଫେରିବା ବେଳେ ପାଇଖଳାରେ ମା ସାହାଡେଇ ମନ୍ଦିର ପ୍ରତିଷ୍ଠାର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିଲେ। ଶିବିରର ଅତିଥିମାନେ ହେଲେ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧ ମିଶ୍ର, ସମିତି ସଭ୍ୟ ଅମୀୟ କୁମାର ସେଠୀ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ମହିଳା ସଙ୍ଘ ସଭାନେତ୍ରୀ ସସ୍ମିତା ସେଠୀ ଓ ସମ୍ପାଦିକା ତୃପ୍ତିମୟୀ ବିଶ୍ୱାଳ ପ୍ରମୁଖ ସଚେତନତା ଶିବିର ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି କେଦାରନାଥ ବିଶ୍ୱାଳ ଓ ସମାଜସେବୀ ପ୍ରତାପ କୁମାର ପରିଡା ଯୋଗଦେଇଥିଲେ। ଉକ୍ତ ଶିବିରକୁ ଗ୍ରାମ ପଞ୍ଚାୟତ ଅଧିକାରୀ ସରୋଜ କୁମାର ମୁଦୁଲି ପରିଚାଳନା କରିଥିଲେ। ଦୁଇ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ।

## ଧରାପଡିବ ସିଆରସିଙ୍କ କଳାକାରନାମା



**ଭଦ୍ରକ :** ବନ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧିନସ୍ଥ ତରାପୁର କ୍ଲଷ୍ଟର ସିଆରସିସି ଜଗନ୍ନାଥ ଖୁଣ୍ଟିଆ ଅନେକ ଦୁର୍ନୀତିରେ ଲିପ୍ତ ଥିବା ତଥ୍ୟ ସାମ୍ବାଦିକ ବିକାଶ କୁମାର ଧଳଙ୍କ ହସ୍ତଗତ ହୋଇଛି। ଯାହାକି ଆଗାମୀ ସପ୍ତାହରେ ସବିଶେଷ ପ୍ରକାଶ ପାଇବ।

# ଚମକୁଛି ଲୋକକଳା



ପ୍ରେମାନନ୍ଦ ପାଣିଗ୍ରାହୀ





ଓଡିଶା ହେଉଛି ପାରମ୍ପରୀକ କଳାର ଗନ୍ତାଘର। ସାମାଜିକ ପରମ୍ପରାକୁ ମାନି ଚଳୁଥିବା ଗୋଷ୍ଠୀଗତ ମଣିଷ ଲୋକ ପଦବାଚ୍ୟ। ଯେତେବେଳେ ରଙ୍ଗୀନ ଆଲୋକ କି ମଞ୍ଚ ନଥିଲା ସେତେବେଳେ ଅଣପାରମ୍ପରୀକ ଭାବେ ନାଚଗୀତ ମାଧ୍ୟମରେ ମନୋରଞ୍ଜନ କରୁଥିଲେ । ଲୋକ ଜୀବନର ଅନୁଭୁତି ହିଁ ଏଥିରେ ରୂପାୟିତ ହେଉଥିଲା । ତେଣୁ ଲୋକକଳା ହେଉଛି ସଂସ୍କୃତିର ଭିତ୍ତିଭୂମି,ସମାଜର ଦର୍ପଣ ଏବଂ ଗୋଟିଏ ଜାତିର ପରିଚୟ । ଲୋକକଳାକୁ ଛାଡି ସଂସ୍କୃତିର ପରିକଳ୍ପନା କରାଯାଇନପାରେ । ଆମ ରାଜ୍ୟର ବିବିଧ ଲୋକକଳା ଯଥା-ପାଲା, ଦାସକାଠିଆ, ଦଣ୍ଡନାଚ, ରାସ, ଘୋଡାନାଚ, ସଂକୀର୍ତ୍ତନ, ପ୍ରହଲ୍ଲାଦ ନାଟକ, ରାମଲୀଳା, ଛଉନୃତ୍ୟ, ଖଞ୍ଜଣି ଭଜନ, କେନ୍ଦେରା ଗୀତ, ଚକୁଳିଆପଣ୍ଡା, ମାହାରୀ, ମୁଣ୍ଡପୋତା କେଳା, ଯାନୁ ଘଣ୍ଟ, ଭାରତଲୀଳା, ସମ୍ବଲପୁରୀ ନୃତ୍ୟ, କରମାସାନି, ସୁଆଙ୍ଗ, ଘୁମୁରାନୃତ୍ୟ, ଢାପନୃତ୍ୟ, ବାଘନାଟ, ଘଟକଳସୀ, କେଳାକେଲୁଣି ନୃତ୍ୟ, ଶିଂଘବାଦ୍ୟ, ଡୁଙ୍ଗଡୁଙ୍ଗା, ବଣ୍ଡା, କୋୟା, ସାନ୍ତାଳୀ, ପରଜା,ଢେମସା ଆଦି ଆମ ଜନଜୀବନର ସମୃଦ୍ଧି ଓ ପ୍ରାଣବନ୍ତତାକୁ ସୂଚାଇଥାଏ । ଏହି କଳାଗୁଡିକ ଏକ ସ୍ୱତନ୍ତ୍ର ଜାତିର ସ୍ୱାକ୍ଷର ବହନ କରେ,ଯେଉଁଥିପାଇଁ ଲୋକଙ୍କ ମନରେ ତାର ପ୍ରାଚୀନ ପରମ୍ପରା ଓ ସଂସ୍କୃତି ପ୍ରତି ନିଷ୍ଠା ଓ ଆଗ୍ରହ ଦେଖିବାକୁ ମିଳିଥାଏ ।



ବହୁବର୍ଷ ପୂର୍ବେ ଓଡିଶାର ନୃତ୍ୟକଳା ଅତୀବ ଲୋକପ୍ରିୟ ଥିଲା ଏବଂ ରାଜଦରବାର ଠାରୁ ଆରମ୍ଭ କରି ସାମାଜିକ ଓ ଧାର୍ମିକ ସମାରୋହଗୁଡିକରେ ନୃତ୍ୟ ବିନା କୌଣସି କାର୍ଯ୍ୟକ୍ରମ ଆରମ୍ଭ ଏବଂ ଶେଷ କରାଯାଉନଥିଲା। ଓଡିଶାର ସ୍ୱର୍ଣ୍ଣିମ ଇତିହାସ ଠାରୁ ଆରମ୍ଭ କରି ନୃତ୍ୟ,ସଂଗୀତ,ଚଳଣୀ ଆଦି ପରିବେଷଣ ରେି ଲୋକକଳା ପ୍ରମୁଖ ଭୂମିକା ନେଉଥିଲା। କଳିଙ୍ଗ, ଉତ୍କଳ, କୋଶଳ ଏହି ତିନି ଧାରାରେ ଆମ କଳା ସଂସ୍କୃତି ବଞ୍ଚି ରହିଥିଲା। ଲୋକକଳା ନିମନ୍ତେ କୌଣସି ସରକାରୀ ଅନୁଦାନ ନଥିବା ବେଳେ ପାରମ୍ପରିକ ଧାରାରେ କଳାକାରମାନେ ସଂସ୍କୃତିକୁ ବଞ୍ଚାଇ ରଖୁଥିଲେ। ଧୀରେଧୀରେ ଏହି ପରମ୍ପରା କ୍ଷୁର୍ଣ୍ଣ ହେବାରେ ଲାଗିଲା। ହଜି ଗଲା ଅନେକ ଲୋକକଳା। ସଂଗୀତ ଓ ନାଟକ ପାଇଁ ସ୍କୁଲ,କଲେଜ ଓ ଗବେଷଣାକେନ୍ଦ୍ର ରହିଥିବା ବେଳେ ଲୋକକଳା ଓ ଲୋକ ସଂଗୀତ ପାଇଁ ସେପରି କିଛି ଅନୁଷ୍ଠାନ ନଥିଲା। ଲୋକକଳା ଏବଂ ଲୋକସଂସ୍କୃତି ଗୁଡିକ ଅବକ୍ଷୟମୁଖୀ ହେଉଥିବା ବେଳେ ପାରମ୍ପରୀକନୃତ୍ୟ, ଗୀତ ଓ ଲୋକକଳାର ପୁନରୁଦ୍ଧାର,ବିକାଶ ,ପ୍ରଚାର ପ୍ରସାର ତଥା କଳାକାରଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ଓ ପରିକଳ୍ପନାକୁ ରାଜ୍ୟ ସଂସ୍କୃତି ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ କରିବା ଆରମ୍ଭ କଲେ। କଳା ଓ କଳାକାରଙ୍କ ବିକାଶ ପାଇଁ ରାଜ୍ୟ ସରକାର ୨୦୧୦ ମସିହାରୁ କଳାକାର ସଂଘ ଗଠନ ଆରମ୍ଭ କଲେ। ୨୦୧୧ ମସିହାରେ ମୁଖ୍ୟମନ୍ତ୍ରୀ ଲୋକକଳା ମାଧ୍ୟମରେ ସଚେତନତା ବାର୍ତ୍ତା ପହଞ୍ଚାଇବା କାର୍ଯ୍ୟକ୍ରମ ପ୍ରଥମେ ଗଞ୍ଜାମରେ ଶୁଭାରମ୍ଭ କଲେ। ଲୋକକଳାକାରମାନେ କଳାଚାତୁରୀ ମାଧ୍ୟମରେ ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହା ଆରମ୍ଭ କରାଗଲା । କଳାକାରମାନେ କେବଳ ମନୋରଞ୍ଜନ ନୁହେଁ ବରଂ ରାଜ୍ୟ ସରକାରଙ୍କର ସମସ୍ତ ଜନମଙ୍ଗଳକାରୀ ଯୋଜନା ସମାଜର ସବୁ ସ୍ତରରେ ପହଞ୍ଚାଇ ଆତ୍ମ ନିର୍ଭରଶୀଳ ହୋଇ ପାରୁଛନ୍ତି । ଯେଉଁ ଅଞ୍ଚଳ,ଜିଲ୍ଲା ନଗର ପାଇଁ ସୂଚନାର ଆବଶ୍ୟକତା ରହିଛି,ସେହି ଅଞ୍ଚଳର ଭାଷା ଓ କଥିତ ଭାଷା ଶବ୍ଦ ବ୍ୟବହାର କରି ଯୋଜନାର ପ୍ରଚାର କରାଗଲା। ଲୋକକଳା ଓ ଲୋକକଳାକାରମାନଙ୍କର ଉନ୍ନତି, ରକ୍ଷଣାବେକ୍ଷଣ, ପ୍ରଚାରପ୍ରସାର, ପ୍ରତିପୋଷଣ ତଥା ସୁଦୃଢୀକରଣ ପାଇଁ ମଣ୍ଡଳସ୍ତରୀୟ,,ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ସଂଘ ଗଠନ କରାଗଲା ଓ କଳାକାରମାନଙ୍କ ପଞ୍ଜୀକରଣ କରାଗଲା। ଯେଉଁ କଳାକାରମାନେ ତୃଣମୂଳ ସ୍ତରରେ ଏହି କଳାର ସୁରକ୍ଷା ପାଇଁ ପିଢି ପରେ ପିଢି କାର୍ଯ୍ୟ କରି ଆସୁଛନ୍ତି ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ଜୁନ ୧୪ ତାରିଖକୁ ଲୋକକଳା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏବେ ରାଜ୍ୟର ୩୧୪ ବ୍ଲକ୍‌ରେ ୪୭୧ ଲୋକକଳାକୁ ମାନ୍ୟତା ମିଳିଥିବା ବେଳେ ୭୪୮୨ଟି ଲୋକକଳା ଦଳ ଓ ଦେଢ ଲକ୍ଷରୁ ଅଧିକ କଳାକାର ରହିଛନ୍ତି। ରାଜ୍ୟରେ ଏବେ ଲୋକକଳା ଓ ଲୋକ ସଂସ୍କୃତିରେ ପ୍ରାୟ ୨୫୦୦ରୁ ଅଧିକ ପ୍ରକାରର ଶୈଳୀ ରହିଥିବା ବେଳେ ସେଥି ମଧ୍ୟରୁ ସଂଗୀତ ଓ ନାଟକ ଏକାଡେମୀ ପ୍ରୟାସରେ ୯୨ଟି ଶୈଳୀର ଡକ୍ୟୁମେଣ୍ଟେସନ କରାଯାଇପାରିଛି। କଳାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ଭତ୍ତା ବ୍ୟବସ୍ଥା କରାଯାଇଛି। ପ୍ରାୟ ୫୦ ହଜାରରୁ ଅଧିକ କଳାକାର ଭତ୍ତା ପାଉଛନ୍ତି। କଳାକାରମାନଙ୍କୁ ଜିଲ୍ଲା ଓ ବ୍ଲକ୍ ସ୍ତରରେ ତାଲିମ ପ୍ରଦନ କରାଯାଉଛି। ଉତ୍ସବ ଓ ମହୋତ୍ସବମାନଙ୍କରେ କଳା ପ୍ରଦର୍ଶନ କରି କଳାକାରମାନେ ରୋଜଗାରକ୍ଷମ ହେଉଛନ୍ତି। ଲୋକକଳାକୁ ପ୍ରଦର୍ଶିତ କରି ରାଜ୍ୟର କଳାକାରମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣୁଛନ୍ତି।









ପୁରାତନଲୋକକଳାର ପୁନରୁଦ୍ଧାର ତଥା ଉତ୍ତର ପିଢିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ପାଇଁ ୨୦୨୨ ମସିହା ଠାରୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆରମ୍ଭ ହୋଇଛି ଦୀକ୍ଷାନ୍ତ କାର୍ଯ୍ୟକ୍ରମ। ଲୋକ ସଂସ୍କୃତିର ପରିବ୍ୟାପ୍ତ ପାଇଁ ଗୁରୁ-ଶିଷ୍ୟ ପରମ୍ପରା ଭିତ୍ତିରେ ଏହି କାର୍ଯ୍ୟକ୍ରମରେ ଯୁବବର୍ଗଙ୍କୁ ସାମିଲ କରାଯାଇଛି। ଏଥିରେ କଳାହାଣ୍ଡିର ଘୁମୁରା ଗଞ୍ଜାମ ଦିଗପହଣ୍ଡିର ସଖୀନାଚ, କେନ୍ଦୁଝରର କାଠି କଣ୍ଢେଇ, ମୟୁରଭଞ୍ଜର ଝୁମର, ରେଗଡ କୁମ୍ଭାରୀର ଶଙ୍ଖଶ୍ୱରପାଟ, ନବରଙ୍ଗପୁରର ମାଦଳୀ, ସୁବର୍ଣ୍ଣପୁରର ଷୋଳସୁଆଙ୍ଗକୁ ନିଆଯାଇଛି। କେବଳ ସେତିକି ନୁହେଁ ୨୦୨୦ ମସିହା ଏପ୍ରିଲ ମାସରେ ଇନ୍‌ଟାଞ୍ଜିବଲ କଲଚରାଲ୍ ହେରିଟେଜ ତାଲିକାରେ ଓଡିଶାର ୩ଟି ମହାନ ସାଂସ୍କୃତିକ ପରମ୍ପରାକୁ ଭାରତ ସରକାର ସାମିଲ କରିଛନ୍ତି । ଯେଉଁଥିରେ ମାଣବସା ଗୁରୁବାର, ରାବଣଛାୟା, ଛଉନୃତ୍ୟ ସ୍ଥାନ ପାଇଛି। ଓଡିଶାର ଲୋକକଳାକୁ ସମୃଦ୍ଧ କରିବାରେ ଲୋକକଳାର ଅବଦାନ ବି କମ ନୁହେଁ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜରିଆରେ ୧୩ଟି ଆଦିମ ଜନଜାତି ସମେତ ୬୨ଟି ଆଦିବାସୀ ସମ୍ପ୍ରଦାୟର ସାମାଜିକ ଓ ସାଂସ୍କୃତିକ ଆବଶ୍ୟକତାକୁ ପୂରଣ କରୁଛି। ୧୧ ହଜାରରୁ ଅଧିକ ପବିତ୍ର ପୂଜାସ୍ଥଳୀର ସଂରକ୍ଷଣ କରାଯାଇଛି। ଏହା ବ୍ୟତୀତ ବ୍ଲକ ଓ ଜିଲ୍ଲା ସ୍ତରରେ ୬୦୦ ରୁ ଅଦିକ କ୍ରିଡା ଓ ସଂସ୍କୃତି ଉତ୍ସବର ମଧ୍ୟ ଆୟୋଜନ କରାଯାଇଛି। ଲୋକକଳାର ବିକାଶ ପାଇଁ ସରକାରଙ୍କ ପ୍ରୟାସ ଦ୍ୱାରା ବିଲୁପ୍ତି ପଥରେ ଥିବା ଅନେକ ଲୋକକଳା ଏବେ ମୂର୍ତ୍ତ ରୂପ ନେଇ ପାରିବ। ଧିରେଧିରେ ଲୋକକଳା ସାଂସ୍କୃତିକ ଓ ରଚନାତ୍ମକ ଉଦ୍ୟୋଗରେ ପରିଣତ ହେବାର ଆଶା ଉଜ୍ଜ୍ୱଳ ହେଉଛି।

ଭୁବନ,ଢେଙ୍କାନାଳ
ଦୂରଭାଷ : ୯୪୩୭୭୨୯୩୮୪








# ଆମେ ସ୍ୱାସ୍ଥ୍ୟ ସଚେତନ ହେବା ଜରୁରୀ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ବହୁ ପ୍ରତିକ୍ଷିତ ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଆଜି ଉତ୍ସର୍ଗୀକୃତ କରିଛନ୍ତି। ଏହି ହସ୍ପିଟାଲ କର୍କଟରୋଗ ଚିକିତ୍ସା କ୍ଷେତ୍ରରେ ସମଗ୍ର ଦେଶରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ। ଭୁବନେଶ୍ୱରରେ ପ୍ରତିଷ୍ଠିତ ଏହି କର୍କଟ ହସ୍ପିଟାଲରେ ୭୫୦ ଶଯ୍ୟା ରହିଥିବା ବେଳେ ଏହା ବାଙ୍ଗାଲୋରର ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନର ଏକ ଶାଖା ବୋଲି ଜଣାପଡିଛି। ଏଠାରେ ସହଜ ଓ ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ପଦ୍ଧତିରେ ଚିକିତ୍ସା କରାଯିବ। ଏହି ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରି କହିଛନ୍ତି ଯେ, ଆମେ ସ୍ୱାସ୍ଥ୍ୟ ସଚେତନତା ହେବା ଜରୁରୀ। ଆମ ଲାଇଫ ଷ୍ଟାଇଲରେ ପରିବର୍ତ୍ତନ କରିବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମେ ସୁସ୍ଥ ରହିଲେ ଓଡ଼ିଶା ସୁସ୍ଥ ରହିବ। ଓଡ଼ିଶା ପାଇଁ ନୂଆ ଯୁଗ ଆରମ୍ଭ କରିଛି ଏହି ହସ୍ପିଟାଲ। କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ନୂଆ ଯୁଗ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ସମଗ୍ର ଦେଶରେ କର୍କଟ ରୋଗ ଦିନକୁ ଦିନ ହୁହୁ ହୋଇ ବଢ଼ିଚାଲିଛି। ଦେଶରେ ଲୋକଙ୍କ ଜୀବନ ଓ ଜୀବିକା ଉପରେ ଏହାର ପ୍ରଭାବ ସୁଦୂରପ୍ରସାରୀ ହୋଇଥିବା ବେଳେ ସମଗ୍ର ଦେଶର ସ୍ୱାସ୍ଥ୍ୟସମସ୍ୟା ଲାଗି ଏହା ଏବେ ଏକ ଆହ୍ୱାନ ଭାବେ ଉଭାହୋଇଛି। ତେବେ କର୍କଟ ରୋଗର ନିରାକରଣ ଲାଗି ସମ୍ପ୍ରତି ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିର ଆବଶ୍ୟକତା ରହିଥିବା ବେଳେ ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ ପ୍ରତିଷ୍ଠାନ ଏହାକୁ ପୂରଣ କରିବାରେ ସମର୍ଥ ହେବ। କର୍କଟ ରୋଗ ଅତ୍ୟନ୍ତ ବ୍ୟୟ ଓ ସମୟସାପେକ୍ଷ ରୋଗ ହୋଇଥିବା ବେଳେ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଲାଗି ଲୋକଙ୍କୁ ସାଧାରଣତଃ ରାଜ୍ୟ ବାହାରର ବଡ଼ ବଡ଼ ସହର ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଗାଁ'ଗହଳିର ଲୋକଙ୍କ ଲାଗି ବଡ଼ ବଡ଼ ସହରରେ ରହି ଏହି ଚିକିତ୍ସା କରିବା ଅତ୍ୟନ୍ତ ବ୍ୟୟସାପେକ୍ଷ। ପୂର୍ବ ଭାରତରେ ଶତକଡ଼ା ୫୦ ପ୍ରତିଶତ ଅର୍ଥାତ୍ ପ୍ରାୟ



୩ଲକ୍ଷରୁ ଉର୍ଦ୍ଧ୍ୱ ରୋଗୀ ପ୍ରତିବର୍ଷ କର୍କଟ ରୋଗରେ ପଡୁଥିବା ବେଳେ ସେମାନେ ଚିକିତ୍ସା ଲାଗି ଦକ୍ଷିଣ କିମ୍ବା ଉତ୍ତରଭାରତର ଚିକିତ୍ସାକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା ପରେ ଏହି ଅଭାବ ଦୂର କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ନିଜ ରାଜ୍ୟ ଓଡ଼ିଶାରେ କର୍କଟ ଭଳି ଦୂରାରୋଗ୍ୟ ବ୍ୟାଧିର କିଭଳି ସହଜ ଓ ସୁବିଧାରେ ଚିକିତ୍ସା କରାଯାଇପାରିବ ସେଥିପାଇଁ ସୁସ୍ମିତା ବାଗ୍ଚି ଓସୁବ୍ରୋତ ବାଗ୍ଚିଙ୍କର ଦୀର୍ଘଦିନର ସ୍ୱପ୍ନ ଏହି ହସ୍ପିଟାଲ ପ୍ରତିଷ୍ଠା ପରେ ପୂରଣ ହୋଇଛି। ମାନବସେବା ପ୍ରତି ସେମାନଙ୍କର ଥିବା ଦୃଢ଼ ଇଚ୍ଛାଶକ୍ତିକୁ ଶ୍ରୀ ଶଙ୍କରା କର୍କଟ ଫାଉଣ୍ଡେସନ ୨୦୨୧ ମସିହାରେ ସଫଳ ହେବା ପାଇଁ ବାଟ ଦେଖାଇଥିଲା। ୪୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କର୍କଟ ହସ୍ପିଟାଲଟି ଶ୍ରୀ ବାଗ୍ଚି ଦମ୍ପତିଙ୍କ ସାହାଯ୍ୟ ପାଇଁ ସଫଳ ରୂପରେଖ ନେଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ବାଗ୍‌ଚି ଦମ୍ପତି ଏହି ହସ୍ପିଟାଲ ପ୍ରକଳ୍ପ ପାଇଁ ୨୪୦ କୋଟି ଟଙ୍କା ଦାନ କରିଥିବା ବେଳେ ଓଡ଼ିଶା ସରକାର ଏହି ପ୍ରକଳ୍ପ ପାଇଁ ୨ ୨ ଏକର ଜମି ପ୍ରଦାନ କିରଛନ୍ତି। ସମଗ୍ର ପୂର୍ବଭାରତରେ ଅନ୍ୟତମ ବୃହତ୍ କର୍କଟ ହସ୍ପିଟାଲ ଭାବେ ବାଗ୍ଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା ହୋଇ ଓଡ଼ିଶାବାସୀଙ୍କ ସ୍ୱପ୍ନକୁ ସାକାର କରିଥିବା ବେଳେ ଏହା ଲକ୍ଷାଧିକ କର୍କଟରୋଗୀଙ୍କ ଚିକିତ୍ସାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି କର୍କଟ କେନ୍ଦ୍ରଟି ସମ୍ପୂର୍ଣଭାବେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ। କର୍କଟ ଚିକିତ୍ସା କ୍ଷେତ୍ରରେ ଆବଶ୍ୟକୀୟ ସମସ୍ତ ଅତ୍ୟାବଶ୍ୟକ ଓ ଅତ୍ୟାଧୁନିକ ଯନ୍ତ୍ରପାତି ଏଠାରେ ମଧ୍ୟ ଉପଲବ୍ଧ। ଉଦାହରଣସ୍ୱରୂପ, ଏଠାରେ ୧୨ ଗୋଟି ବୃହତ୍ତ ଅସ୍ତ୍ରୋପଚାର କେନ୍ଦ୍ର ରହିଥିବା ବେଳେ ଷ୍ଟେଟ୍ ଅଫ୍ ଦି ଆର୍ଟର ୨ଟି ଲିନିୟର ଆମ୍ପେଲେଟର ଏବଂ ଗୋଟିଏ ବ୍ରାଚି ଥେରାପି କେନ୍ଦ୍ର ରହିଛି। ଦୈନିକ ୩ଶହ ରୋଗୀ ଏଠାରେ ରେଡ଼ିଓଥେରାପି ଚିକିତ୍ସା ପାଇବାକୁ ଥିବାବେଳେ ୬୦ଜଣ ରୋଗୀଙ୍କୁ କେମୋଥେରାପି ପ୍ରଦାନ କରାଯିବାକୁ ସୁବିଧା ରହିଛି। ସୁବୃହତ୍ ରୋଗୀ ୱାର୍ଡ଼ ସହ ପର୍ଯ୍ୟାପ୍ତ ପରିମାଣର ସୂର୍ଯ୍ୟରଶ୍ମି ଓ ମୁକ୍ତବାୟୁ ଚଳାଚଳକୁ ରୋଗୀମାନେ ଯେପରି ଚିକିତ୍ସା ସମୟରେ ପାଇପାରିବେ ଓ ସେମାନଙ୍କ ମନୋବଳ ଯେପରି ଦୃଢ଼ ରହିବ ସେଥିଲାଗି ହସ୍ପିଟାଲ କର୍ତ୍ତୃପକ୍ଷ ସମସ୍ତ ପ୍ରକାର ବନ୍ଦୋବସ୍ତ କରିଛନ୍ତି। ଦୂରରୁ ଯାତ୍ରା କରୁଥିବା ରୋଗୀମାନଙ୍କ ପାଇଁ ନାମକୁ ମାତ୍ର ଦେୟରେ ସ୍ୱଚ୍ଛ ସମୟ ରହଣି ପାଇଁ ୩୦୦ଟି ଶୀତତାପ ନିୟନ୍ତ୍ରିତ ଗୃହ ଯୋଗାଇ ଦିଆଯିବ। କର୍କଟ ଅନୁସନ୍ଧାନରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ ଏକ ସମସାମୟିକ ଅନୁନ୍ଧାନ କେନ୍ଦ୍ର, ଯାହା ଅଙ୍କୋଲୋଜିରେ ବୈଜ୍ଞାନିକ ପ୍ରଗତିର କେନ୍ଦ୍ର ହେବ। ଏଠାରେ କର୍କଟ ରୋଗ ସମ୍ପର୍କିତ ଏକ ମ୍ୟୁଜିୟମ୍ ପ୍ରତିଷ୍ଠା କରାଯିବ, ଯେଉଁଥିରେ ବେଦ ଯୁଗରୁ ଅତ୍ୟାଧୁନିକ ଯୁଗ ଯାଏଁ କର୍କଟ ରୋଗ ଚିହ୍ନଟ ଓ ନିରାକରଣ ପଦ୍ଧତିକୁ ପ୍ରଦର୍ଶିତ କରାଯିବ। ଓଡ଼ିଶାର ଭୁବନେଶ୍ୱରରେ ଅବସ୍ଥିତ ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ ହେଉଛି ଏକ ଅଗ୍ରଣୀ ଅନୁଷ୍ଠାନ ଯାହାକି ସୁଲଭ ତଥା ଉଚ୍ଚମାନର କର୍କଟ ଚିକିତ୍ସା ଯୋଗାଇବା ପାଇଁ ଉତ୍ସର୍ଗୀକୃତ। ଏଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ ବି ଗ୍ରହଣୀୟ ଅଟେ।

# ସଫଳତା ପଛରେ ମାଆ ବାପାଙ୍କ ପ୍ରେରଣା

*ମାତ୍ର ୬ ବର୍ଷ ବୟସରୁ ସ୍କେଟିଂ ପ୍ରତି ନିଜର ଆଗ୍ରହ ଦେଖାଇଥିଲେ ଭୁବନେଶ୍ୱର ରଘୁନାଥପୁରର ବାସିନ୍ଦା ଶ୍ରୀମାନ ସାଇ ଶ୍ରୀୟାଂଶୁ ରାଉତ। ଆଜି ତାଙ୍କୁ ମାତ୍ର ୧୫ ବର୍ଷ ବୟସ, ଚନ୍ଦ୍ରଶେଖରପୁର ଡ଼ିଏଭି ସ୍କୁଲରେ ୯ମ ଶ୍ରେଣୀର ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି।*

## ଅଳ୍ପ ଆଳାପ

*ନିଜ ପୁଅର ସ୍କେଟିଂ ଖେଳ ପ୍ରତି ଆଗ୍ରହ ଦେଖି ମାଆ ଶ୍ରୀମତୀ ନମିତା ଓ ବାପା ଶ୍ରୀଯୁକ୍ତ ଜଗନ୍ନାଥ ରାଉତ ପୁଅକୁ ଓଡିଶା ସ୍କେଟିଂ ଏକାଡେମୀରେ ନାମ ଲେଖାଇଥିଲେ। ସେଠାରେ ତାଙ୍କୁ ପ୍ରଶିକ୍ଷଣ ଦେଉଥିଲେ ପାର୍ଥ ସାରଥୀ ଜେନା। ଏ ଭିତରେ ରାଜ୍ୟ ତଥା ରାଜ୍ୟ ବାହାରେ ନିଜ କ୍ରୀଡା ଦକ୍ଷତା ପ୍ରତିପାଦିତ କରି ଆଇସ୍ ସ୍କେଟିଂରେ ସ୍ୱର୍ଣ୍ଣ ପଦକ ବିଜେତା ହେବା ସହିତ ଅନେକ ମେଡାଲ ହାସଲ କରିଛନ୍ତି ସାଇ ଶ୍ରୀୟାଂଶୁ। ଭବିଷ୍ୟତରେ ଅଲମ୍ପିକ ପଦକ ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି। ଏଭଳି ଜଣେ ଉଦୀୟମାନ କ୍ରୀଡ଼ାବିତଙ୍କ ସହ ଏ ସପ୍ତାହ 'ଏକମାତ୍ର'ରେ ଅଳ୍ପ ଆଳାପ......*





'ଏକମାତ୍ର' ସମ୍ପାଦକ ତାରକ ମହାନ୍ତିଙ୍କ ସହିତ ସାଇ ଶ୍ରୀୟାଂଶୁ

***କେବେଠାରୁ ସ୍କେଟିଂ ପ୍ରତି ନିଜର ଆଗ୍ରହ ବଢ଼ିଲା ?***

ମୋତେ ମାତ୍ର ୬ ବର୍ଷ ବୟସ ହୋଇଥିଲା ବେଳେ ଟିଭିରେ ସ୍କେଟିଂ ଖେଳ ଦେଖି ନିଜକୁ ଏଥିରେ ସାମିଲ କରିବାର ଇଚ୍ଛା ପ୍ରକାଶ କରିଥିଲି।

***ଏହି ଇଚ୍ଛା ପୂରଣ କରିବାକୁ ସ୍କୁଲରେ ଖେଳ ଶିକ୍ଷକ ନା ଘରେ କାହାକୁ କହିଥିଲ ?***

ପ୍ରଥମେ ମାଆଙ୍କୁ ଓ ପରେ ବାପାଙ୍କୁ କହିଲି। ମାଆ ବାପା ଖୁବ ଖୁସି ହୋଇଥିଲେ ସେଦିନ। କାରଣ କୋମଳ ବୟସରୁ କ୍ରୀଡା ପ୍ରତି ମୋର ଆଗ୍ରହ ଦେଖି ବାପା ମୋତେ ଓଡିଶା ସ୍କେଟିଂ ଏକାଡେମୀରେ ନାମ ଲେଖାଇଦେଲେ। ସେଠାରେ ମୋର ପ୍ରଥମ କୋଚ ଭାବେ ପାର୍ଥ ସାରଥୀ ସାର ପ୍ରଶିକ୍ଷଣ ଆରମ୍ଭ କରିଥିଲେ।

***ପ୍ରଶିକ୍ଷଣ ଆରମ୍ଭ ପରେ କେଉଁ ଟୁର୍ଣ୍ଣାମେଣ୍ଟରେ ପ୍ରଥମେ ଭାଗ ନେଇଥିଲ ?***

ଓଡ଼ିଶାରେ କୋହିନ ଇଣ୍ଟରନ୍ୟାସନାଲ ପକ୍ଷରୁ କଟଣୀରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଥିଲା। ସେଥିରେ ଖେଳିବାକୁ ମୋ ଏକାଡେମୀ ମୋତେ ସୁଯୋଗ ପ୍ରଦାନ କଲା। ୨୦୨୨ ମସିହାରେ ପ୍ରଥମ ରୋଲ ବଲ ଚମ୍ପିୟାନ ଭାବେ ମୋ ନାମ ଘୋଷଣା ହୋଇଥିଲା।

***ଏହି ଖେଳରେ ବିଶେଷତ୍ୱ କଣ ?***

ଏହା ହେଉଛି 'ଗେମ କମ୍ବିନେସନ ଅଫ ବାସ୍କେଟ ବଲ, ସ୍କେଟିଂ ଆଣ୍ଡ ହ୍ୟାଣ୍ଡବଲ (ଥ୍ରୋ ବଲ)'।

***ଏତେ କମ ବୟସରେ ପାଠ ପଢା ସହିତ ସ୍କେଟିଂ ଖେଳର ସମନ୍ୱୟ କିପରି ହୁଏ ?***

ହଁ ଆଜ୍ଞା ନିଷ୍ଠା ରହିଲେ ପାଠ ସହିତ ଖେଳର ସମନ୍ୱୟ ରଖିହେବ। କାରଣ ମୁଁ ସ୍କୁଲରେ କ୍ଲାସ ସରିବା ପରେ ଖେଳ ଅଭ୍ୟାସ କରିଥାଏ। ପରେ ଟ୍ୟୁସନରେ ପାଠ ପଢେ ଏବଂ ରିଭିଜନ ମଧ୍ୟ କରିଥାଏ। ତେଣୁ ମୋ ପାଇଁ ପାଠ ପଢା ଯେତିକି ଗୁରୁତ୍ୱ ରଖେ ସ୍କେଟିଂ ମଧ୍ୟ ସେତିକି।

***ଏପର୍ଯ୍ୟନ୍ତ କେତୋଟି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କଲଣି ଓ କେତେ ପୁରସ୍କାର ମିଳିଛି ?***

ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇ ଅନେକ ଟୁର୍ଣ୍ଣାମେଣ୍ଟରେ ମୁଁ ଭାଗ ନେଇଛି। ପ୍ରତିଥର କିଛିନା କିଛି ପୁରସ୍କାର ପାଇଛି। କେଉଁଠି ପ୍ରଥମ ପୁରସ୍କାର ତ ଆଉ କେଉଁଠି ଦ୍ୱିତୀୟ ପଦକ ହାସଲ କରି ବେଜେତା ହୋଇଛି।

***ଭାରତରେ ସ୍କେଟିଂର ଭବିଷ୍ୟତ କିପରି ?***

ବିଶ୍ୱରେ ଯେଉଁ ପାଞ୍ଚ ଥର ସ୍କେଟିଂ ମ୍ୟାଚ ଆୟୋଜିତ ହୋଇଛି, ସେଥିରେ ଭାରତ ୪ ଥର ଚମ୍ପିୟାନ ହୋଇଛି। ଆଉ କିଛିବର୍ଷ ପରେ ଏହି କ୍ରୀଡା ଅଲମ୍ପିକ କ୍ରୀଡା ସହ ସାମିଲ ହେବ। ତେଣୁ ସ୍କେଟିଂର ଭବିଷ୍ୟତ ଆକଳନ କରନ୍ତୁ।

***ଏଥିରେ ନିଜର ଭବିଷ୍ୟତକୁ କିପରି ଦେଖୁଛନ୍ତି ?***

ସ୍କେଟିଂରେ ମୋର ଭବିଷ୍ୟତ ନିଶ୍ଚୟ ଅଛି ବୋଲି କହିବି। କାରଣ ମୁଁ ଯେତେବେଳେ ଇଷ୍ଟ ଜୋନ ପକ୍ଷରୁ ଆସାମରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ଦ୍ୱିତୀୟ ହେବାର ଗୌରବ ଅର୍ଜନ କଲି ସେଠାରେ ଅନେକ ପ୍ରଶିକ୍ଷକ ଓ କ୍ରୀଡ଼ାବିତଙ୍କ ସହ ମୋର ସାକ୍ଷାତ ହୋଇଥିଲା। ତେଣୁ ଭବିଷ୍ୟତରେ ଦେଶ ପାଇଁ ଖେଳି ପଦକ ହାସଲର ଲକ୍ଷ୍ୟ ରଖିଛି। ଓଡିଶା ପାଇଁ ଏହା ନିଶ୍ଚୟ ଗୌରବର କଥା ହେବ।

***ଭବିଷତରେ ସ୍କେଟିଂକୁ ବୃତ୍ତି ଭାବେ ନା ଆଉ କିଛି କରିବାର ସ୍ୱପ୍ନ ଦେଖୁଛନ୍ତି ?***

ଏ ବିଷୟରେ ଏବେଠାରୁ କିଛି ନିଷ୍ପତ୍ତି ନେଇହେବନି। କାରଣ ମୋର ଦଶମ ଶ୍ରେଣୀ ପରୀକ୍ଷା ସରିନାହିଁ। ଆଗକୁ ବିଜ୍ଞାନ କିମ୍ବା ବାଣିଜ୍ୟରେ ଉଚ୍ଚ ଶିକ୍ଷା ଲାଭ କରିବାର ଇଚ୍ଛା ରଖିଛି। ତେଣୁ ଏବେଠାରୁ ବୃତ୍ତି ବିଷୟ କହିପାରିବିନି।



# କଂଗ୍ରେସରୁ ଇସ୍ତଫା ଦେଲେ ତିନିଶହରୁ ଉର୍ଦ୍ଧ୍ୱ ଚାଞ୍ଚେର ମାଝୀଙ୍କ ସମର୍ଥକ

**ଥୁଆମୂଳ ରାମପୁର :** ଦେଶ ସ୍ୱାଧୀନତା କୁ ୭୭ ବର୍ଷ ପୂର୍ତ୍ତି ହୋଇଯାଇଛି ତଥାପି ଅବହେଳିତ ପଛୁଆ ଅଞ୍ଚଳ ଭାବରେ ରହିଆସିଛି ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ। ଏହି ଅଞ୍ଚଳର ବିକାଶ ହେବା ଦୂରର କଥା କେବଳ ନେତାଙ୍କର ହିଁ ଅନେକ ବିକାଶ ହୋଇଛି। ଯଦି ବ୍ୟକ୍ତିଗତ ବିକାଶ କ୍ଷେତ୍ରରେ ରାଜନେତା ଏଭଳି କାର୍ଯ୍ୟ କରିବେ ତେବେ ଅଞ୍ଚଳର ବିକାଶ କିଭଳି ଭାବରେ ହେବ। ତେବେ ଦୀର୍ଘ ବର୍ଷ ଧରି ବିଜେଡ଼ି ମଧ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀରେ ଶାସନ କରିଛି ଏବଂ ଲୋକେ ମଧ ନିସ୍ୱାର୍ଥପର ଭାବରେ ନିଜର ସମର୍ଥନ ଜଣାଇଛନ୍ତି, ତଥାପି କାହିଁକି ଅବହେଳିତ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ? ବିଜେଡ଼ି, ପିଜେପି, କଂଗ୍ରେସର ଏଭଳି କାର୍ଯ୍ୟକୁ ଦେଖି ଲୋକେ ବିଗତ ଦିନରେ ଏହି ଦଳ ମାନଙ୍କୁ ପ୍ରତ୍ୟାକ୍ଷାନ କରି ସ୍ୱାଧୀନ ପ୍ରାର୍ଥୀ ଭାବରେ ଲଢ଼ିବା ପାଇଁ ଇଚ୍ଛୁକ ଥିବା ଜଣେ ପ୍ରାର୍ଥି କୁ ବାଛିଥିବା ଜଣାପଡୁଛି। ବର୍ତ୍ତମାନ ୨୫ ବର୍ଷ ବିଜେଡିର ଗଡ ପାଲଟିଛି ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ। ହେଲେ ସେଅନୁସାରେ ବିକାଶ ହେବା କଥା ତାହା ହୋଇପାରିଲା ନାହିଁ। ଆଜିବି ଅଧିକାଂଶ ଅଞ୍ଚଳରେ ବିକାଶର ନାଁଗନ୍ଧ ଧରିପାରିଲା ନାହିଁ, ଏହାକୁ ନେଇ ଦୁର୍ଗମ ଅଞ୍ଚଳର ଲୋକେ ମଧ ବିଜେଡି, ବିଜେପି, କଂଗ୍ରେସ ଠାରୁ ମୁହଁ ଫେରେବା ଭଳି ଘଟଣା ଏବେ ଜଣାପଡିଛି। ଏହି ସୁଯୋଗରେ ବିଜେଡି



ଗଡକୁ ଭେଦ କରିବା ଉଦ୍ଦେଶ୍ୟରେ ଶ୍ରୀ ମାଝୀ ତାଙ୍କ ଉଦ୍ୟମ ଜାରିରଖିଛନ୍ତି ଓ ଏପରିପ୍ରେକ୍ଷୀରେ ଲଞ୍ଜିଗଡ ନିର୍ବାଚନ ମଣ୍ଡଳୀ ପାଇଁ ବର୍ତ୍ତମାନ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ମଙ୍ଗକୁ କିଏ ଧରିବ, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରୁଅଛି। ହେଲେ ନୂଆରେ ରାଜନୀତିକୁ ଆସିଛନ୍ତି ଜଣେ ଦିପ୍ତୀମନ୍ତ ନୂଆଁ ମୁହଁରେ ଆଗେଇ ଆସିଛନ୍ତି ଲାଞ୍ଜିଗଡ଼ ବ୍ଲକ ବସନ୍ତ ପଡାର ସରପଞ୍ଚ ତଥା ସମାଜସେବୀ ଚାଞ୍ଚେର ମାଝୀ। ଶ୍ରୀ ମାଝୀ ଲୋକଙ୍କ ପାଖକୁ ପହଞ୍ଚି ସୁଖ ଦୁଃଖରେ ସାଥି ହୋଇ ଅହରହ ଜନସେବା କରିବା ପାଇଁ ଅଣ୍ଟା ଭିଡିଛନ୍ତି। ସେ ନିସ୍ୱାର୍ଥପର ଭାବରେ ଜନସେବା କରିବା ପାଇଁ ବର୍ତ୍ତମାନ ଗୋଟିଏ ସୁସଙ୍ଗଠକ ଓ ନିରପେକ୍ଷ ଏକ ସମାଜସେବୀ ଭାବରେ ପୂର୍ବରୁ ତାଙ୍କ ନାଁ କରିଥିବା ବେଳେ ଏବେ ରାଜନୀତିରେ ରଣନୀତି ତିଆରି କରୁଛନ୍ତି, ଯାହାକି ଶୁକ୍ରବାର କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍‌ରେ ଦେଖିବାକୁ ମିଳିଥିଲା। ସେ ଥୁଆମୂଳ ଗ୍ରାମପଞ୍ଚାୟତ ନିକଟସ୍ଥ ରାଣୀଡୁମେର ଗ୍ରାମଠାରେ ତାଙ୍କ ସମର୍ଥକ ସଭ୍ୟଙ୍କୁ ନେଇ ଏକ ବୈଠକର ଆୟୋଜନ କରିଥିଲେ। ଏଥିରେ ନିଜେ ଚାଞ୍ଚେର ମାଝୀ ଯୋଗଦେଇଥିବା ବେଳେ ତାଙ୍କ ତିନିଶହରୁ ଉର୍ଦ୍ଧ୍ୱ ସମର୍ଥକ ଯୋଗଦେଇଥିଲେ ସେଥି ମଧ୍ୟରୁ ହରିହର କୁମ୍ଭାର, ରାଜେନ୍ଦ୍ର ମାଳି, ପରମାନନ୍ଦ ନାଏକ, ଗୁରୁବାରୁ ମାଝୀ, ଦାଶରଥି ନାଏକ ରାଜେନ୍ଦ୍ର ନାଏକ, ପଦ୍ମନ ନାଏକ, କର୍ଣ୍ଣ ନାଏକ, ଲାଇଚନ ଗୌଡ, ସାଗୁ ମାଝୀ, ସୁନାଧର ମାଝୀ, ଦଶରଥ ଗୌଡ, ଅର୍ଜୁନ ସୁନାନୀ, ରାମଚନ୍ଦ୍ର ମାଝୀ, ସୁବାଷ ମାଝୀ, ଦୁର୍ଯ୍ୟୋଧନ ଗୌଡ, ଲକ୍ଷ୍ମୀ କାନ୍ତ ନାଏକ ଭଳି ଅନେକ କଂଗ୍ରେସର ସକ୍ରିୟ କର୍ମୀ ଅଂଶଗ୍ରହଣ କରିଥିଲେ ଏବଂ ଶ୍ରୀ ମାଝୀଙ୍କୁ ସମର୍ଥନ ଜଣାଇ ସେମାନେ ମଧ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ଶ୍ରୀ ମାଝୀ ନୂଆଁ କରି ରାଜନୀତିରେ ପାଦ ପକାଇ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀର ଜଣେ ଜଣାଶୁଣା ରାଜନୈତିକ ବ୍ୟକ୍ତି ଭାବରେ ଲୋକଙ୍କର ସୁପରିଚିତ ନେତା ହୋଇ ଅଞ୍ଚଳରେ ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି କିଛି ଦିନ ତଳେ ଶ୍ରୀ ମାଝୀ ନିଜେ କଂଗ୍ରେସରୁ ନିଜର ସମର୍ଥକଙ୍କ ସହିତ ଇସ୍ତଫା ଦେଇଥିଲେ। କାରଣ ଦଳରେ ତାଙ୍କୁ ବାରମ୍ବାର ଅଣଦେଖା, ନେତୃବୃନ୍ଦଙ୍କ ଦ୍ୱାରା ପାତରଅନ୍ତର ନୀତି, ଅନୁପ୍ରବେଶ କାରୀଙ୍କୁ ପ୍ରାଥମିକତା ଆମ ସମସ୍ତଙ୍କ ପାଇଁ ଆଘାତ ଦେଇଛି ବୋଲି ସ୍ପଷ୍ଟ କରି କଂଗ୍ରେସରୁ ଇସ୍ତଫା ଦେଇ ବର୍ତ୍ତମାନ ସେ ନିଜର ସମର୍ଥକ ମାନଙ୍କ ସହିତ ବିଭିନ୍ନ ସ୍ଥାନରେ ବୈଠକ ଆୟୋଜନ କରୁଥିବା ଦେଖିବାକୁ ମିଳୁଛି।

# ବିଶାଳ ରକ୍ତଦାନ ଶିବିର

**ବସ୍ତା, (ଭରତ କୁମାର ଦାସ):** ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ମା ମନସା କ୍ଲବ ଆନୁକୂଲ୍ୟରେ ସରସ୍ୱତୀ ପୂଜା ୨୫ ବର୍ଷ ଅବସରରେ ଶୁକ୍ରବାର ନାଡବଣି ସ୍ଥିତ ଶିବ ମନ୍ଦିର ନିକଟରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁବାସିନୀ ଜେନା ଯୋଗ ଦେଇ ଏହି ଶିବିରକୁ ଉଦ୍‌ଘାଟନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଦିନରେ ଜିଲ୍ଲା ରକ୍ତ ଭଣ୍ଡାରର ରକ୍ତର ଘୋର



ଅଭାବକୁ ପରିଲକ୍ଷିତ କରି ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଟେକନିସିଆନ ରାଜେଶ କୁମାର ମିଶ୍ର, ପଲ୍ଲବୀ ମହାପାତ୍ର, ଶୁଚିସ୍ମିତା ଦାସ, ହେମଲତା ସେଠୀ ଓ ବିଦ୍ୟାଧର ସାହୁଙ୍କତତ୍ତ୍ୱାବଧାନରେ ରକ୍ତ ସଂଗୃହିତ ହୋଇଥିଲା। ଏହି କ୍ଲବର ସଭାପତି ସୁଶାନ୍ତ ଜେନା, ସମ୍ପାଦକ ସୁଶୀଲ ଜେନା, ସଦସ୍ୟ ଖଗେଶ୍ୱର ନାୟକ, ବଳରାମ ଜେନା, ଅନନ୍ତ ଜେନା, ରାଜେନ୍ଦ୍ର ନାୟକ, ସଞ୍ଜୟ ପ୍ରଧାନ, ସନ୍ୟାସୀ ଜେନା, ହରିହର ନାୟକ, ପ୍ରତୀକ ଜେନା, ପ୍ରଭଞ୍ଜନ ଜେନା, ସୌମ୍ୟ ରଞ୍ଜନ ଜେନା, ଓମ ଜେନା, ରାଜା ଜେନାଙ୍କ ସମେତ ସମସ୍ତ କର୍ମୀ ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ।

## ନିର୍ବାଚନ ଡ୍ୟୁଟିରେ ଥିବା କର୍ମଚାରୀଙ୍କୁ ମାଗଣା ଚିକିତ୍ସା

***ଭୁବନେଶ୍ୱର :*** *୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ବଡ଼ ନିଷ୍ପତ୍ତି ନେଇଛି। ନିର୍ବାଚନରେ ନିୟୋଜିତ ହେବାକୁ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ମାଗଣା ତଥା ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆୟୁକ୍ତ ତଥା ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା 'ବିଏସକେୱାଇ'ରେ ଅନୁବନ୍ଧିତ ହୋଇଥିବା ରାଜ୍ୟର ସମସ୍ତ ଘରୋଇ ହସ୍ପିଟାଲରେ ମାଗଣା ଚିକିତ୍ସା ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଉଲ୍ଲେଖ ରହିଛି।*










Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**